بِسْمِ اللّٰهِ الرَّحْمٰنِ الرَّحِيْمِ نَحْمَدُهٗ وَنُصَلِّيْ عَلٰى رَسُوْلِهِ الْكَرِيْمِ وَعَلٰى عَبْدِهِ الْمَسِيْحِ الْمَوْعُوْدِ

وَلَقَدْ نَصَرَكُمُ اللّٰهُ بِبَدْرٍ وَّاَنْتُمْ اَذِلَّةٌ

ଖଣ୍ଡ 6 | ସଂଖ୍ୟା 30

ସାପ୍ତାହିକ ବଦର୍ କାଦିଆନ

Weekly BADAR Qadian Odia

www.akhbarbadarqadian.in

ବାର୍ଷିକ ଦେୟ: ୫୭୫/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

29 ଜୁଲାଇ 2021 | 29 ୱଫା 1400 ହି.ଶ | 18 ଜୁଲହଜା 1442 ହି.କ

## ଅଲ୍ଲାଃ ତାଲାଙ୍କ ବାଣୀ

وَلَوْ اَنَّ اَهْلَ الْكِتٰبِ
اٰمَنُوْا وَاتَّقَوْا لَكَفَّرْنَا عَنْهُمْ
سَيِّاٰتِهِمْ وَلَاَدْخَلْنٰهُمْ جَنّٰتِ النَّعِيْمِ

(سورۃ المائدہ:66)

ଅନୁବାଦ- ଏବଂ ଯଦି ଗ୍ରନ୍ଥଧାରୀମାନେ ବିଶ୍ୱାସ କରନ୍ତେ ଏବଂ ଧର୍ମଭୀରୁତା ଅବଲମ୍ବନ କରନ୍ତେ ତେବେ ଆମ୍ଭେ ନିଶ୍ଚୟ ସେମାନଙ୍କଠାରୁ ସେମାନଙ୍କର କୁକାର୍ଯ୍ୟଗୁଡ଼ିକୁ ଦୂର କରି ଦିଅନ୍ତୁ; ଏବଂ ସେମାନଙ୍କୁ ନିଶ୍ଚୟ ସୁଖ-ସମ୍ପଦପୂର୍ଣ୍ଣ ଉଦ୍ୟାନରେ ପ୍ରବେଶ କରାନ୍ତୁ । *(ଅଲ୍‌ମାଇଦା: ୬୬)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମଅ.ବଙ୍କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱରଅ.ବଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁରଅ.ବଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥

**ରସୁଲୁଲ୍ଲାଃ ସ:ଆ:ସଙ୍କ ଉପରେ ନବୁଓ୍ୱତ ଶେଷ ହେବାର ଅର୍ଥ ହେଉଛି ଏହା ଯେ ସ୍ୱଭାବିକ ଭାବରେ ଆପଣ ସ:ଆ:ସଙ୍କ ଉପରେ ନବୁଓ୍ୱତ୍‌ର ସିଦ୍ଧତା ଶେଷ ହୋଇଯାଇଛି । ଅର୍ଥାତ ସେହି ସମସ୍ତ ବିବିଧ ସିଦ୍ଧତା ଯାହା ଆଦମ୍‌ଙ୍କଠାରୁ ନେଇ ମସିହ୍ ଇବ୍‌ନେ ମରିୟମ୍‌ଙ୍କ ପର୍ଯ୍ୟନ୍ତ ସମସ୍ତ ନବୀମାନଙ୍କୁ ପ୍ରଦାନ କରାଯାଇଥିଲା, କାହାକୁ କିଛି ତ' ଆଉ କାହାକୁ କିଛି ତାହା ସବୁ ଆପଣଙ୍କଠାରେ ଏକତ୍ରିତ କରିଦିଆଗଲା । ଏହିଭଳି ଆପଣ ସ:ଆ:ସ ସ୍ୱଭାବିକ ଭାବରେ ଖାତମୁନ୍ ନବୀୟିନ୍ ହେଲେ ।**

## ହଜରତ ମସିହ ମଉଦଆ.ସଙ୍କ ନୀତି ବାଣୀ

### ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ଖାତମୁନ୍ ନବୀୟିନ୍ (ଅର୍ଥାତ ନବୀମାନଙ୍କ ମୋହର) ହେବାର ମର୍ଯ୍ୟାଦା

ଆମକୁ ଅଲ୍ଲାଃ ତାଲା ଏପରି ନବୀ ଦେଇଛନ୍ତି, ଯିଏ ହେଉଛନ୍ତି ଖାତମୁଲ୍ ମୁମିନିନ୍, ଖାତମୁଲ୍ ଆରିଫିନ୍ ଏବଂ ଖାତମୁନ୍ ନବୀୟିନ୍ ଏବଂ ସେହିପରି ଏପରି ପୁସ୍ତକ ତାହାଙ୍କ ଉପରେ ଅବତୀର୍ଣ୍ଣ କରିଛନ୍ତି ଯାହା ହେଉଛି ଜାମେଉଲ୍ କୁତୁବ୍ ଏବଂ ଖାତମୁଲ୍ କୁତୁବ୍ (ଅର୍ଥାତ ଐଶିପୁସ୍ତକଗୁଡ଼ିକର ମୋହର ଅର୍ଥାତ ଶ୍ରେଷ୍ଠ ପୁସ୍ତକ) । ରସୁଲୁଲ୍ଲାଃ ସ:ଆ:ସ ହେଉଛନ୍ତି ନବୀ ଶ୍ରେଷ୍ଠ ଏବଂ ମହାଭାଗ ସ:ଆ:ସଙ୍କଠାରେ ନବୁଓ୍ୱତ ଶେଷ ହୋଇଯାଇଛି । ଏହି ନବୁଓ୍ୱତ୍ ଏପରି ଶେଷ ହୋଇଯାଇନାହିଁ ଯେପରି ଜଣେ ଗଳା ଚିପି ଶେଷ କରିଦିଏ । ଏପରି ଶେଷ ହେବାରେ କୌଣସି ଗୌରବ ନାହିଁ ବରଂ ରସୁଲୁଲ୍ଲାଃ ସ:ଆ:ସଙ୍କ ଉପରେ ନବୁଓ୍ୱତ ଶେଷ ହେବାର ଅର୍ଥ ହେଉଛି ଏହା ଯେ ସ୍ୱଭାବିକ ଭାବରେ ଆପଣ ସ:ଆ:ସଙ୍କ ଉପରେ ନବୁଓ୍ୱତ୍‌ର ସିଦ୍ଧତା ଶେଷ ହୋଇଯାଇଛି । ଅର୍ଥାତ ସେହି ସମସ୍ତ ବିବିଧ ସିଦ୍ଧତା ଯାହା ଆଦମ୍‌ଙ୍କଠାରୁ ନେଇ ମସିହ୍ ଇବ୍‌ନେ ମରିୟମ୍‌ଙ୍କ ପର୍ଯ୍ୟନ୍ତ ସମସ୍ତ ନବୀମାନଙ୍କୁ ପ୍ରଦାନ କରାଯାଇଥିଲା, କାହାକୁ କିଛି ତ' ଆଉ କାହାକୁ କିଛି ତାହା ସବୁ ଆପଣଙ୍କଠାରେ ଏକତ୍ରିତ କରିଦିଆଗଲା । ଏହିଭଳି ଆପଣ ସ:ଆ:ସ ସ୍ୱଭାବିକ ଭାବରେ ଖାତମୁନ୍ ନବୀୟିନ୍ ହେଲେ । ସେହିଭଳି ବିଭିନ୍ନ ପୁସ୍ତକରେ ପ୍ରଦାନ କରାଯାଇଥିବା ସମସ୍ତ ଶିକ୍ଷା, ମାର୍ଗଦର୍ଶନ ଏବଂ ଅନ୍ତଦୃଷ୍ଟି, ତାହା ସବୁ କିଛି ଆସି ପବିତ୍ର କୁର୍‌ଆନ୍‌ରେ ଶେଷ ହୋଇଗଲା ତେଣୁ ପବିତ୍ର କୁର୍‌ଆନ୍ ଖାତମୁଲ୍ କୁତୁବ୍ ବିବେଚିତ ହେଲା ।

### ଆମେ ପୁର୍ଣ୍ଣ ଅର୍ନ୍ତଦୃଷ୍ଟି ସହିତ ବିଶ୍ୱାସ କରୁଅଛୁ ଯେ ରସୁଲୁଲ୍ଲାଃ ସ:ଆ:ସ ହେଉଛନ୍ତି ଖାତମୁନ୍ ନବୀୟିନ୍

ଏଠାରେ ଏକଥା ମଧ୍ୟ ମନେ ରଖିବା ଉଚିତ ଯେ ମୋ ଉପରେ ଓ ମୋ ଜମାତ୍ ଉପରେ ଯେଉଁ ଆପତି ଓ ଅଭିଯୋଗ କରାଯାଉଅଛି ଯେ ଆମେ ରସୁଲୁଲ୍ଲାଃ ସ:ଆ:ସଙ୍କୁ ଖାତ୍‌ମୁନ୍ ନବୀୟିନ୍ ବୋଲି ମାନୁନାହୁଁ । ଏହା ଆମ ବିରୁଦ୍ଧରେ ଏକ ବଡ଼ ଅପବାଦ । ଆମେ ଯେଉଁ ଦୃଢ଼ ବିଶ୍ୱାସ, ଦୃଢ଼ ଜ୍ଞାନ ଏବଂ ଦୃଢ଼ ଅର୍ନ୍ତଦୃଷ୍ଟି ସହିତ ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କୁ ଖାତମୁଲ୍ ଅମ୍ବିୟା ରୂପେ ମାନୁଛୁ ଓ ବିଶ୍ୱାସ କରୁଅଛୁ, ଏହାର ଲକ୍ଷେ ଭାଗରୁ ଭାଗେ ମଧ୍ୟ ଏମାନେ ମାନୁନାହାନ୍ତି । ସେମାନଙ୍କଠାରେ ଏପରି ଗୁଣ ହିଁ ନାହିଁ । ଖାତମୁଲ୍ ଅମ୍ବିୟା ସ:ଆ:ସଙ୍କ ଖତ୍‌ମେ ନବୁଓ୍ୱତରେ ଯେଉଁ ବାସ୍ତବିକତା ଓ ଭେଦ ରହିଛି, ସେମାନେ ତାହାକୁ ବୁଝିନାହାନ୍ତି । ସେମାନେ କେବଳ ତାଙ୍କ ପିତୃପୁରୁଷମାନଙ୍କଠାରୁ ଗୋଟିଏ ଶବ୍ଦ ଶୁଣି ନେଇଛନ୍ତି ଓ ତାହାର ବାସ୍ତବତା ବିଷୟରେ ଅଜ୍ଞ ଓ ସେମାନେ ଜାଣିନାହାନ୍ତି ଯେ ଖତ୍‌ମେ ନବୁଓ୍ୱତ କ'ଣ ? ଓ ତା' ଉପରେ ବିଶ୍ୱାସ ଆଣିବାର ତାତ୍ପର୍ଯ୍ୟ କ'ଣ ? କିନ୍ତୁ ଆମେ ପୂର୍ଣ୍ଣ ଅର୍ନ୍ତଦୃଷ୍ଟି ସହିତ (ଯାହାକୁ ଅଲ୍ଲାଃ ତାଲା ଭଲ ଭାବରେ ଜାଣନ୍ତି) ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କୁ ଖାତମୁଲ୍ ଅମ୍ବିୟା ରୂପେ ବିଶ୍ୱାସ କରୁଅଛୁ । ସର୍ବଶକ୍ତିମାନ ଇଶ୍ୱର ଆମ ଉପରେ ଖତ୍‌ମେ ନବୁଓ୍ୱତ୍‌ର ବାସ୍ତବିକତାକୁ ଏପରି ପ୍ରକାଶ

*ଅବଶିଷ୍ଟାଂଶ ପୃଷ୍ଠା-୨ ରେ ଦେଖନ୍ତୁ...*

## ନବୀ ସ:ଆ:ସଙ୍କ ବାଣୀ

### ଜକାତ୍ ହେଉଛି ଗରୀବମାନଙ୍କର ହକ୍

(୧୩୯୫) ହଜ୍‌ରତ୍ ଇବ୍‌ନେ ଅବାସ୍ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ନବୀ ସ:ଆ:ସ ହଜ୍‌ରତ୍ ମାଆଜ୍ ର:ଅଙ୍କୁ ୟମନ୍ ଆଡ଼କୁ ପଠାଇଲେ ଓ କହିଲେ: ସେମାନଙ୍କୁ ଏହି ଶାହାଦତ୍ (ସାକ୍ଷ୍ୟ) ପ୍ରତି ଆମନ୍ତ୍ରଣ କର ଯେ ଅଲ୍ଲାଃଙ୍କ ବ୍ୟତୀତ ଅନ୍ୟ କୌଣସି ଦେବତା ନାହାନ୍ତି ଏବଂ ମୁଁ ହେଉଛି ଅଲ୍ଲାଃଙ୍କର ରସୁଲ୍ (ଦୂତ) । ଅତଏବ ଯଦି ସେମାନେ ମାନି ନିଅନ୍ତ ତା'ହେଲେ ସେମାନଙ୍କୁ (ଏହା) ବତାଅ ଯେ ଅଲ୍ଲାଃ ତାଲା ସେମାନଙ୍କ ପାଇଁ ରତି ଏବଂ ଦିନ ମଧ୍ୟରେ ପାଂଚଥର ନମାଜ ପଢ଼ିବା ଧାର୍ଯ୍ୟ କରିଛନ୍ତି । ଯଦି ସେମାନେ ଏହାକୁ ବି ମାନିନିଅନ୍ତି ତା ହେଲେ ପୁଣି ତାଙ୍କୁ ବତାଅ ଯେ ଅଲ୍ଲାଃ ତାଲା ସେମାନଙ୍କ ଉପରେ ଧନସମ୍ପତି ମଧ୍ୟରୁ ସଦ୍‌କା ବି ଧାର୍ଯ୍ୟ କରିଛନ୍ତି ଯାହା ସେମାନଙ୍କ ଧନୀ ଲୋକମାନଙ୍କଠାରୁ ନିଆ ଯାଇ ସେମାନଙ୍କ ମଧ୍ୟରେ ଥିବା ଅଭାବୀ ଲୋକମାନଙ୍କୁ ଫେରାଇ ଦିଆଯିବ ।

### ଏପରି କାର୍ଯ୍ୟ ଯାହା ଜନ୍ନତ (ବୈକୁଣ୍ଠ)କୁ ନେଇଯାଏ

(୧୩୯୬) ହଜ୍‌ରତ୍ ଅବୁ ଅୟୁବ୍ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ଜଣେ ବ୍ୟକ୍ତି ନବୀ ସ:ଆ:ସଙ୍କୁ ଅନୁରୋଧ କଲେ: ମତେ ଏପରି କିଛି କାମ ବତାନ୍ତୁ ଯାହା ମତେ ବୈକୁଣ୍ଠକୁ ନେଇଯିବ । ଲୋକମାନେ କହିଲେ: ଏହାକୁ କ'ଣ ହୋଇଛି ? ଆକୁ କ'ଣ ହୋଇଛି ? (ଅର୍ଥାତ ତାକୁ ଏହା ପଚାରିବାର କ'ଣ ଆବଶ୍ୟକ ?) ନବୀ ସ:ଆ:ସ କହିଲେ: ବହୁତ ବଡ଼ ଆବଶ୍ୟକ ରହିଛି । (ତୁମକୁ ଏହା ଦରକାର ଯେ) ଅଲ୍ଲାଃଙ୍କ ଉପାସନା କର ଓ ତାହାଙ୍କ ସହିତ କାହାକୁ ବି ସମକକ୍ଷ କର ନାହିଁ ଏବଂ ନମାଜ ସଠିକ୍ ଭାବରେ ପାଠ କର ଏବଂ ଜକାତ ଦିଅ ଏବଂ ପ୍ରୀୟଜନ ଓ ନିକଟ ସମ୍ପର୍କୀୟମାନଙ୍କ ସହିତ ଉତମ ବ୍ୟବହାର କର ।।

***(ସହି ବୁଖାରୀ, ଖଣ୍ଡ-୩, କିତାବୁଲ୍ ଜକାତ୍, ମୁଦ୍ରଣ ୨୦୦୮ କାଦିଆନ୍)***

**ଏକେଶ୍ୱରବାଦ ଏବଂ ଅନେକେଶ୍ୱରବାଦର ସମୟ ଏ ଦୁନିଆରେ ଆସିଥାଏ ଫଳତଃ ଏକେଶ୍ୱରବାଦୀ କୌମ୍ ଗୁଡ଼ିକ ଅନେକେଶ୍ୱରବାଦୀ ହୋଇଯାଇଥାନ୍ତି ଓ ଅନେକେଶ୍ୱରବାଦୀମାନେ ଏକେଶ୍ୱରବାଦୀ ହୋଇଯାଇଥାନ୍ତି ।**

**ସବୁବେଳେ ଏକେଶ୍ୱରବାଦର ସମୟ ଅନେକେଶ୍ୱରବାଦ ଯୁଗ ପୂର୍ବରୁ ହିଁ ଆସିଥାଏ । ଏହି ସିଦ୍ଧାନ୍ତ ଅନ୍ତର୍ଗତ ଏକେଶ୍ୱରବାଦକୁ ଐଶିପ୍ରଦତ ଏବଂ ଅନେକେଶ୍ୱରବାଦକୁ ଅବନତିର ଏକ ସ୍ଥାନ ରୂପେ ସ୍ୱୀକାର କରିବାକୁ ପଡ଼ିଥାଏ**

ସୟଦନା ହଜ୍‌ରତ୍ ମୁସ୍‌ଲେହ ମଉଦ ର:ଅ ସୁରଃ ଇବ୍ରାହିମ୍‌ର ଆୟତ ନଂ-୩୭ **ୱ ଇଜ୍ କାଲା ଇବ୍ରାହିମୁ ରବ୍‌ବିଜ୍ ଅଲ୍ ହାଜଲ୍ ବଲଦା ଆମିନଓଁ ୱଜ୍‌ନୁବ୍‌ନି ୱ ବନିୟା ଅନ୍ ନାବୁଦଲ୍ ଅସ୍‌ନାମ** ର ବ୍ୟାଖ୍ୟା କରି କହିଛନ୍ତି:-

ଏହି ଦୁଆ (ପ୍ରାର୍ଥନା)ରୁ ଜଣା ପଡୁଛି ଯେ ହଜ୍‌ରତ୍ ଇବ୍ରାହିମ୍ ଆ:ସ ଏକଥା ଜାଣିଥିଲେ ଯେ ଏ ଇଲାକାରେ ସିର୍କ (ଅନେକେଶ୍ୱର ବାଦ) ବ୍ୟାପିବାକୁ ଅଛି । ସେଥିପାଇଁ ତ' ସେ ଦୁଆ କଲେ ଯେ ହେ ଇଶ୍ୱର ! ମତେ ଓ ମୋ ସନ୍ତାନମାନଙ୍କୁ ସିର୍କରୁ ବଂଚିତ କର । ନ ହେଲେ ଯେଉଁ ସମୟରେ ଦୁଆ କରାଯାଇଥିଲା ସେତେବେଳେ ମକ୍କାରେ ସିର୍କର ଚିହ୍ନବର୍ଣ୍ଣ ହିଁ ନଥିଲା । କେବଳ ହଜ୍‌ରତ୍ ଇସ୍‌ମାଇଲ୍ ଆ:ସଙ୍କ ଘର ଥିଲା ବା ସେହି ଲୋକମାନେ ବସବାସ କରୁଥିଲେ ଯେଉଁମାନେ ତାଙ୍କ ଅଧିନରେ ଥିଲେ ।

ଏହି ଦୁଆ ରୁ ଏକଥା ମଧ୍ୟ ଜଣାପଡୁଛି ଯେ ଏକେଶ୍ୱରବାଦ ଏବଂ ଅନେକେଶ୍ୱରବାଦର ସମୟ ଏ ଦୁନିଆରେ ଆସିଥାଏ ଫଳତଃ ଏକେଶ୍ୱରବାଦୀ କୌମ୍ ଗୁଡ଼ିକ ଅନେକେଶ୍ୱରବାଦୀ ହୋଇଯାଇଥାନ୍ତି ଓ ଅନେକେଶ୍ୱରବାଦୀମାନେ ଏକେଶ୍ୱରବାଦୀ ହୋଇଯାଇଥାନ୍ତି ଏବଂ ଏକେଶ୍ୱରବାଦର ଶୀର୍ଷ ସ୍ଥାନରେ ପହଂଚିଥିବା ଜାତି ସମ୍ବନ୍ଧରେ ମଧ୍ୟ ଏହା କୁହାଯାଇପାରିବ ନାହିଁ ଯେ ଏବେ ସେ ସିର୍କ (ଅନେକେଶ୍ୱରବାଦ)ର ପ୍ରଭାବରୁ ସୁରକ୍ଷିତ ରହିଛି ବୋଲି । ଏହି ଶିକ୍ଷାରୁ ଧର୍ମ ଧର୍ମ ମଧ୍ୟରେ ତୁଳନା କରୁଥିବା ଲୋକମାନଙ୍କ ଭାବନା ମଧ୍ୟ ରଦ୍ଦ

ହୋଇଥାଏ । ଅର୍ଥାତ (ସେମାନଙ୍କର ଏ ମତ ଯେ) ଏକେଶ୍ୱରବାଦ ସିର୍କରୁ ଉନ୍ନତି କରି କରି ସୃଷ୍ଟି ହୋଇଥାଏ । ପବିତ୍ର କୁର୍‌ଆନ୍‌ରୁ ଜଣାପଡୁଛି ଯେ ଏକେଶ୍ୱରବାଦ ପରେ ଅନେକେଶ୍ୱରବାଦ ପୁଣି ଅନେକେଶ୍ୱରବାଦ ପରେ ଏକେଶ୍ୱରବାଦର ଯୁଗ ଆସିଥାଏ ଏବଂ ସବୁବେଳେ ଏକେଶ୍ୱରବାଦର ସମୟ ଅନେକେଶ୍ୱରବାଦ ଯୁଗ ପୂର୍ବରୁ ହିଁ ଆସିଥାଏ । ଏହି ସିଦ୍ଧାନ୍ତ ଅନ୍ତର୍ଗତ ଏକେଶ୍ୱରବାଦକୁ ଐଶିପ୍ରଦତ ଏବଂ ଅନେକେଶ୍ୱରବାଦକୁ ଅବନତିର ଏକ ସ୍ଥାନ ରୂପେ ସ୍ୱୀକାର କରିବାକୁ ପଡ଼ିଥାଏ । ଧର୍ମଗୁଡ଼ିକର ତୁଳନା କରୁଥିବା ଲୋକମାନଙ୍କ ସିଦ୍ଧାନ୍ତର ବିପରୀତ । ସେମାନଙ୍କ ଅନୁସାରେ ଅଲ୍ଲାଃ ତାଲାଙ୍କ ପ୍ରତି ଧ୍ୟାନ ଭୟ ଏବଂ ଆଶ୍ଚର୍ଯ୍ୟ ହେତୁ ଜନ୍ମ ନେଇଛି ଏବଂ ଏହା ଶିର୍କରୁ ଉନ୍ନତି କରି କରି ଏକେଶ୍ୱରବାଦର ସ୍ଥିତିରେ ପହଂଚିଛି, ଏହି ମତାନ୍ତର ସାଧାରଣ ଲାଗୁଛି କିନ୍ତୁ ଏହି ମତାନ୍ତର ଫଳରେ ଧର୍ମ ଏହା କହିଲା ଯେ ଈଶ୍ୱର ମଣିଷକୁ ସୃଷ୍ଟି କରିଛନ୍ତି କିନ୍ତୁ ଧର୍ମର ତୁଳନା କରୁଥିବା ଲୋକମାନେ କହିଲେ ଯେ ମଣିଷ ଈଶ୍ୱରଙ୍କୁ ସୃଷ୍ଟି କରିଛି । ଅର୍ଥାତ ଈଶ୍ୱରଭାବନା ହେଉଛି ମଣିଷ ମସ୍ତିଷ୍କର ଉଭାବନ ଏବଂ ଏହାର ପୂର୍ଣ୍ଣତା ମାନବିକ ଦର୍ଶନର ପୂର୍ଣ୍ଣତା ଦ୍ୱାରା ହୋଇଅଛି ।

ଏହି ଆୟତ ଉପରେ ଏ ପ୍ରଶ୍ନ ସୃଷ୍ଟି ହେଉଅଛି ଯେ କ'ଣ ଇବ୍ରାହିମ୍ ଶିର୍କ କରିପାରିଥାନ୍ତେ ? ଯଦି ନୁହେଁ ତା'ହେଲେ ସେ ଏ ଦୁଆ କାହିଁକି କଲେ ଯେ ହେ ଈଶ୍ୱର ! ମତେ ଶିର୍କରୁ ବଂଚାନ୍ତୁ । ଏହି ପ୍ରଶ୍ନର ଉତର ହେଉଛି ଏହା କି ମାନବର ଶକ୍ତି ଦୁଇ ପ୍ରକାରର ଗୋଟିଏ ହେଉଛି ତାହା ଯାହାକୁ ଅଲ୍ଲାଃ ତାଲା ତାକୁ ତା' ଜନ୍ମରୁ ହିଁ ପ୍ରଦାନ କରିଛନ୍ତି । ସେ ବିଷୟରେ ସେ ଦୁଆ କରେନାହିଁ । ଉଦାହରଣ ସ୍ୱରୁପ ଏହା କହେ ନାହିଁ ଯେ ହେ ଈଶ୍ୱର ! ମୋର ତ' ଗୋଟିଏ ମୁଣ୍ଡ ଅଛି ଦୁଇଟି ନ ହୋଇଯାଉ । ଦ୍ୱିତୀୟ ଶକ୍ତି ହେଉଛି ତାହା ଯାହା ମନୁଷ୍ୟକୁ ତା' ଚେଷ୍ଟା ଦ୍ୱାରା କିମ୍ବା ତାକୁ କୌଣସି ଉପହାର ସଦୃଶ ମିଳିଥାଏ । ଅର୍ଥାତ ମଣିଷ ନିଜେ ଉନ୍ନତି କରି ତାକୁ ପ୍ରାପ୍ତ କରିଥାଏ ବା ଈଶ୍ୱରଙ୍କ ବିଶେଷ କୃପା ତାକୁ ଅନ୍ୟ ମଣିଷଠାରୁ ସ୍ୱତନ୍ତ୍ର ଭାବରେ ପ୍ରଦାନ କରାଯାଇଥାଏ । ଏପରି ଶକ୍ତି ମଧ୍ୟରେ ଯେହେତୁ ଅବନତିର ସମ୍ଭାବନା ଥାଏ ତେଣୁ ସେଥିପାଇଁ ଦୁଆ ଜାରି ରଖାଯାଇଅଛି । ତାହା ଅଲ୍ଲାଃ ତାଲାଙ୍କ ପ୍ରତିଶ୍ରୁତି କାହିଁକି ନ ହେଉ ଯେ ସେ ତାକୁ ଅମୁକ ପୁରସ୍କାର ଦେବ । କାରଣ ଏହି ଦୁଆ (ପ୍ରାର୍ଥନା)ରେ ବାସ୍ତବିକ ଏ କଥାର ସ୍ୱୀକାର କରାଯାଇଥାଏ ଯେ ଏହି ପୁରସ୍କାର ମୋର ନିଜସ୍ୱ ନୁହେଁ ବରଂ ଈଶ୍ୱରଙ୍କଠାରୁ ଉପହାର ସଦୃଶ ପ୍ରାପ୍ତ ହୋଇଅଛି । ଏହି ସିଦ୍ଧାନ୍ତ ଅନ୍ତର୍ଗତ ଅମ୍ବିୟା (ନବୀ ଓ ସଂସ୍କାରକମାନେ) ନବୁଓ୍ୱତ ରୂପକ ପୁରସ୍କାର ସମ୍ବନ୍ଧରେ ମଧ୍ୟ ଦୁଆ କରିଚାଲିଥାନ୍ତି । ଯେମିତି ହଜ୍‌ରତ୍ ଇବ୍ରାହିମ୍ ଆ:ସଙ୍କର ଏହି ଦୁଆ ବା ରସୁଲେ୍ କରିମ ସ:ଆ:ସଙ୍କ ଦୁଆ ରହିଛି । **ରବ୍‌ବି ଜିଦ୍‌ନି ଇଲ୍‌ମା** ବା ଇସ୍‌ତିଗ୍‌ଫାର୍ ଏବଂ ତୌବାଃ ଅମ୍ବିୟାମାନଙ୍କ ହୃଦୟରେ ରହିଥାଏ । ଏହି ରହସ୍ୟକୁ ବୁଝି ନ ପାରିବା ଯୋଗୁଁ କିଛି ଲୋକେ ଅମ୍ବିୟାମାନଙ୍କ ଇସ୍‌ତେଗ୍‌ଫାର୍ ଓ ତୌବାଃ କରିବା ଦେଖି ଧୋକା ଖାଉଛନ୍ତି ଓ ଭାବୁଛନ୍ତି ଯେ ବୋଧ ହୁଏ ସେମାନେ ପାପୀ ଥିଲେ । ଯେବେ କି ସେମାନଙ୍କ ଇସ୍‌ତେଗ୍‌ଫାର୍ ଓ ତୌବାଃର ଅର୍ଥ ହେଉଛି ଏହା କି ଯେଉଁ ପବିତ୍ର ସ୍ଥାନ ଓ ପଦବୀ ସେମାନେ ଅଳଙ୍କୃତ କରିଛନ୍ତି ତାହା ଈଶ୍ୱରଙ୍କ ତରଫରୁ ପ୍ରଦାନ କରାଯାଇଅଛି ତେଣୁ ତାହାକୁ ଜାରି ରଖିବା ପାଇଁ ସେମାନେ ଦୁଆ (ପ୍ରାର୍ଥନା) କରିଥାନ୍ତି । କାରଣ ତାହାର ଧାରା ଅଲ୍ଲାଃ ତାଲାଙ୍କ କୃପାରୁ ଜାରି ରହିଥାଏ ।

ଏହି ଆଧାରରେ ପବିତ୍ର କୁର୍‌ଆନ୍‌ରେ ବାରମ୍ବାର **ଓ୍ୱ ଅଲଲ୍‌ଲ୍ଲାହି ଫଲ୍‌ୟତଓ୍ୱକ୍‌କଲିଲ୍ ମୁତଓ୍ୱକ୍କିଲୁନ୍** ଆସିଛି । ଅର୍ଥାତ ସିଦ୍ଧତା ସତ୍ୱେ ମଧ୍ୟ ମଣିଷକୁ ଈଶ୍ୱରଙ୍କ ଉପରେ ଭରସା ରଖିବା ଉଚିତ । କାରଣ ସେହି ସିଦ୍ଧତା ଈଶ୍ୱରଙ୍କ ଉପରେ ଭରସା କରିବା ଯୋଗୁଁ ହିଁ ହାସଲ ହୋଇଛି ଏବଂ ସେହି ଭରସା ଓ ସମର୍ଥନକୁ ସ୍ୱୀକାର କରିବା ନିଜ ପାଇଁ ଓ ଅନ୍ୟମାନଙ୍କ ପାଇଁ ମାର୍ଗଦର୍ଶନର କାରଣ ହୋଇଥାଏ । ***(ତଫ୍‌ସୀର୍ କବୀର୍, ଖଣ୍ଡ-୩, ପୃ-୪୮୩.......୨୦୧୦ କାଦିଆନ୍)***

*ପୃଷ୍ଠା- ୦୧ ର ଅବଶିଷ୍ଟାଂଶ ......*

କରିଦେଇଛନ୍ତି ଯେ ସେହି ଜ୍ଞାନ ରୂପକ ସର୍ବତ ଯାହା ଆମକୁ ପିଇବାକୁ ଦିଆଯାଇଛି, ସେଥିରେ ଯେଉଁ ବିଶେଷ ଆନନ୍ଦ ଆମକୁ ମିଳୁଅଛି ତାହାର ଅନୁମାନ କେହି କରିପାରିବେ ନାହିଁ କେବଳ ସେ ହିଁ ଅନୁଭବ କରିପାରିବ ଯିଏ ଏହି ଝରଣାରୁ ସନ୍ତୁଷ୍ଟ ହୋଇଥିବ ।

ପାର୍ଥିବ ଉଦାହରଣ ମଧ୍ୟରୁ ଆମେ ଖତ୍‌ମେ ନବୁଓ୍ୱତ୍‌ର ଉଦାହରଣ ଏପରି ଦେଇପାରିବା ଯେ ଯେମିତି ଚନ୍ଦ୍ର ହିଲାଲ୍ (ଅର୍ଥାତ ପ୍ରଥମ ଦିନର ଚନ୍ଦ୍ରର ଆକାର)ରୁ ଆରମ୍ଭ ହୋଇଥାଏ ଏବଂ ଚତୁର୍ଦ୍ଦଶ ରାତ୍ରିରେ ସମ୍ପୂର୍ଣ୍ଣ ହୋଇଥାଏ । ସେତେବେଳେ ତାହାକୁ ବଦର (ଅର୍ଥାତ ପୂର୍ଣ୍ଣଚନ୍ଦ୍ର) କୁହାଯାଏ । ସେହି ସମାନ ଢ଼ଙ୍ଗରେ ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ଉପରେ ନବୁଓ୍ୱତ୍‌ର ଉତ୍କର୍ଷତା ଶେଷ ହୋଇଗଲା ଅର୍ଥାତ ସମ୍ପୂର୍ଣ୍ଣ ହେଲା । ଯେଉଁମାନଙ୍କର ଏ ବିଶ୍ୱାସ ରହିଛି ଯେ ନବୁଓ୍ୱତ ବଳପୂର୍ବକ ସମାପ୍ତ ହୋଇଯାଇଛି ଏବଂ ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କୁ ୟୁନୁସ୍ ବିନ୍ ମତା (ମତାଙ୍କ ପୁତ୍ର ୟୁନୁସ୍)ଙ୍କ ଉପରେ ମଧ୍ୟ ଶ୍ରେଷ୍ଠତା ନ ଦିଆଯାଉ, ସେମାନେ ଏହି ବାସ୍ତବତାକୁ ବୁଝି ହିଁ ନାହାନ୍ତି ଏବଂ ଆଁ ହଜ୍‌ରତ୍ ସ:ଆ:ସଙ୍କ ଅନ୍ତର୍ନିହିତ ଗୁଣ ଓ ସିଦ୍ଧତା ବିଷୟରେ ସେମାନଙ୍କର କିଛି ଜ୍ଞାନ ହିଁ ନାହିଁ । ସେମାନଙ୍କର ନିଜର ଦୁର୍ବଳ ବୁଝାମଣା ଓ ଏହି ଜ୍ଞାନର ଅଭାବ ସତ୍ୱେ ମଧ୍ୟ, ସେମାନେ ଆମକୁ ଏହା କହୁଛନ୍ତି ଯେ ଆମେ ହେଉଛୁ ଖତ୍‌ମେ ନବୁଓ୍ୱତ୍‌ର ଅସ୍ୱୀକାରୀ । ମୁଁ ଏପରି ରୋଗୀମାନଙ୍କୁ କ'ଣ କହିବି ? ଏବଂ ସେମାନଙ୍କ ପାଇଁ କ'ଣ ଦୁଃଖ ପ୍ରକାଶ କରିବି ? ଯଦି ସେମାନଙ୍କର ଅବସ୍ଥା ଏପରି ନ ହୋଇଥାନ୍ତା, ଯଦି ସେମାନେ ଇସ୍‌ଲାମ୍ ଠାରୁ ଏତେ ଦୁରରେ ନଥାନ୍ତେ, ତେବେ ମୋ ଆଗମନର କ'ଣ ଆବଶ୍ୟକତା ଥିଲା ? ଏହି ଲୋକମାନଙ୍କର ବିଶ୍ୱାସ ଅତ୍ୟନ୍ତ ଦୂର୍ବଳ ହୋଇଯାଇଛି ଏବଂ ଏମାନେ ଇସ୍‌ଲାମ୍‌ର ପ୍ରକୃତ ଅର୍ଥ ଓ ଉଦ୍ଦେଶ୍ୟ ବିଷୟରେ ଅବଗତ ନୁହନ୍ତି । ନଚେତ ଈଶ୍ୱରଙ୍କ ପୁରୁଷ ବିରୁଦ୍ଧରେ ଏପରି ଶତୃତା ଆଚରଣ କରିବାର କୌଣସି କାରଣ ନଥିଲା । ଯାହା ଜଣକୁ କାଫିର୍ (ଅର୍ଥାତ ଅବିଶ୍ୱାସୀ) ବନାଇ ଦିଏ । ***(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୩୧୧-୩୧୩ ମୁଦ୍ରଣ ପ୍ରକାଶନ୨୦୧୮ କାଦିୟାନ)***

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୦ ର ଅବଶିଷ୍ଟାଂଶ ......*

ଯେତେବେଳେ ତାଙ୍କୁ ଏକଥା ବତାଗଲା ଯେ, ହଜୁର ଅନଓ୍ୱର ଅ:ବ:ଅ ଆଉ ଗୋଟିଏ ମସ୍‌ଜିଦ୍ ମଧ୍ୟ ଉଦ୍‌ଘାଟନ କରିଛନ୍ତି ଏବଂ ହଜୁର ଅନଓ୍ୱର ଅ:ବ:ଅ ପ୍ରତ୍ୟେକ ଅହେମଦୀ ସହିତ ବ୍ୟକ୍ତିଗତ ଭାବେ ଚିଠିପତ୍ର ଜରିଆରେ ସମ୍ପର୍କ ରଖିବାକୁ ଚେଷ୍ଟା କରୁଛନ୍ତି । ଏକଥା ଜାଣିବାପରେ ସେ ବହୁତ ଆଶ୍ଚର୍ଯ୍ୟ ହୋଇ ପଚାରିଲେ ଯେ, ହଜୁର ଅନଓ୍ୱର ଅ:ବ:ଅ ଏହି ସବୁ କାମ କିଭଳି କରୁଛନ୍ତି ?

ଯେତେବେଳେ ସେ ଏକଥା ଶୁଣିଲେ ଯେ, ହଜୁର ଅନଓ୍ୱର ଅ:ବ:ଅ ଫୁଲ୍‌ଡ଼ା ଠାରେ ଗୋଟିଏ ହଦିସ୍ ବର୍ଣ୍ଣନା କରିଥିଲେ ଯେଉଁଥିରେ ଆଁ ହଜ୍‌ରତ୍ ସ:ଆ:ସ ଗୋଟିଏ ଇସାଇ ପ୍ରତିନିଧି ମଣ୍ଡଳକୁ ମସ୍‌ଜିଦ୍ ଭିତରେ ସେମାନଙ୍କର ନିଜସ୍ୱ ଶୈଳୀରେ ଉପାସନା କରିବା ପାଇଁ ଅନୁମତି ଦେଇଛନ୍ତି, ସେ ନିଜର ଇଚ୍ଛା ପ୍ରକାଶ କଲେ ଯେ, ମୁଁ ମଧ୍ୟ ଆପଣଙ୍କ ମସ୍‌ଜିଦ୍‌ରେ ଉପାସନା କରିବାପାଇଁ ଆସିବି ।

Ulrich Lenz ସାହେବ ଯିଏ ହେଉଛନ୍ତି ସ୍ଥାନୀୟ ବାସିନ୍ଦା ସେ କହିଲେ, ମୁଁ ଯମାତ୍‌କୁ ୩୦ ବର୍ଷ ହେବ ଜାଣିଛି ଏବଂ ଏ ଜମାତ୍ ସମ୍ବନ୍ଧରେ ଆଜି ପର୍ଯ୍ୟନ୍ତ ସବୁକିଛି ମତେ ଭଲ ଲାଗିଛି । ଯମାତ୍ ଅହେମଦୀୟାର ଇମାମ୍‌ଙ୍କ ବ୍ୟକ୍ତିତ୍ୱ ବହୁତ ପ୍ରଭାବଶାଳୀ କିନ୍ତୁ ତାଙ୍କର ବୈଭବ ଗୋଟିଏ ଶାନ୍ତି ଓ ପ୍ରେମ ଭାବ ନିଜ ଭିତରେ ଧରି ରଖିଛି ତାହାର ଉପସ୍ଥିତି ମଧ୍ୟ ଶାନ୍ତି ଓ ପ୍ରେମର ପ୍ରଭାବ ପକାଉଛି । ପ୍ରତ୍ୟେକ ଧର୍ମର ଉଦ୍ଦେଶ୍ୟ ହେଉଛି ସମସ୍ତଙ୍କ ପାଇଁ ଶାନ୍ତି ଚାହିଁବା ।

Canel ସାହିବା ଯିଏ ପୂର୍ବତନ ମେମ୍ବର ଅଫ୍ ପାର୍ଲାମେଂଟ ଅଟନ୍ତି । ସେ କହୁଛନ୍ତି ଯେ, ଇମାମ୍ ଯମାତ୍ ଅହେମଦୀୟାଙ୍କ ଅଭିଭାଷଣ ଆମ୍ଭାକୁ ବୋଧ କରିଦେଉଥିଲା ଏବଂ ସାମାଜିକ ପରିସ୍ଥିତିର ସଂଜ୍ଞା ନିରୁପଣ କଲେ ତାହା ସତ୍ୟ ଉପରେ ଆଧାରିତ ଏବଂ ବିଲ୍‌କୁଲ୍ ଠିକ୍ କଥା ।

Stefan Lehsfeld ସାହେବ କହିଲେ ଯେ, ଜମାତ୍ ଅହେମଦିୟା ଇମାମ୍‌ଙ୍କର ଉପସ୍ଥିତି ବୃଦ୍ଧି ରହିଛି ଓ ସେ ହେଉଛନ୍ତି ଜଣେ, ମର୍ଯ୍ୟାଦା ପୁରୁଷ ଏବଂ ତାଙ୍କର ଭାଷଣ ବହୁତ ଉଚ୍ଚ କୋଟୀର ଏବଂ ଆର୍ନ୍ତଜାତିୟ ଅବସ୍ଥା ଉପରେ ତାଙ୍କର ଗଭୀର ଜ୍ଞାନ ରହିଛି ଏବଂ ତାଙ୍କର ନ୍ୟାୟପୂର୍ଣ୍ଣ ଦୃଷ୍ଟିର ପ୍ରତିଫଳନ କରୁଅଛି ।

Felix Kuck ସାହେବ କହିଲେ, ଯମାତ୍ ଅହେମଦୀୟାର ଇମାମ୍ ଅତ୍ୟନ୍ତ ଶିକ୍ଷିତ ବ୍ୟକ୍ତି ଅଟନ୍ତି ତାଙ୍କ ସହିତ ମିଶି ଏହା ଅନୁଭବ ହେଉଛି ଯେ, ସେ ଆର୍ନ୍ତଜାତିୟ ଦୃଷ୍ଟିକୋଣରୁ ମାମଲାଗୁଡ଼ିକ ଉପରେ ଗଭୀର ନଜର ରଖିଛନ୍ତି ଓ ଜଣେ ପ୍ରଭାବଶାଳୀ ବ୍ୟକ୍ତି ଅଟନ୍ତି । ସେ ଧର୍ମ ଧର୍ମ ମଧ୍ୟରେ ଥିବା ରାସ୍ତାଗୁଡ଼ିକୁ ଖୋଲୁଛନ୍ତି ଓ ଆପୋଷରେ ଥିବା ସନ୍ଦେହ ଭାବକୁ ଦୁର କରିବାପାଇଁ ପ୍ରକୃତ ଆଗ୍ରହ ରଖିଛନ୍ତି ଏବଂ ଆର୍ନ୍ତଜାତିୟ ଓ ଅନ୍ତଃଧର୍ମ ବାର୍ତାଳାପ ପାଇଁ ସକାରାତ୍ମକ ପରିବେଶକୁ ପ୍ରୋତ୍ସାହିତ କରୁଛନ୍ତି ।

Wolfgang Merkmann ସାହେବ କହିଲେ, ମତେ ହଜୁର ଅନଓ୍ୱର ଅ:ବ:ଅଙ୍କ ଅସ୍ତିତ୍ୱ ଏପରି ଲାଗୁଥିଲା ଯେମିତି ଆପଣଙ୍କୁ ପୃଥିବୀର କୌଣସି ଶକ୍ତି ଇସ୍‌ଲାମ୍‌ର ଏହି ଶାନ୍ତିପୂର୍ଣ୍ଣ ବାର୍ତାକୁ ପ୍ରଚାର ପ୍ରସାର କରିବାରୁ ରୋକି ପାରିବ ନାହିଁ । ସେ ଜଣେ ଶକ୍ତିଶାଳୀ ଓ ମଜ୍‌ଭୁତ୍ ବ୍ୟକ୍ତି ବିଶେଷ ଅଟନ୍ତି । ତାଙ୍କ ତର୍କର ଆଧାର ହେଉଛି ମଣିଷ ଜାତି ପ୍ରତି ଥିବା ସଚ୍ଚା ସହାନୁଭୂତି ଓ ମାନବିକ ମୂଲ୍ୟବୋଧ ପ୍ରତିଷ୍ଠା କରିବାପାଇଁ ନିସ୍ୱାର୍ଥପର ଚେଷ୍ଟା ଉପରେ ଆଧାରିତ । କିଏ ଏପରି ଅଛି ଯିଏ ଏମିତି ଶକ୍ତିଶାଳୀ, ପବିତ୍ରମୟ ଏବଂ ନିଷ୍ଠାବାନ ବ୍ୟକ୍ତିଙ୍କ ଚେଷ୍ଟାକୁ ରୋକିପାରିବ ।

*କ୍ରମଶଃ......*

## ଜରୁରୀ ଘୋଷଣା

### ହଜୁର ଅନଓ୍ୱର ଆପଣମାନଙ୍କ ଚିଠି ଦେଖୁଛନ୍ତି ଓ ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି ।

ଯେଉଁମାନେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦୁହୁଲ୍ଲାହୁ ତାଲାଙ୍କ ପବିତ୍ର ଗୋଚରେ ଚିଠି ଲେଖୁଛନ୍ତି ସେହି ସମସ୍ତ ପୁରୁଷ ଓ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି ଯେ:-

ସେମାନଙ୍କର ସମସ୍ତ ଚିଠି ନିତ୍ୟାନୁସାରେ ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲାଙ୍କ ଗୋଚରେ ପେଶ୍ କରାଯାଉଅଛି । ଯଦିଚ କରୋନା ଭାଇରସ ଯୋଗୁଁ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି, ସେଥିଯୋଗୁଁ ଚିଠିର ଉତର ଲେଖୁଥିବା ସଦସ୍ୟମାନଙ୍କ ସଂଖ୍ୟା କମ୍ କରିଦିଆ ଯାଇଅଛି ତେଣୁ ସେହି ସମସ୍ତ ଚିଠିର ଗୋଟି ଗୋଟି କରି ଉତର ପଠାଇବା ସମ୍ଭବ ନୁହେଁ । ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲା ଆପଣମାନଙ୍କ ଚିଠି ପଢ଼ି ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି । ଅଲ୍ଲାଃ ତାଲା କୃପା ଓ ଦୟା କରନ୍ତୁ, ଏହି ମହାମାରୀ ଏବଂ ଅନ୍ୟାନ୍ୟ ସମସ୍ତ ବିପଦ ଆପଦରୁ ପ୍ରତ୍ୟେକଙ୍କୁ ବଂଚାନ୍ତୁ । ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ଏବଂ ସର୍ବଦା ତାହାଙ୍କ ପ୍ରେମପୂର୍ଣ୍ଣ ଦୃଷ୍ଟି ଆପଣମାନଙ୍କ ଉପରେ ପଡୁଥାଉ ।

*(ମୁନିର୍ ଅହ୍‌ମଦ୍ ଜାଓ୍ୱେଦ୍, ପ୍ରାଇଭେଟ୍ ସେକ୍ରେଟାରୀ)*

# : ଖୁତ୍‌ବା ଜୁମା :

**ଇଶ୍ୱରଙ୍କ ସୌଗନ୍ଧ ! ହଜ୍‌ରତ୍ ଉମର୍ ର:ଅ ଯାହା କିଛି କୁହନ୍ତି ତାହା ପୂରଣ କରନ୍ତି । କଠୋରତା ଅବସରରେ କଠୋର ହୁଅନ୍ତି ଏବଂ ନମ୍ର ଅବସରରେ ନମ୍ରତାରେ ବଢ଼ି ଯାଆନ୍ତି । ଏପରି କି ସେ ଲୋକମାନଙ୍କ ପରିବାରର ବାପା ହୋଇଗଲେ ।**

**'ହଜ୍‌ରତ୍ ଉମର୍ ର:ଅଙ୍କୁ ଦେଖନ୍ତୁ ତାଙ୍କ ଦିପ୍ତି ଓ ଦବ୍‌ଦବା ଯୋଗୁଁ ଗୋଟିଏ ପଟେ ଦୁନିଆର ବଡ଼ ବଡ଼ ସମ୍ରାଟ ଥରି ଉଠୁଥିଲେ । କୈସର୍ ଏବଂ କିସ୍‌ରା ସାମ୍ରାଜ୍ୟ ଥର ହର ହେଉଥିଲା କିନ୍ତୁ ଅନ୍ୟ ପଟେ ଅନ୍ଧାର ରାତିରେ ଜଣେ ଗାଉଁଲି ମହିଳାର ପିଲାମାନଙ୍କୁ ଭୋକିଲା ଅବସ୍ଥାରେ ଦେଖି ହଜ୍‌ରତ୍ ଉମର୍ ର:ଅଙ୍କ ପରି ମହାନ ପଦମର୍ଯ୍ୟାଦା ସମ୍ପନ୍ନ ମଣିଷ ବ୍ୟତିବ୍ୟସ୍ତ ହୋଇଯାଉଛନ୍ତି ଓ ନିଜ ପିଠି ଉପରେ ଅଟା ବସ୍ତା ଲଦି ଓ ହାତରେ ଘିଅ ଡ଼ବା ଧରି ତାଙ୍କ ନିକଟରେ ପହଂଚୁଛନ୍ତି ଓ ସେ ପର୍ଯ୍ୟନ୍ତ ସେଠାରୁ ଫେରୁନାହାନ୍ତି ଯେ ପର୍ଯ୍ୟନ୍ତ ସେ ନିଜେ ନିଜ ହାତରେ ଖାଦ୍ୟ ପ୍ରସ୍ତୁତ କରି ସେହି ପିଲାମାନଙ୍କୁ ଖୁଆଇବାକୁ ନ ଦେଇଛନ୍ତି ଓ ସେମାନେ ଶାନ୍ତିରେ ଶୋଇ ନଯାଇଛନ୍ତି ।'' (ମୁସ୍‌ଲେହ୍ ମଉଦ୍ ର:ଅ)**

**ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ମହାନ୍ ପଦମର୍ଯ୍ୟାଦା ସମ୍ପନ୍ନ ବଦ୍‌ରୀ ସାହାବି ଦ୍ୱିତୀୟ ଖଲିଫା ରାଶିଦ୍ ଫାରୁକ୍ ଆଜମ୍ ହଜ୍‌ରତ୍ ଉମର୍ ବିନ୍ ଖତାବ୍ ର:ଅଙ୍କ ପ୍ରଶଂସନୀୟ ଗୁଣାବଳୀର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା**

**ଚାରିଜଣ ମର୍‌ହୁମିନ୍: ମୋକରମ୍ ଅବ୍‌ଦୁଲ୍ ଓହିଦ୍ ଓଡ଼ାଇଚ୍ ସାହେବ୍ ସଦର୍ ଜମାତ୍ ୱାଲଡ଼ଶଟ୍ ଜର୍ମାନୀ, ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଅଣ ନାତୁଣୀ ମୋହ୍‌ତରମା ଅମ୍‌ତୁଲ୍ ନୂର୍ ସାହିବା ପତ୍ନୀ ଡ଼ାଃ: ଅବ୍‌ଦୁଲ୍ ମାଲିକ୍ ଶମିମ୍ ସାହେବ ୱାଶିଂଟନ ଆମେରୀକା, ମୋକରମା ବିସ୍‌ମିଲ୍ଲାଃ ବେଗମ୍ ସାହିବା ପତ୍ନୀ ମୋକରମ୍ ନାସିର୍ ଅହେମଦ୍ ଖାନ୍ ସାହେବ୍ ବାହାଦୂର ଶେର୍ ମର୍‌ହୁମ୍ (ଅଫିସର ବିଶେଷ ସୁରକ୍ଷା ବାହିନୀ ରବ୍‌ୱା) ଏବଂ ମୋକରମ୍ କର୍ଣ୍ଣଲ୍ ଜାୱେଦ୍ ରୁଶ୍‌ଦି ସାହେବ ଅଫ୍ ରାୱଲ୍‌ପିଣ୍ଡିଙ୍କ ପ୍ରଶଂସନୀୟ ସୁଗୁଣାବଳୀର ଚର୍ଚ୍ଚା ଓ ନମାଜ୍ ଯନାଜାଃ ଗାଏବ୍ ପାଠ ।**

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ.ବ**
**(ପ୍ରଦତ୍: ୨୫ ଜୁନ ୨୦୨୧ ଅନୁଯାୟୀ ୨୫ ଏହ୍‌ସାନ୍ ୧୪୦୦ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

أَشْهَدُ أَنْ لَا إِلٰهَ إِلَّا اللّٰهُ وَحْدَهُ لَا شَرِيكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُولُهُ
أَمَّا بَعْدُ فَأَعُوذُ بِاللّٰهِ مِنَ الشَّيْطٰنِ الرَّجِيمِ - بِسْمِ اللّٰهِ الرَّحْمٰنِ الرَّحِيمِ -
اَلْحَمْدُ لِلّٰهِ رَبِّ الْعٰلَمِينَ - الرَّحْمٰنِ الرَّحِيمِ - مٰلِكِ يَوْمِ الدِّينِ - إِيَّاكَ نَعْبُدُ وَإِيَّاكَ نَسْتَعِينُ -
اِهْدِنَا الصِّرَاطَ الْمُسْتَقِيمَ - صِرَاطَ الَّذِينَ أَنْعَمْتَ عَلَيْهِمْ غَيْرِ الْمَغْضُوبِ عَلَيْهِمْ وَلَا الضَّالِّينَ -

ବିଗତ ଖୁତ୍‌ବାରେ ହଜ୍‌ରତ୍ ଉମର୍ ର:ଅଙ୍କର ଜୀବନୀ ଚର୍ଚ୍ଚା ଚାଲିଥିଲା । ସେହି କ୍ରମରେ ଏହାର ଅବଶିଷ୍ଟାଂଶ ଚର୍ଚ୍ଚା କରିବି । ଜୈଦ୍ ବିନ୍ ଅସ୍‌ଲମାଙ୍କଠାରୁ ବର୍ଣ୍ଣିତ ଅଛି ଯେ ତାଙ୍କ ବାପା ବର୍ଣ୍ଣନା କଲେ ଯେ ମୁଁ ଥିରେ ହଜ୍‌ରତ୍ ଉମର୍ ର:ଅଙ୍କ ସହିତ ହରରାଃ ୱାକିମ୍ ଆଡ଼କୁ ଗଲି । ଏହା ଦୁଇଟି ହର୍‌ରାଃ ମଧ୍ୟସ୍ଥ ଏକ ସ୍ଥାନ ଅଟେ । କଳା ପଥୁରିଆ ଜମିକୁ ହର୍‌ରାଃ କୁହାଯାଏ । ମଦିନାର ପୂର୍ବ ଦିଗ ହର୍‌ରାଃ ୱାକିମ୍ ରହିଛି ଯାହାକୁ ହର୍‌ରାଃ ବନୁ କୁରୈଜାଃ ମଧ୍ୟ କୁହାଯାଏ । ଆଉ ଗୋଟିଏ ହେଉଛି ହର୍‌ରତୁଲ୍ ୱବୁରାଃ । ତାହା ମଦିନାର ପଶ୍ଚିମ ଦିଗରେ ତିନି ମାଇଲ ଦୂରତାରେ ଅବସ୍ଥିତ । ସେ ଯାହା ହେଉ । ସେ କହିଲେ, ଯେ ମୁଁ ସେଠାକୁ ଗଲି । ଯେବେ ଆମେ ସିରାର୍ ନମାକ ସ୍ଥାନରେ ପହଂଚିଲୁ ଦେଖିବାକୁ ପାଇଲୁ ଯେ ଗୋଟିଏ ସ୍ଥାନରେ ନିଆଁ ଜଳୁଥିଲା । ସିରାର୍ ମଧ୍ୟ ମଦିନାଠାରୁ ତିନି ମାଇଲ୍ ଦୂରତାରେ ଅବସ୍ଥିତ । ହଜ୍‌ରତ୍ ଉମର୍ ର:ଅ କହିଲେ: ହେ ଅସ୍‌ଲମ୍ ! ମୁଁ ଭାବୁଛି ଇଏ ଜଣେ ମୁସାଫିର୍ ହୋଇଥିବେ ଯାହାକୁ ରାତି ସମୟରେ ଥଣ୍ଡା ଏଠାରେ ରୋକି ରଖିଛି ମୋ ସହିତ ଆସ । ସୁତରାଂ ଆମେ ଶିଘ୍ର ଶିଘ୍ର ଯାଇ ସେଠାରେ ତାଙ୍କ ନିକଟରେ ପହଂଚିଲୁ ଓ ଦେଖିବାକୁ ପାଇଲୁ ଯେ, ଜଣେ ମହିଳା ସହିତ ତା'ର ପିଲାମାନେ ଅଛନ୍ତି ଏବଂ ଚୁଲି ଉପରେ ହାଣ୍ଡିଟିଏ ବସିଛି । ପିଲାମାନେ ଭୋକରେ ଆଉଟୁ ପାଉଟୁ ହୋଇ ଭେଁ ଭେଁ କାନ୍ଦୁଛନ୍ତି । ହଜ୍‌ରତ୍ ଉମର୍ ର:ଅ କହିଲେ ଅସ୍‌ସଲାମୋ ଆଲୈକୁମ୍ ହେ ଆଲୋକ କରିଥିବା ଲୋକ ! ହଜ୍‌ରତ୍ ଉମର୍ ର:ଅ ନିଆଁ ଜଳାଇଥିବା ଲୋକ କହିବାକୁ ପସନ୍ଦ କଲେନାହିଁ ବରଂ ଆଲୋକ କରିଥିବା ଲୋକ କହିଲେ । ସେହି ମହିଳା ଜଣକ ୱ ଆଲୈକୁମ୍ ଅସ୍‌ସଲାମ୍ କହିଲେ । ହଜ୍‌ରତ୍ ଉମର୍ ର:ଅ କହିଲେ: କ'ଣ ମୁଁ ପାଖକୁ ଆସିପାରିବି କି ? ସେହି ମହିଳା ଜଣକ କହିଲେ: ଭଲରେ ଆସନ୍ତୁ ନଚେତ ଲେଉଟି ଯାଅ । ଅର୍ଥାତ ଯଦି କିଛି ଭଲ କଥା କହିବାର ଅଛି ତା'ହେଲେ ଆସ ନଚେତ ଏଠାରୁ ଚାଲିଯାଅ । ହଜ୍‌ରତ୍ ଉମର୍ ର:ଅ ପାଖକୁ ଯାଇ ପଚାରିଲେ ଯେ ତୁମମାନଙ୍କୁ କ'ଣ ହୋଇଛି ? ମହିଳା ଜଣକ କହିଲେ ରାତି ସମୟ ଏବଂ ଥଣ୍ଡ ହେଉଥିବା ଯୋଗୁଁ ଆମେ ଏଠାରେ ରହିଯାଇଛୁ । ପୁଣି ହଜ୍‌ରତ୍ ଉମର୍ ର:ଅ ପଚାରିଲେ ଯେ ଏହି ପିଲାମାନଙ୍କୁ କ'ଣ ହୋଇଛଇ ଯେ ସେମାନେ ରଡ଼ି ଛାଡ଼ି କାନ୍ଦୁଛନ୍ତି ? ସେହି ମହିଳା ଜଣକ କହିଲେ ଭୋକ ଯୋଗୁଁ କାନ୍ଦୁଛନ୍ତି । ହଜ୍‌ରତ୍ ଉମର୍ ର:ଅ ପଚାରିଲେ ଯେ ଏହି ହାଣ୍ଡିରେ କ'ଣ ଅଛି କି ? ସେହି ମହିଳା ଜଣକ ଉତର ଦେଲେ ଯେ, ତହିଁରେ କେବଳ ପାଣି ରହିଛି ଏବଂ ଏହାରି ମାଧ୍ୟମରେ ମୁଁ ନିଜ ପିଲାମାନଙ୍କୁ ସାନ୍ତ୍ୱନା ଦେଉଛି ଯଦ୍ୱାରା ସେମାନେ ଶୋଇଯିବେ । ଅଲ୍ଲାଃ ତାଲା ଆମମାନଙ୍କ ମଧ୍ୟରେ ଓ ହଜ୍‌ରତ୍ ଉମର୍ ର:ଅଙ୍କ ମଧ୍ୟରେ ବିଚାର କରିବେ । ହଜ୍‌ରତ୍ ଉମର୍ ର:ଅ କହିଲେ ହେ ନାରୀ ! ଅଲ୍ଲାଃ ତାଲା ତୁମ ଉପରେ ଦୟା କରନ୍ତୁ । ତୁମ ଅବସ୍ଥା ସଂପର୍କରେ ଉମର୍‌ଙ୍କୁ କିପରି ଜ୍ଞାତ ହୋଇପାରିବ ? ସେହି ମହିଳା କହିଲା ଯେ, ସେ ଆମ ସମସ୍ତ ପ୍ରସଙ୍ଗର ନିରୀକ୍ଷକ ଅଟନ୍ତି ଏହା ସତ୍ତ୍ୱେ ମଧ୍ୟ ଆମର ଅବହେଳା କରିଛନ୍ତି ଅସ୍‌ଲମ୍ ଯିଏ ହଜ୍‌ରତ୍ ଉମର୍ ର:ଅଙ୍କ ସାଥିରେ ଥିଲେ, ସେ କହୁଛନ୍ତି ଯେ ପୁଣି ହଜ୍‌ରତ୍ ଉମର୍ ର:ଅ ମୋ ପାଖକୁ ଆସି କହିଲେ ଆମ ସହିତ ଚାଲ । ପୁଣି ଆମେ ଶୀଘ୍ର ଶୀଘ୍ର ଚାଲି ଦାରୁଲ୍ ଦକିକ୍ ରେ ପହଂଚିଲୁ । ହଜ୍‌ରତ୍ ଉମର୍ ର:ଅ ନିଜ ଶାସନ କାଳରେ **ଦାରୁଲ୍ ଦକିକ୍** ନାମକ ଗୋଟିଏ ଅଟ୍ଟାଳିକା ତିଆରି କରିଥିଲେ । ସେଥିରେ ଅଟା, ଛତୁଆ, ଖଜୁରୀ କୋଳି, ଖିସ୍‌ମିସ୍ ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଜିନିଷ ଯାହା ଜଣେ ମୁସାଫିର୍‌କୁ ଦରକାର ପଡ଼ିଥାଏ, ତାହା ସେଠାରେ ଉପଲବ୍ଧ ଥିଲା । ଅସ୍‌ଲମ୍ କୁହନ୍ତି ଯେ, ହଜ୍‌ରତ୍ ଉମର୍ ର:ଅ ମକ୍କା ଓ ମଦିନା ମଧ୍ୟରେ ଅନେକ ପାନ୍ଥଶାଳା ମଧ୍ୟ ନିର୍ମାଣ କରିଥିଲେ, ଯେଉଁଠି ଯାତ୍ରୀମାନଙ୍କର ଆବଶ୍ୟକତା ନିମନ୍ତେ ପ୍ରତ୍ୟେକ ବସ୍ତୁ ଉପଲବ୍ଧ ଥିଲା । ସେ ଯାହା ହେଉ ଆପଣ ସ:ଆ:ସ ସେଠାରେ ପହଂଚି ଏକ ବସ୍ତା ଶସ୍ୟ ଏବଂ ଡ଼ବାଏ ତେଲ, ଅର୍ଥାତ ଘିଅ ଥଳି ଧରି କହିଲେ ଯେ, ଏ ସବୁ ମୋ ହାତରେ ଧରାଇଦିଅ । ଅସ୍‌ଲମ୍ କହିଲେ, ହଜୁର ଏସବୁ ସାମଗ୍ରୀ ମୁଁ ଉଠାଇ ନେଉଛି । କିନ୍ତୁ ହଜ୍‌ରତ୍ ଉମର୍ ର:ଅ ଦୁଇ/ତିନି ଥର କହିଲେ ନା, ଏ ସମସ୍ତ ଜିନିଷ ମୋ ହାତକୁ ଟେକିଦିଅ । ମୁଁ ପ୍ରତ୍ୟେକ ଥର କହୁଥାଏ ଯେ ଆପଣଙ୍କ ସ୍ଥାନରେ ମୁଁ ଏହାକୁ ଉଠାଇ ଦେଉଛି । ମୋର ଏଭଳି ବାରମ୍ବାର କହିବା ଯୋଗୁଁ ପରିଶେଷରେ ହଜ୍‌ରତ୍ ଉମର୍ ର:ଅ କହିଲେ ଭଗବାନ ତୁମର ମଙ୍ଗଳ କରନ୍ତୁ । କ'ଣ ତୁମେ ପ୍ରଳୟ ଦିବସ ଦିନ ମୋର ଭାରକୁ ବହନ କରିବ ? ଏହା ଶୁଣି ମୁଁ ସେହି ବସ୍ତାକୁ ତାଙ୍କ ପିଠିରେ ଲଦି ଦେଲି । ଏତଦ୍ ପରେ ଆପଣ ର:ଅ ଉକ୍ତ ଗହମ ବସ୍ତାକୁ ଉଠାଇ ଶୀଘ୍ର ସେହି ମହିଳା ନିକଟରେ ପହଂଚିଲେ ଆପଣ ର:ଅ ସେହି ବସ୍ତାକୁ ପିଠିରୁ ଓହ୍ଲାଇ ସେହି ମହିଳାଙ୍କ ନିକଟରେ ରଖିଦେଲେ ଏବଂ ସେଥିରୁ କିଛି ଅଟା ବାହାର କରି ତାଙ୍କୁ କହିଲେ ଯେ ହାଣ୍ଡିରେ ଏହାକୁ ଧିରେ ଧିରେ ପକାଅ ଓ ମୁଁ ତୁମ ପାଇଁ ଏହାକୁ ଘାଂଟୁଅଛି । ଅନ୍ୟ ଏକ ସ୍ଥାନରେ ଲେଖାଯାଇଛି ଯେ ହଜ୍‌ରତ୍ ଉମର୍ ର:ଅ କହିଲେ ଯେ ତୁମେ ଧିରେ ଧିରେ ଅଟାକୁ (ହାଣ୍ଡିରେ) ଢ଼ାଳ ମୁଁ ତୁମ ପାଇଁ ହରିରାଃ ପ୍ରସ୍ତୁତ କରୁଅଛି । ପୁଣି ହଜ୍‌ରତ୍ ଉମର୍ ର:ଅ ଚୂଲି ଜାଳିବା ପାଇଁ ଫୁଙ୍କିବାକୁ ଲାଗିଲେ । ଅସ୍‌ଲମ୍ କହୁଛନ୍ତି ଯେ ହଜ୍‌ରତ୍ ଉମର୍ ର:ଅଙ୍କର ଘନ ଓ ଲମ୍ବା ଦାଢ଼ି ଥିଲା । ମୁଁ ଦେଖିବାକୁ ପାଇଲି ଯେ ଧୁଆଁ ତାଙ୍କ

ଦାଢ଼ି ଭିତରୁ ବାହାରୁଥିଲା । ଅର୍ଥାତ ଧୂଆଁ ତାଙ୍କ ଚେହେରାରେ ମଧ୍ୟ ଲାଗିଥିଲା ଓ ଦାଢ଼ି ଉପରେ ପଶି ବାହାରକୁ ବାହାରି ଯାଉଥିଲା । ଯେତେବେଳେ ଖାଦ୍ୟ ପ୍ରସ୍ତୁତ ହୋଇଗଲା ହଜ୍‌ରତ୍ ଉମର୍ ର:ଅ ହାଣ୍ଡିକୁ ଚୂଲିରୁ ଓହ୍ଲାଇ ଦେଲେ । କହିଲେ କୌଣସି ଏକ ପାତ୍ର ଆଣ । ସେହି ମହିଳା ଗୋଟିଏ ପ୍ଲେଟ୍ ଘେନି ଆଣିଲେ । ଆପଣ ର:ଅ ସେଥିରେ ଖାଦ୍ୟ ବାଢ଼ିଲେ ଓ କହିଲେ ଯେ ତୁମେ ଏହି ପିଲାମାନଙ୍କୁ ଖୁଆଅ । ମୁଁ ତୁମ ପାଇଁ ଖାଦ୍ୟକୁ ଖେଳାଇ ଦେଉଛି ଫଳତଃ ଏହା ଥଣ୍ଡା ହୋଇଯିବ । ଆପଣ ର:ଅ ଅନବରତ ଏହିପରି ଖାଦ୍ୟକୁ ଅନ୍ୟ ପାତ୍ରରେ ଖେଳାଇ ଥଣ୍ଡା କରୁଥିଲେ ଏପରି କି ସେହି ପିଲାମାନେ ପେଟ ପୂରା ଖାଦ୍ୟ ଖାଇନେଲେ । ଯାହା କିଛି ଖାଦ୍ୟ ବଂଚିଗଲା ସେ ସବୁକୁ ହଜ୍‌ରତ୍ ଉମର୍ ର:ଅ ତାଙ୍କ ନିକଟରେ ଛାଡ଼ିଦେଲେ । ଅସ୍‌ଲମ୍ କହୁଛନ୍ତି: ପୁଣି ଆପଣ ର:ଅ ଛିଡ଼ା ହେଲେ ଓ ମୁଁ ମଧ୍ୟ ତାଙ୍କ ସହିତ ଛିଡ଼ା ହେଲି । ଏହା ଦେଖି ସେହି ମହିଳା ଜଣକ କହିଲେ ଅଲ୍ଲାଃ ତାଲା ଆପଣଙ୍କୁ ଏହାର ଉତମ ପ୍ରତିଫଳ ପ୍ରଦାନ କରନ୍ତୁ । ତୁମେ ଏ ବିଷୟରେ ଅମୀରୁଲ୍ ମୁମିନିନ୍‌ଙ୍କ ଠାରୁ ଅଧିକା ହକ୍‌ଦାର ଅଟ ଅର୍ଥାତ ଉତମ ପ୍ରତିଫଳ ପାଇବାର ଅଧିକ ହକ୍‌ଦାର । ଏହା ଶୁଣି ହଜ୍‌ରତ୍ ଉମର୍ ର:ଅ କହିଲେ ଭଲ କଥା କୁହ । ତୁମେ ଯେବେ ଅମୀରୁଲ୍ ମୁମିନିନ୍‌ଙ୍କ ନିକଟକୁ ଯିବ, ସେଠାରେ ତୁମେ ଇନ୍‌ଶାଅଲ୍ଲାଃ ମତେ ପାଇବ । ପୁଣି ହଜ୍‌ରତ୍ ଉମର୍ ର:ଅ ଟିକିଏ ଅଲଗା ହୋଇ ସେହି ମହିଳା ଆଡ଼କୁ ମୁହଁ କରି ବସିପଡ଼ିଲେ । ଅସ୍‌ଲମ୍ କହୁଛନ୍ତି: ମୁଁ ମହାଭାଗ ର:ଅଙ୍କ ସେବାରେ ନିବେଦନ କଲି ଯେ, ଏହି କାମ ବ୍ୟତୀତ ଆଉ କିଛି କାମ ଅଛି କି ? ହଜ୍‌ରତ୍ ଉମର୍ ର:ଅ କିଛି କହିଲେ ନାହିଁ ଏପରି କି ମୁଁ ପିଲାମାନଙ୍କୁ ଦେଖିବାକୁ ପାଇଲି ଯେ ସେମାନେ ନିଜ ନିଜ ମଧ୍ୟରେ ଖେଳୁଥିଲେ ଓ ହସୁଥିଲେ ପୁଣି ସବୁ ପିଲା ଶାନ୍ତିରେ ଶୋଇ ପଡ଼ିଲେ । ପୁଣି ହଜ୍‌ରତ୍ ଉମର୍ ର:ଅ ଈଶ୍ୱରଙ୍କୁ ଧନ୍ୟବାଦ ଜଣାଇ ଛିଡ଼ା ହେଲେ ଓ ମୋ ଆଡ଼କୁ ଚାହିଁ କହିଲେ ହେ ଅସ୍‌ଲମ୍! ଭୋକ ଯୋଗୁଁ ଏହି ପିଲାମାନେ ଜାଗିଥିଲେ ଓ କାନ୍ଦୁଥିଲେ ତେଣୁ ମୁଁ ଏ କଥା ପସନ୍ଦ କଲି ଯେ ମୁଁ ଏଠାରୁ ସେ ପର୍ଯ୍ୟନ୍ତ ଯିବି ନାହିଁ ଯେ ପର୍ଯ୍ୟନ୍ତ ମୁଁ ଏମାନଙ୍କୁ ଆରାମ୍ ଅବସ୍ଥାରେ ରହିବାର ନ ଦେଖିଛି । ଏମେ ମୁଁ ଏମାନଙ୍କୁ ଆରାମରେ ରହିବା ଦେଖିନେଲି । ***(ତାରିଖେ ତିବ୍‌ରୀ ଲେ ଇବ୍‌ନେ ଜରିର୍ ଖଣ୍ଡ-୨, ପୃ-୫୬୭-୫୬୮.... ବେରୁତ ୧୯୮୭) (ଫର୍‌ହଙ୍ଗ ସିରତ୍ ପୃ-୧୦୧,୧୦୨,୧୦୭.....କରାଚି ୨୦୦୩) (ସୟଦନା ଉମର୍ ବିନ୍ ଖତାବ୍ ଶଖ୍‌ସିୟତ୍ ଅଓର୍ କାର୍‌ନାମେ ପୃ-୪୪୨....... ପାକିସ୍ତାନ ଲିସାନୁଲ୍ ଆରବ "ହର୍" ଶବ୍ଦ ଅନ୍ତର୍ଗତ)***

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ମଧ୍ୟ ଏହି ଘଟଣାକୁ ବର୍ଣ୍ଣନା କରିଛନ୍ତି । ସେ କହିଛନ୍ତି ଯେ ମଣିଷର ଅତ୍ୟାବଶ୍ୟକ ଜିନିଷଗୁଡ଼ିକ ସେମାନଙ୍କ ପାଇଁ ଉପଲବ୍ଧ କରାଇବା ଅର୍ଥାତ ପ୍ରଜାଙ୍କୁ ଯୋଗାଇ ଦେବା ହେଉଛି ଇସ୍‌ଲାମୀୟ ଶାସକଙ୍କ କର୍ତବ୍ୟ । ହଜୁର ଏଠାରେ ଇସ୍‌ଲାମୀୟ ଶାସନର ଦାୟିତ୍ୱ ସମ୍ବନ୍ଧରେ ବତାଇଛନ୍ତି । ଏ ସମ୍ବନ୍ଧରେ ହଜ୍‌ରତ୍ ଉମର୍ ର:ଅଙ୍କର ଗୋଟିଏ ଘଟଣା ଅତ୍ୟନ୍ତ ପ୍ରଭାବଶାଳୀ ଓ ସତ୍ୟ ପ୍ରକାଶକାରୀ ଅଟେ । ଏକଦା ହଜ୍‌ରତ୍ ଉମର୍ ର:ଅ ଦ୍ୱିତୀୟ ଖଲିଫା ବାହାରେ ଯାଇ ଅନ୍ୱେଷଣ କରୁଥିଲେ ଯେ କୌଣସି ମୁସଲମାନ ଅସୁବିଧାରେ ତ' ନାହିଁ । ମଦିନାଠାରୁ ତିନି ମାଇଲ୍ ଦୂରତାରେ ଗୋଟିଏ ସ୍ଥାନର ନାମ ହେଉଛି ମରାର୍ । ଆମ ଗବେଷକମାନେ କହୁଛନ୍ତି ଯେ ବୋଧ ହୁଏ ତାହା ମରାର୍ ନୁହେଁ ବରଂ ତାହାର ନାମ ସରାର୍ ଅଟେ । ହୋଇପାରେ କାତିବ୍ (ଲେଖକ)ଙ୍କ ଭୂଲ ଯୋଗୁଁ ମରାର୍ ଲେଖାହୋଇଯାଇଛି । ସେ ଯାହା ହେଉ ଆପଣ ର:ଅ ସେଠାରେ ଦେଖିଲେ ଯେ ଗୋଟିଏ ପଟୁ କାନ୍ଦିବାର ଶବ୍ଦ ଆସୁଅଛି । ସେଠାରେ ଯାଇ ଦେଖିଲେ ଯେ ଜଣେ ମହିଳା କିଛି ରାନ୍ଧୁଛନ୍ତି ଓ ଦୁଇ ତିନୋଟ ପିଲା କାନ୍ଦୁଛନ୍ତି । ତାଙ୍କୁ ପଚାରିଲେ କଥା କ'ଣ ? ସେ କହିଲେ ଦୁଇ ତିନି ବେଳା ଭୋକରେ ଅଛୁ । ଖାଇବା ପାଇଁ ପାଖରେ କିଛି ନାହିଁ । ପିଲାମାନେ ବହୁତ ଅଧିର ହେବା ଯୋଗୁଁ ଖାଲି ହାଣ୍ଡି ଚୂଲି ଉପରେ ରଖିଦେଇଛି ଫଳତଃ ସେମାନେ ଏହା ଦେଖି ସନ୍ତୁଷ୍ଟ ହୋଇଯିବେ ଓ ଶୋଇ ପଡ଼ିବେ । ହଜ୍‌ରତ୍ ଉମର୍ ର:ଅ ଏହା ଦେଖି ତତ୍‌କ୍ଷଣାତ୍ ମଦିନା ଆସିଲେ । ଅଟା, ଘିଅ, ମାଂସ ଏବଂ ଖଜୁରର ସବୁକୁ ଗୋଟିଏ ବସ୍ତାରେ ପୁରାଇ ନିଜ ଖାଦିମ୍ (ସେବକ)ଙ୍କୁ କହିଲେ ଯେ ଏହାକୁ ମୋ ପିଠି ଉପରେ ଲଦିଦିଅ । ସେ କହିଲା ହଜୁର ମୁଁ ତ ଅଛି, ମୁଁ ଏହାକୁ ଉଠାଇ ନେଉଛି । ଏଥିରେ ହଜ୍‌ରତ୍ ଉମର୍ ର:ଅ କହିଲେ: ଅବଶ୍ୟ ତୁମେ ଏବେ ଏହା ଉଠାଇ ନେଇଯିବ କିନ୍ତୁ କୟାମତ (ମହାପ୍ରଳୟ) ଦିନ ମୋ ବୋଝକୁ କିଏ ଉଠାଇବ ! ଅର୍ଥାତ ସେମାନଙ୍କ ଜୀବିକାର ଧ୍ୟାନ ରଖିବା ମୋର କର୍ତବ୍ୟ ଥିଲା । ଏହି କର୍ତବ୍ୟ ପ୍ରତି ମୁଁ ଅବହେଳା କରିଛି । ତେଣୁ ଏହାର ପ୍ରାୟଶ୍ଚିତ ହେଉଛି ଏହା କି ମୁଁ ନିଜେ ଏହି ଜିନିଷଗୁଡ଼ିକୁ ଉଠାଇ ତାଙ୍କ ଘରେ ପହଂଚାଇବି । ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ଲେଖିଛନ୍ତି ଯେ ଏହି ଘଟଣାରୁ କିଏ ଏ ଅର୍ଥ ବାହାର ନ କରୁ ଯେ ଅଭାବୀ ଲୋକମାନଙ୍କୁ ଯେଉଁ ଭତା ଦିଆଯାଉଅଛି ତାହା ଆଳସ୍ୟତା ସୃଷ୍ଟି କରିବା ପାଇଁ ବରଂ ପ୍ରତ୍ୟେକ ଅଭାବୀ ଲୋକଙ୍କୁ ଷ୍ଟାଇପେଣ୍ଡ (ଭତା) ଦେବାର ଅଛି । ସୁତରାଂ ଆପଣ ର:ଅ ଲେଖୁଛନ୍ତି ଯେ ଇସ୍‌ଲାମ୍ ଯେଉଁଠି ଗରୀବମାନଙ୍କୁ ଦେଖାଶୁଣା କରିବା ପାଇଁ ନିର୍ଦ୍ଦେଶ ଦେଇଛି ସେଠାରେ ଆଳସ୍ୟତା ଓ ଅଳସୁଆମିକୁ ମଧ୍ୟ ଶେଷ କରିଥାଏ । ଓ୍ୱଜିଫା (ଭତା) ଏଥି ସକାଶେ ଦିଆଯାଉନାହିଁ ଯେ ଏହା ଦ୍ୱାରା ଆଳସ୍ୟତା ସୃଷ୍ଟି ହେବ । ସେହି ଭତାର ଉଦ୍ଦେଶ୍ୟ ଏହା ନଥିଲା ଯେ ଲୋକମାନେ କାମଧନ୍ଦା ଛାଡ଼ି ବସିଯିବେ ବରଂ କେବଳ ଅଭାବୀ ଲୋକମାନଙ୍କୁ ଏହି ଭତା ଦିଆଯାଉଥିଲା । ଅନ୍ୟଥା ଲୋକମାନଙ୍କୁ ଭିକ୍ଷା ମାଗିବାରୁ ରୋକାଯାଉଥିଲା । ହଜ୍‌ରତ୍ ଉମର୍ ର:ଅ ଭିକ୍ଷା ମାଗିବାରୁ ରୋକିବା ପାଇଁ ବହୁତ କଡ଼ା ପଦକ୍ଷେପ ଉଠାଇଥିଲେ । ଏହା ନୁହେଁ କି କେବଳ ଭୋକିଲା ଦେଖି ଖାଇବାକୁ ଦେଇଦେଉଥିଲେ, କିଏ ମାଗିବା କ୍ଷଣି ତାକୁ ଦେଇଦେଲେ ବରଂ ଯଦି ମାଗୁଥିବା ବ୍ୟକ୍ତି ସ୍ୱାସ୍ଥ୍ୟବାନ ଥାଏ ତା'ହେଲେ ହଜ୍‌ରତ୍ ଉମର୍ ର:ଅ କଡ଼ା ପଦକ୍ଷେପ ନେଉଥିଲେ । ଥରେ ହଜ୍‌ରତ୍ ଉମର୍ ର:ଅ ଗୋଟିଏ ଭିକାରୀକୁ ଦେଖିଲେ ଯେ ତା ଥଳିଟି ଅଟାରେ ଭରି ରହିଥିଲା ତଥାପି ସେ ମାଗି ବୁଲୁଥିଲା । ହଜ୍‌ରତ୍ ଉମର୍ ର:ଅ ତା'ଠାରୁ ସେହି ଅଟାକୁ ନେଇ ଓଟମାନଙ୍କ ଆଗରେ ଢ଼ାଳିଦେଲେ ଓ ତା ଥଳିଟିକୁ ଖାଲି କରିଦେଲେ ଏବଂ କହିଲେ ଯେ ଏବେ ମାଗ । ଏଥିରୁ ଏହା ପ୍ରମାଣ ହେଉଛି ଯେ ଭିକ ମାଗୁଥିବା ଲୋକମାନଙ୍କୁ କାମ କରିବା ପାଇଁ ବାଧ୍ୟ କରାଯାଉଥିଲା ।

***(ଅହେମଦିୟତ୍ ଅର୍ଥାତ ପ୍ରକୃତ ଇସ୍‌ଲାମ୍, ଅନ୍‌ୱାରୁଲ୍ ଉଲୁମ୍ ଖଣ୍ଡ-୮, ପୃ-୨୯୬-୨୯୭)***

ଅର୍ଥାତ ତୁମେ ଠିକ୍ ଠକ୍ ଭଲ ଲୋକ । ତୁମକୁ ମାଗିବାର କ'ଣ ଆବଶ୍ୟକତା ରହିଛି । ପରିଶ୍ରମ କର, ରୋଜଗାର କର ଓ ଖାଅ । ଏହା କହି ଏ ଶିକ୍ଷା ଦେଲେ ଯେ ଯଦି ପୁଣି ମାଗିବ ତା'ହେଲେ ତୁମ ସହିତ ଏହିପରି ବ୍ୟବହାର କରାଯିବ । ତୁମଠାରୁ ଛଡ଼ାଇ ନେଇ ପଶୁମାନଙ୍କ ଆଗରେ ଢ଼ାଳି ଦିଆଯିବ । ମାଗୁଥିବା ଅଧିକାଂଶ ଲୋକେ ଏହି ଗୋଟିଏ ଉଦାହରଣ ଦେଇ ଏଥିରେ ଜୋର୍ ଦେଇଥାନ୍ତି ଯେ ଦେଖ ହଜ୍‌ରତ୍ ଉମର୍ ର:ଅ କିପରି ଧ୍ୟାନ ରଖୁଥିଲେ । କିନ୍ତୁ ଭିକ୍ଷାବୃତିକୁ ଯେଉଁଭଳି କଠୋରତାର ସହିତ ଇସ୍‌ଲାମ୍ ରୋକିଛି ତାହାକୁ ସେମାନେ ଦେଖୁନାହାନ୍ତି । ଏହି ଶିକ୍ଷାକୁ ହଜ୍‌ରତ୍ ମୁହମ୍ମଦ ସ:ଆ:ସ ଦେଇଛନ୍ତି ଓ ହଜ୍‌ରତ୍ ଉମର୍ ର:ଅ ମଧ୍ୟ ତାହାକୁ ଜାରି କଲେ । ଲୋକେ ଏହା ଦେଖୁନାହାନ୍ତି ।

ପୁଣି ଏହି ଘଟଣାକୁ ଆଉ ଏକ ସ୍ଥାନରେ ବର୍ଣ୍ଣନା କରି ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ଏପରି ଉଲ୍ଲେଖ କରିଛନ୍ତି ଯେ "ହଜ୍‌ରତ୍ ଉମର୍ ର:ଅଙ୍କୁ ଦେଖନ୍ତୁ ତାଙ୍କର ତେଜ ଏବଂ ପ୍ରତାପର ଦବ୍‌ଦବା ଯୋଗୁଁ ଗୋଟିଏ ପଟେ ବଡ଼ ବଡ଼ ସମ୍ରାଟ ଭୟରେ କମ୍ପି ଉଠୁଥିଲେ । କୈସର୍ ଏବଂ କିସ୍‌ରାର ସାମ୍ରାଜ୍ୟ ଥରହର ହୋଇଯାଉଥିଲେ । କିନ୍ତୁ ଅନ୍ୟ ପଟେ ଅନ୍ଧାର ରାତିରେ ଜଣେ ଗାଉଁଲି ମହିଳାର ପିଲାମାନଙ୍କୁ ଭୋକିଲା ଦେଖି ଉମର ର:ଅଙ୍କ ଭଳି ମହାନ ପଦମର୍ଯ୍ୟାଦାଧାରୀ ବ୍ୟକ୍ତି ହତବାକ ହୋଇଯାଉଛି ଓ ନିଜ ପିଠିରେ ଅଟାବସ୍ତା ଲଦି ଓ ହାତରେ ଘିଅ ଡ଼ବା ଧରି ସେମାନଙ୍କ ନିକଟରେ ପହଂଚିଯାଉଛି ଏବଂ ସେ ପର୍ଯ୍ୟନ୍ତ ସେଠାରୁ ଲେଉଟି ଆସୁନାହିଁ ଯେ ପର୍ଯ୍ୟନ୍ତ ସେ ନିଜ ହାତରେ ଖାଦ୍ୟ ପ୍ରସ୍ତୁତ କରି ସେହି ପିଲାମାନଙ୍କୁ ଖୁଆଇ ନ ଦେଇଛନ୍ତି ଓ ସେମାନେ ଶାନ୍ତିରେ ନ ଶୋଇଯାଇଛନ୍ତି ।"

***(ସେରେ ରୁହାନୀ (୬) ଅନୱାରୁଲ୍ ଉଲୁମ୍ ଖଣ୍ଡ-୨୨, ପୃ-୫୯୬)***

ହଜ୍‌ରତ୍ ଉମର ର:ଅଙ୍କ ସ୍ୱାଧିନପ୍ରାପ୍ତ ଦାସ ଯାହାଙ୍କ ନାମ ଅସ୍‌ଲମ୍ ଥିଲା, ସେ ଆଉ ଏକ ଘଟଣା ବର୍ଣ୍ଣନା କରନ୍ତି ଯେ, ଏକଦା ବଣିକମାନଙ୍କର ଏକ ଗୋଷ୍ଠୀ ମଦିନାକୁ ଆସିଲା । ହଜ୍‌ରତ୍ ଉମର୍ ର:ଅ ହଜ୍‌ରତ୍ ଅବ୍‌ଦୁଲ୍ ରହେମାନ୍ ବିନ୍ ଔଫ୍ ର:ଅଙ୍କୁ ସାଙ୍ଗରେ ଧରି ପ୍ରହରା ଦେବା ସକାଶେ ଘରୁ ପ୍ରସ୍ଥାନ କଲେ ଓ ଦୁଇଜଣଯାକ ରାତିସାରା ସେମାନଙ୍କୁ ସୁରକ୍ଷା ଦେଲେ ଓ ଈଶ୍ୱରଙ୍କ ଉପାସନା କଲେ । । ଜଣେ ଛୋଟ ଶିଶୁର କାନ୍ଦିବାର ଶବ୍ଦକୁ ହଜ୍‌ରତ୍ ଉମର୍ ର:ଅ ଶୁଣି ବ୍ୟସ୍ତ ବିବ୍ରତ ହୋଇ ପଡ଼ିଲେ । ତେଣୁ ହଜ୍‌ରତ୍ ଉମର୍ ର:ଅ ସେହି ଶିଶୁର ମା'କୁ ଶିଶୁର ଯତ୍ନ ନେବା ପ୍ରତି ଧ୍ୟାନ ଆକର୍ଷଣ କଲେ । କିନ୍ତୁ ଛୋଟ ଶିଶୁଟି ସାରା ରାତି କାନ୍ଦି ଚାଲିଥିଲା । ସକାଳ ହେବା କ୍ଷଣି ହଜ୍‌ରତ୍ ଉମର୍ ର:ଅ ତତ୍‌କ୍ଷଣାତ୍ ସେହି ମହିଳାର ଶିବିର ମଧ୍ୟକୁ ଗଲେ ଏବଂ ଶିଶୁଟିର କାନ୍ଦିବାର କାରଣ ସଂପର୍କରେ ପଚାରିଲେ । ସେହି ମହିଳା ଜଣକ କହିଲେ ଯେ, ମୁଁ ଶିଶୁକୁ ମା' କ୍ଷୀର ବ୍ୟତିତ ଅନ୍ୟ ଆହାର ପ୍ରତି ଆକୃଷ୍ଟ କରିବାକୁ ପୂର୍ଣ୍ଣ ପ୍ରୟାସ କଲି କିନ୍ତୁ ଶିଶୁଟି କେବଳ ମା' କ୍ଷୀର ପାନ କରିବାକୁ ଚାହୁଁଛି । ହଜ୍‌ରତ୍ ଉମର୍ ର:ଅ ପ୍ରଶ୍ନ କଲେ ଏପରି କାହିଁକି ? ପ୍ରତ୍ୟୁତରରେ ଉକ୍ତ ମହିଳାଟି କହିଲା । ହଜ୍‌ରତ୍ ଉମର୍ ର:ଅ କେବଳ ସେହି ପିଲାମାନଙ୍କର ଭତା ଧାର୍ଯ୍ୟ କରିଛନ୍ତି ଯେଉଁ ପିଲାମାନେ ମା' କ୍ଷୀର ଛାଡ଼ି ଦେଇଛନ୍ତି । କିନ୍ତୁ ଯେଉଁ ଶିଶୁମାନେ ମା' କ୍ଷୀର ଛାଡ଼ି ନାହାନ୍ତି ସେମାନଙ୍କ ପାଇଁ କୌଣସି ଓଜିଫାର ବ୍ୟବସ୍ଥା ନାହିଁ । ଅତଃ ହଜ୍‌ରତ୍ ଉମର୍ ର:ଅ ସେହି ଶିଶୁର ବୟସ ପଚାରିଲେ ଯେ ପିଲାଟିର ବୟସ କେତେ ? ସେହି ମହିଳା ଜଣକ କହିଲେ ଏତିକି ବର୍ଷ ଓ ଏତେ ମାସ । ହଜ୍‌ରତ୍ ଉମର୍ ର:ଅ କହିଲେ: ତୁମର ମଙ୍ଗଳ ହେଉ ଏବଂ କହିଲେ ଶିଶୁଙ୍କୁ ମା' କ୍ଷୀର ଛଡ଼ାଇବାର ଏତେ ଶୀଘ୍ରତା କରନାହିଁ । ସେହି ଦିନ ଯେତେବେଳେ ଆପଣ ର:ଅ ଲୋକମାନଙ୍କୁ ଫଜର ନମାଜ ପଢ଼ାଇଲେ ସେତେବେଳେ ଜଣେ ଶିଶୁର କାନ୍ଦିବା ଯୋଗୁଁ ଆପଣ ର:ଅଙ୍କ କିରଅତ୍ (ପଠନ ଶୈଳୀ) ସ୍ପଷ୍ଟ ହୋଇପାରୁ ନଥିଲା । ଆପଣ ର:ଅ ନିଜକୁ ନିଜେ କହିଲେ ହେ ଉମର୍ ! ତୋର ଅନିଷ୍ଟ ହେଉ । ତୁ ଅନେକ ମୁସଲମାନ ଶିଶୁଙ୍କର ହତ୍ୟା କରିଦେଇଛୁ । ଏତଦ୍‌ପରେ ଆପଣ ର:ଅ ଏହି ଘୋଷଣା କରିଦେଲେ ଯେ, ମାଆ ମାନେ ନିଜ ଶିଶୁମାନଙ୍କୁ କ୍ଷୀର ଛଡ଼ାଇବାରେ ଶୀଘ୍ରତା କରନ୍ତୁନାହିଁ । ମୁଁ ଆଜିଠୁ ସମସ୍ତ ନବଜନ୍ମିତ ଶିଶୁମାନଙ୍କର ଓଜିଫା (ଭତା) ଧାର୍ଯ୍ୟ କରୁଛି ତା'ପରେ ହଜ୍‌ରତ୍ ଉମର୍ ର:ଅ ସବୁ ଦେଶମାନଙ୍କୁ ଏହି ନିର୍ଦ୍ଦେଶନାମା ପଠାଇ ଦେଲେ । ***(ଅଲ୍‌ବିଦାୟାଃ ୱନ୍ ନହାୟା ଲେ ଇବ୍‌ନେ କସିର୍ ଖଣ୍ଡ-୧୦, ପୃ-୧୮୫-୧୮୬, ମୁଦ୍ରଣ ଦାରେ ହିଜର୍ ୧୯୯୮)***

ଏହି ଘଟଣାକୁ ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ମଧ୍ୟ ନିଜର ନିଜସ୍ୱ ଶୈଳୀରେ ବର୍ଣ୍ଣନା କରିଛନ୍ତି ଯେ "ହଜ୍‌ରତ୍ ଉମର୍ ର:ଅ ଆରମ୍ଭ ଆରମ୍ଭରେ କ୍ଷୀରପାନ କରୁଥିବା ପିଲାମାନଙ୍କ ପାଇଁ କୌଣସି ଭତା (ଷ୍ଟାଇପେଣ୍ଡ) ନିର୍ଦ୍ଧାରିତ କରିନଥିଲେ କିନ୍ତୁ ପରେ କ୍ଷୀର ପାନ କରୁଥିବା ପିଲାମାନଙ୍କ ହକ୍‌କୁ ସ୍ୱୀକାର କରିଦେଲେ ଏବଂ ନିର୍ଦ୍ଦେଶ ଦେଲେ ଯେ ସେହି ପିଲାମାନଙ୍କ ଭାଗ ସେମାନଙ୍କ ମାଆମାନଙ୍କୁ ଦିଆଯାଉ । ପ୍ରଥମେ ହଜ୍‌ରତ୍ ଉମର୍ ର:ଅ ଭାବୁଥିଲେ ଯେ ଯେପର୍ଯ୍ୟନ୍ତ ପିଲା କ୍ଷୀର ଖାଉଛି ସେ ଜାତିର ଅସ୍ତିତ୍ୱରେ ଅଂଶୀଦାର ହୁଏନାହିଁ । ତା'ର ଦାୟିତ୍ୱ ତା'ର ମାଆ ଉପରେ ରହିଛି ପବ୍‌ଲିକ୍ ଉପରେ ନୁହେଁ ।" ଯେ ବଇତୁଲ୍ ମାଲ୍‌ରୁ ତାହାର ଖର୍ଚ୍ଚ ଦିଆଯିବ ।" କିନ୍ତୁ ଥରେ ହଜ୍‌ରତ୍ ଉମର୍ ର:ଅ ଭ୍ରମଣ କରିବାକୁ ବାହାରକୁ ଯାଇଥିଲେ । ସହର ବାହାରେ ଗ୍ରାମିଣ ଲୋକମାନଙ୍କର ଗୋଟିଏ କାଫଇଲା ଡ଼େରା ପକାଇଥିଲା । ହଜ୍‌ରତ୍ ଉମର୍ ର:ଅ ଗୋଟିଏ ତମ୍ବୁ ଭିତରୁ ପିଲାଙ୍କ କାନ୍ଦିବାର ସ୍ୱର ଶୁଣିଲେ । ପିଲାଟି ଚିତ୍କାର କରି କାନ୍ଦୁଥିଲା ଓ

ମାଆଟି ତାକୁ ଥାପୁଡ଼େଇ ଶୁଆଇବାକୁ ଚେଷ୍ଟା କରୁଥିଲା । ଯେତେବେଳେ କିଛି ସମୟ ଥାପୁଡ଼େଇବାରେ ମଧ ପିଲାଟି ଚୁପ ହେଲା ନାହିଁ ସେତେବେଳେ ତା' ମାଆ ତାକୁ ଚାପୁଡ଼ାଏ ମାରି କହିଲା ଉମରଙ୍କ ଜୀବନ ଉପରେ କାନ୍ଦ । ଏହା ଶୁଣି ହଜ୍‌ରତ୍ ଉମର୍ ର:ଅ ଆଶ୍ଚର୍ଯ୍ୟ ହେଲେ ଯେ ଏ ବିଷୟ ସହିତ ମୋର କ'ଣ ସମ୍ପର୍କ ? ହଜ୍‌ରତ୍ ଉମର୍ ର:ଅ ସେହି ତମ୍ବୁ ଭିତରକୁ ଯିବା ପାଇଁ ସେହି ମହିଳାଙ୍କଠାରୁ ଅନୁମତି ଲୋଡ଼ିଲେ । ଅନୁମତି ମିଳିବାରେ ଭିତରକୁ ଯାଇ ପଚାରିଲେ ମା' କ'ଣ କଥା ? ଯେହେତୁ ସେ ହଜ୍‌ରତ୍ ଉମର୍ ର:ଅଙ୍କ ଚିହ୍ନି ନଥିଲା ତେଣୁ ସେ କହିବାକୁ ଲାଗିଲା ଯେହଜ୍‌ରତ୍ ଉମର୍ ର:ଅ ସମସ୍ତଙ୍କ ଚଳିବା ପାଇଁ ଜୀବିକା ନିର୍ଦ୍ଧାରଣ କରିଛନ୍ତି କିନ୍ତୁ ତାଙ୍କୁ ଏକଥା ଜଣାନାହିଁ ଯେ କ୍ଷୀରପାନ କରୁଥିବା ପିଲାମଙ୍କ ପାଇଁ ମଧ ଖାଦ୍ୟ ଆବଶ୍ୟକ ହୋଇଥାଏ । ଏବେ ମୋର ପର୍ଯ୍ୟାପ୍ତ କ୍ଷୀର ନାହିଁ ତେଣୁ ମୁଁ ତା'ର କ୍ଷୀର ଖାଇବା ଛଡ଼ାଇ ଦେଉଛି ଯଦ୍ଦ୍ୱାରା ତା'ର ଭତା ନିର୍ଦ୍ଧାରଣ ହୋଇପାରିବ । ହଜ୍‌ରତ୍ ଉମର୍ ର:ଅ ସେହି କ୍ଷଣି ସେଠାରୁ ଲେଉଟି ଆସିଲେ ଓ ଖଜାନା (ଭଣ୍ଡାର)ରୁ ଅଟା ବସ୍ତା ବାହାର କରିଲେ ଓ ନିଜେ ତାକୁ ଉଠାଇ ଚାଲିବା ଆରମ୍ଭ କଲେ । ଯେଉଁ ବ୍ୟକ୍ତିମାନେ ଭଣ୍ଡାର କାର୍ଯ୍ୟରେ ନିଯୁକ୍ତ ଥିଲେ ସେମାନେ ଆଗକୁ ବଢ଼ି କହିଲେ ଯେ ଆମେ ଏହାକୁ ଉଠାଇ ନେଇଯାଉଛୁ । ହଜ୍‌ରତ୍ ଉମର୍ ର:ଅ ତାଙ୍କୁ କହିଲେ ଛାଡ଼ ମୁଁ ନିଜେ ଉଠାଇ ନେଇଯିବି । କୟାମତ ଦିନ ଯେବେ ମତେ କୋଡ଼ା ଲାଗିବ ସେତେବେଳେ କ'ଣ ତୁମେ ମୋ ସ୍ଥାନରେ ଉତର ଦେବ ? ଜଣାନାହିଁ ଏହିଭଳି ମୋ ଯୋଗୁଁ କେତେ ପିଲା ମରିଛନ୍ତି । ତା'ପରେ ହଜ୍‌ରତ୍ ଉମର୍ ର:ଅ ଏ ନିର୍ଦ୍ଦେଶ ଦେଲେ ଯେ କ୍ଷୀର ପାନ କରୁଥିବା ପିଲାମାନଙ୍କ ପାଇଁ ମଧ ଭତା ନିର୍ଦ୍ଧାରଣ କରାଯାଉ ।"

***(ଖୁତ୍‌ବାତେ ମେହ୍‌ମୁଦ୍ ଖଣ୍ଡ-୨୭, ପୃ-୩୫୩)***

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଛନ୍ତି: "ହଦିସ୍‌ରେ ଅମ୍ମାର ବିନ୍ ଖୁଜୈମାଃଙ୍କଠାରୁ ବର୍ଣ୍ଣିତ ଅଛି ଯେ ହଜ୍‌ରତ୍ ଉମର୍ ର:ଅ ମୋ ବାପାଙ୍କୁ କହିଲେ ଯେ ତୁମକୁ କିଏ ନିଜ ଜମିରେ ଗଛ ଲଗାଇବା ପାଇଁ ମନା କରିଛି ?" (ସେ ଆଉ ଗଛ ଲଗାଉ ନଥିଲେ । ନିଜ ବଗିଚାକୁ ବଢ଼ାଇ ନଥିଲେ ବା ଯେଉଁ ସବୁ ଖରାପ ଗଛ ଗୁଡ଼ିକ ଥିଲା ତା' ବଦଳରେ ନୂଆ ଗଛ ଲଗାଇ ନଥିଲେ) । ମୋ ବାପା ଉତର ଦେଲେ ଯେ ମୁଁ ବୁଢ଼ା ହୋଇଗଲିଣି । କାଲିକି ମରିଯିବି । (ମତେ ଏହାର କ'ଣ ଲାଭ ମିଳିବ ?) ଅତଏବ ତାଙ୍କୁ ହଜ୍‌ରତ୍ ଉମର୍ ର:ଅ କହିଲେ ଯେ ତୁମ ପାଇଁ ଗଛ ଲଗାଇବା ଜରୁରୀ । (ଏହା କୌଣସି କାରଣ ନୁହେଁ । ନିଶ୍ଚିତ ରୂପେ ତୁମେ ଗଛ ଲଗାଅ) ତା'ପରେ ମୁଁ ହଜ୍‌ରତ୍ ଉମର୍ ର:ଅଙ୍କୁ ଦେଖିଲି ଯେ ସେ ନିଜେ ମୋ ବାପାଙ୍କ ସହିତ ମିଶି ଆମ ଜମିରେ ଗଛ ଲଗାଉଥିଲେ" ***(ମଲ୍‌ଫୁଜାତ୍ ଖଣ୍ଡ-୨, ପୃ-୯୨)***

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଏହି ଘଟଣାକୁ ଆଳସ୍ୟତାରୁ ଦୂରେଇ ରହିବା ପାଇଁ ବର୍ଣ୍ଣନା କରିଛନ୍ତି ଏବଂ ପୂର୍ବପୁରୁଷମାନଙ୍କ ଦ୍ୱାରା ଲଗାଯାଇଥିବା ଗଛର ଫଳ ତୁମେ ଖାଉଛ ତେଣୁ ଆସନ୍ତା ପିଢ଼ି ପାଇଁ ଗଛ ଲଗାଅ । ହଜ୍‌ରତ୍ ମୁସ୍‌ଲେହ୍ ମୁଦ୍ ର:ଅ କୁହନ୍ତି ଯେ, ଏକ ରାତ୍ରରେ ହଜ୍‌ରତ୍ ଉମର୍ ର:ଅ ଯେତେବେଳେ ନଗର ପରିକ୍ରମା ତଥାଗସ୍ତ କରୁଥିଲେ ସେତେବେଳେ ଆପଣ ର:ଅ ଜଣେ ମହିଳାକୁ ପ୍ରେମପୂର୍ଣ୍ଣ କବିତା ପଢୁଥିବାର ଶୁଣିଲେ । ଅତଏବ ଆପଣ ର:ଅ ଅନୁସନ୍ଧାନ କଲେ । ଫଳତଃ ଆପଣଙ୍କୁ ଜ୍ଞାତ ହେଲା ଯେ, ତା'ର ସ୍ୱାମୀ ସେନାରେ ଅଛି ଏବଂ ଦୀର୍ଘ ଦିନ ଧରି ଘରୁ ବାହାରେ ଅଛି । ସୁତରାଂ ଆପଣ ର:ଅ ଆଦେଶ ଦେଲେ ଯେ, କୌଣସି ସିପାହୀ ୪ ମାସରୁ ଊର୍ଦ୍ଧ୍ୱ ନିଜ ପରିବାର ଠାରୁ ଅଲଗା ନ ରହୁ । ଯଦି କୌଣସି ସିପାହି ଅଧିକ ସମୟ ବାହାରେ ରହିବାକୁ ଚାହେଁ ତା'ହେଲେ ସେ ନିଜ ପତ୍ନୀଙ୍କୁ ମଧ ନିଜ ସାଥିରେ ରଖୁ ନଚେତ ଚାରିମାସ ପରେ ତାକୁ ସେନାର ଅଫିସର ବାଧ କରି ଘରକୁ ପଠାଇ ଦିଅନ୍ତୁ ।"

***(ଖୁତ୍‌ବାତେ ମେହ୍‌ମୁଦ୍ ଖଣ୍ଡ-୪, ପୃ-୬୩ ବର୍ଷ ୧୯୧୪)***

ଏହାର ବ୍ୟାଖ୍ୟା ବିବରଣୀ ଆଉ ଏକ ସ୍ଥାନରେ ମଧ ବର୍ଣ୍ଣନା ହୋଇଅଛି ଯେ ହଜ୍‌ରତ୍ ଉମର୍ ର:ଅ ସେହି ମହିଳାଙ୍କୁ କହିଲେ, ସେ ଯେଉଁ କବିତା ପାଠ କରୁଥିଲେ, ସେହି କବିତାକୁ ଶୁଣି ପଚାରିଲେ ଯେ ତୁମେ କୌଣସି ମନ୍ଦ କାର୍ଯ୍ୟ କରିବାକୁ ମନସ୍ଥ ତ' କରିନାହଁ ? ସେହି ମହିଳା ଜଣକ କହିଲେ ଈଶ୍ୱରଙ୍କ ଶରଣ ଚାହୁଁଛି । ହଜ୍‌ରତ୍ ଉମର୍ ର:ଅ ତାଙ୍କୁ କହିଲେ କି ନିଜ ମନ ଉପରେ କାବୁ ରଖ । ମୁଁ ବର୍ତମାନ ତୁମ ସ୍ୱାମୀଙ୍କ ନିକଟକୁ ଚିଠି ପଠାଉଛି । ସୁତରାଂ ହଜ୍‌ରତ୍ ଉମର୍ ର:ଅ ତାଙ୍କ ନିକଟକୁ ଜଣେ ଦୂତ୍‌କୁ ପଠାଇଲେ ଯେ ସେ ଲେଉଟି ଆସନ୍ତୁ । ପୁଣି ହଜ୍‌ରତ୍ ଉମର୍ ର:ଅ ଅଧିକା ଗବେଷଣା କଲେ । ତା'ପରେ ଅଧିକରୁ ଅଧିକ ଚାରିମାସର ଅବଧି ରଖିଲେ ଯେ ଏହି ଅବଧିଠାରୁ ଅଧିକା ସମୟ ସ୍ୱାମୀ ବାହାରେ ନ ରୁହନ୍ତୁ କିମ୍ବା ପତ୍ନୀଙ୍କୁ ସାଥିରେ ରଖନ୍ତୁ । ***(ତାରିଖୁଲ୍ ଖୋଲଫାଆ ଲସିୟୁତି, ପୃ-୧୧୧..... ବେରୁତ ୧୯୯୯)***

ସେହିପରି ଏକ ରାତ୍ରରେ ହଜ୍‌ରତ୍ ଉମର୍ ର:ଅ ବାହ୍ୟ ଭାଗରେ ଥିଲେ । ଏକ ଶିବିରରୁ ମହିଳାର ପ୍ରସବ ପୀଡ଼ାର ଶବ୍ଦ ଶୁଭିଲା । ଆପଣ ର:ଅ ସେହି ମହିଳାର ଅବସ୍ଥା ପଚାରି ବୁଝିଲେ । ସେହି ମହିଳା ଜଣକ ହଜ୍‌ରତ୍ ଉମର୍ ର:ଅଙ୍କୁ କହିଲା ଯେ, ହେ ଉମର୍ ର:ଅ ! ମୁଁ ପରଦେଶୀ ମହିଳା ଅଟେ ଏବଂ ମୋ ନିକଟରେ କିଛି ନାହିଁ । ଫଳତଃ ହଜ୍‌ରତ୍ ଉମର୍ ର:ଅ ନିଜ ଘରକୁ ଫେରି ଆସିଲେ ଏବଂ ନିଜର ପତ୍ନୀ ହଜ୍‌ରତ୍ ଉମ୍ମେ କୁଲ୍‌ସୁମ୍ ବିନ୍ତ୍ ଅଲୀଙ୍କୁ ପ୍ରସୂତି ଜନିତ ସମସ୍ତ ଜିନିଷ ଯଥା- ଅଟା, ତେଲ, ଚର୍ବି ଆଦି ଧରି ଉକ୍ତ ମହିଳା ପାଖରେ ପହଂଚିଲେ । ହଜ୍‌ରତ୍ ଉମର୍ ର:ଅ ସେହି ପରଦେଶୀ ମହିଳାର ସ୍ୱାମୀ ସହିତ ଶିବିର ବାହାରେ ବସିଥିଲେ କି ଉମ୍ମେ କୁଲ୍‌ସୁମ୍ ର:ଅ ଆସି ହଜ୍‌ରତ୍ ଉମର୍ ର:ଅଙ୍କୁ କହିଲେ, ହେ ଅମୀରୁଲ୍ ମୁମିନିନ୍ ! ଆପଣ ନିଜ ସାଥିଙ୍କୁ ପୁତ୍ର ସନ୍ତାନ ହେବାର ଶୁଭ ସମାଚାର ଦେଇ ଦିଅନ୍ତୁ । ସୁତରାଂ ସେହି ବ୍ୟକ୍ତି ଯେତେବେଳେ ହଜ୍‌ରତ୍ ଉମର୍ ର:ଅଙ୍କ ସଂକ୍ରାନ୍ତରେ "ଅମୀରୁଲ୍ ମୁମିନିନ୍"ର ଶବ୍ଦ ଶୁଣିଲା ସେତେବେଳେ ସେ ଜାଣି ପାରିଲା ଯେ, ଆପଣ ହଜ୍‌ରତ୍ ଉମର୍ ର:ଅ ଅଟନ୍ତି । ସୁତରାଂ ସେ ହଜ୍‌ରତ୍ ଉମର ର:ଅଙ୍କଠାରୁ କ୍ଷମା ପ୍ରାର୍ଥନା କରିବାକୁ ଲାଗିଲା । ହଜ୍‌ରତ୍ ଉମର ର:ଅ କହିଲେ କିଛି କଥା ନାହିଁ । ପୁଣି ହଜ୍‌ରତ୍ ଉମର ର:ଅ ତାଙ୍କୁ ଖର୍ଚ୍ଚ ପାଣି ଓ ଆବଶ୍ୟକ ବସ୍ତୁର ବ୍ୟବସ୍ଥା କରାଇଦେଲେ ପୁଣି ସେଠାରୁ ଚାଲି ଆସିଲେ । ***(ଅଲ୍‌ବିଦାୟତୁନ୍ ନହାୟା ଲେଇବ୍‌ନେ କସିର୍ ଖଣ୍ଡ-୧୦, ପୃ-୧୮୬ ମୁଦ୍ରଣ ଦାରୁଲ୍ ହିଜ୍‌ର ୧୯୯୮)***

ସଇଦ୍ ବିନ୍ ମୁସ୍‌ୟିବ୍ ଏବଂ ଅବୁ ସଲ୍‌ମା ବିନ୍ ଅବ୍‌ଦୁର୍ ରହ୍‌ମାନ୍ ବର୍ଣ୍ଣନା କରିଛନ୍ତି ଯେ ଅଲ୍ଲାଃଙ୍କ ରାଣ ! ହଜ୍‌ରତ୍ ଉମର ର:ଅ ଯାହା କିଛି କହନ୍ତି ତାହାକୁ ପୂରଣ କରନ୍ତି । କଠୋରତା ଦେଖାଇବା ଅବସରରେ କଠୋର ହେଲେ ଏବଂ ନମ୍ର ଆଚରଣ କରିବା ଅବସରରେ ନମ୍ରତା ଦେଖାଇଲେ ଓ ଏହି ଗୁଣରେ ବହୁତ ବଢ଼ିଗଲେ । ଲୋକମାନଙ୍କ ପରିବାରର ବାପା ହୋଇଗଲେ । ଏପରି କି ଯେଉଁ ମହିଳାମାନଙ୍କ ସ୍ୱାମୀ ବାହାରକୁ ଯାଇଥିଲେ, ସେହି ମହିଳାମାନଙ୍କ ନିକଟକୁ ଯାଇ ତାଙ୍କ ଘରେ ପହଂଚି, ସଲାମ କରନ୍ତି ତା'ପରେ କୁହନ୍ତି ତୁମର କିଛି ଆବଶ୍ୟକ ଅଛି କି ? ବା ତୁମେ ଯଦି କିଛି ଆବଶ୍ୟକ ଜିନିଷ ମଗାଇବାକୁ ଚାହୁଁଛ ତା'ହେଲେ ମୁଁ ତାହା ବଜାରରୁ ତୁମମାନଙ୍କ ପାଇଁ କିଣି ଆଣିଦେବି । ମୁଁ ଏହା ପସନ୍ଦ କରୁନାହିଁ ଯେ କିଣା ବିକା ସମୟରେ ତୁମମାନଙ୍କୁ କିଏ ଧୋକା ଦେଉ । ସୁତରାଂ ସେହି ମହିଳାମାନେ ହଜ୍‌ରତ୍ ଉମର ର:ଅଙ୍କ ସହିତ ନିଜର ପୁଅ ବା ଝିଅ ପିଲାମାନଙ୍କୁ ପଠାଇ ଦେଉଥିଲେ । ହଜ୍‌ରତ୍ ଉମର ର:ଅ ବଜାରକୁ ଏଭଳି ଅବସ୍ଥାରେ ଯାଉଥିଲେ ଯେ ତାଙ୍କ ପଛରେ ଲୋକମାନଙ୍କର ପୁଅ ଓ ଝିଅ ଏତେ ସଂଖ୍ୟାରେ ଯାଉଥିଲେ ଯେ ସେ ସମସ୍ତଙ୍କୁ ଗଣିବା କଷ୍ଟକର ଥିଲା । ପୁଣି ହଜ୍‌ରତ୍ ଉମର ର:ଅ ସମସ୍ତଙ୍କ ପାଇଁ ସେମାନଙ୍କର ଆବଶ୍ୟକ ବସ୍ତୁ କିଣାଇ ଦିଅନ୍ତି ପୁଣି ଯେଉଁ ମହିଳାମାନଙ୍କର କୌଣସି ସନ୍ତାନ ନଥାନ୍ତି ତାଙ୍କ ପାଇଁ ନିଜେ କିଣାକିଣି କରନ୍ତି । ସେହିଭଳି ଯେତେବେଳେ ସେନାରୁ କୌଣସି ଦୂତ ଚିଠି ନେଇ ଆସନ୍ତି, ତା'ଠାରୁ ସେହି ମହିଳାମାନଙ୍କ ସ୍ୱାମୀମାନଙ୍କର ଚିଠି ନିଜେ ସେମାନଙ୍କୁ ପହଂଚାନ୍ତି ଓ ସେମାନଙ୍କୁ କୁହନ୍ତି ଯେ ତୁମମାନଙ୍କ ସ୍ୱାମୀ ଅଲ୍ଲାଃଙ୍କ ମାର୍ଗରେ ଯାଇଛନ୍ତି ଓ ତୁମେମାନେ ରସୁଲୁଲ୍ଲାଃ ସ:ଆ:ସଙ୍କ ସହରରେ ରହିଛ । ଯଦି କିଏ ଅଛି ଯିଏ ଏହି ଚିଠିକୁ ପଢ଼ିପାରିବେ ତା'ହେଲେ ଠିକ୍ ଅଛି ନଚେତ କବାଟ କଡ଼ରେ ଛିଡ଼ା ହୋଇଯାଅ ମୁଁ ତୁମକୁ ପଢ଼ି ଶୁଣାଇ ଦେବି । ପୁଣି ସେମାନଙ୍କୁ କୁହନ୍ତି ଯେ ଆମର ଏଲ୍‌ଚି (ପତ୍ରବାହକ) ଏଠାରୁ ଅମୁକ ଅମୁକ ଦିନ ଯିବେ ତେଣୁ ତୁମେ ଚିଠି ଲେଖି ଦେଇଥିବ ମୁଁ ତାଙ୍କ ହାତରେ ତୁମର ଚିଠିଗୁଡ଼ିକୁ ତୁମ ସ୍ୱାମୀମାନଙ୍କ ନିକଟକୁ ପଠାଇ ଦେବି । ପୁଣି ସମସ୍ତଙ୍କ ପାଇଁ କାଗଜ ଓ ଦୁଆତ କଲମ ନେଇ ଯାଉଥିଲେ ଯିଏ ସେମାନଙ୍କ ମଧ୍ୟରୁ ଚିଠି ଲେଖି ପାରୁଥିଲେ ସେମାନଙ୍କର ଚିଠି ନିଅନ୍ତି ଓ ଯେଉଁମାନେ ଲେଖିପାରୁ ନଥିଲେ, ସେମାନଙ୍କୁ କହୁଥିଲେ ଦେଖ ଏଠାରେ କାଗଜ ଓ ଦୁଆତ କଲମ ଅଛି । ତୁମେ କବାଟ ନିକଟକୁ ଚାଲିଆସ ଓ ମତେ ଲେଖାଇ ଦିଅ । ଏହିଭଳି ହଜ୍‌ରତ୍ ଉମର ର:ଅ ଗୋଟିଏ ଗୋଟିଏ ଘରର ଦରଜା ନିକଟକୁ ଯାଆନ୍ତି ଓ ସେମାନଙ୍କ ସ୍ୱାମୀମାନଙ୍କ ନିକଟକୁ ତାଙ୍କ ତରଫରୁ ଚିଠି ଲେଖିଦିଅନ୍ତି । ପୁଣି ସେହି ଚିଠିଗୁଡ଼ିକୁ ପଠାଇବାର ବ୍ୟବସ୍ଥା କରି ପଠାଇ ଦିଅନ୍ତି । ***(ଅଜାଲତୁଲ୍ ଖିଫା ଅନ୍ ଖିଲାଫତଲ୍ ଖୋଲଫାଆ..... ଖଣ୍ଡ-୩, ପୃ-୨୨୮-୨୨୯...... କରାଚି)***

ହଜ୍‌ରତ୍ ଅଲୀ ର:ଅ ବର୍ଣ୍ଣନା କରିଛନ୍ତି ଯେ ମୁଁ ଦେଖିବାକୁ ପାଇଲି ଯେ ହଜ୍‌ରତ୍ ଉମର ର:ଅ ଓଟର ପାଲାନକୁ କାନ୍ଧ ଉପରେ ରଖି ଅବ୍‌ତହ୍ ଆଡ଼କୁ ଖୁବ୍ ଜୋରରେ ଯାଉଛନ୍ତି । ଏହି **ଅବ୍‌ତହ୍** ହେଉଛି ମକ୍କା ଓ ମିନା ନିକଟରେ ଥିବା ଏକ ସ୍ଥାନର ନାମ ।

ସୁତରାଂ ହଜ୍‌ରତ୍ ଅଲୀ ର:ଅ କୁହନ୍ତି ଯେ, ଏକଦା ମୁଁ ହଜ୍‌ରତ୍ ଉମର୍ ର:ଅଙ୍କୁ ଦ୍ରୁତ ବେଗରେ କେଉଁଠିକୁ ଯାଉଥିବାର ଦେଖିଲି । ଅତଏବ ମୁଁ ହଜ୍‌ରତ୍ ଉମର୍ ର:ଅଙ୍କୁ ପଚାରିଲି ଯେ, ହେ ଅମୀରୁଲ୍ ମୁମିନିନ୍! ଆପଣ କୁଆଡ଼େ ଯାଉଛନ୍ତି ? ହଜ୍‌ରତ୍ ଉମର୍ ର:ଅ ଉତର ଦେଲେ ଯେ, ସଦ୍‌କାର ଗୋଟିଏ ଓଟ ଖସି ପଳାଇଛି, ତାକୁ ଖୋଜିବାକୁ ବାହାରିଛି । ପୁଣି ହଜ୍‌ରତ୍

ଅଲୀ ର:ଅଙ୍କୁ କହିଲେ ଆପଣ ନିଜର ପରବର୍ତୀ ଖଲିଫାମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରିଦେଇଛନ୍ତି ଆପଣ ଏପରି କାର୍ଯ୍ୟ କରୁଛନ୍ତି ଯେ ଆପଣଙ୍କ ପରେ ଯେଉଁ ଖଲିଫାମାନେ ଆସିବେ ସେମାନଙ୍କ ପାଇଁ ଏହା ବହୁତ କଷ୍ଟକର ହେବ । ହଜ୍‌ରତ୍ ଉମର୍ ର:ଅ ଉତର ଦେଲେ ହେ ଅବୁଲ୍ ହସନ୍ ! (ଅର୍ଥାତ ଅଲୀ ର:ଅ) ତୁମେ ମୋତେ ନିନ୍ଦା କର ନାହିଁ । ମୁଁ ସେହି ସତାଙ୍କ ଶପଥ କରି କହୁଛି ! ଯିଏ ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କୁ ନବୁୱତ୍ (ଅବତାରତ୍ୱ) ସହିତ ପ୍ରେରଣ କରିଥିଲେ । ଯଦି ଫୁରାତ୍ ସମୁଦ୍ର ତଟରେ ଛେଳି ଛୁଆ ହଜିଯାଏ କିମ୍ବା ମୃତ୍ୟୁ ବରଣ କରେ ତେବେ ପ୍ରଳୟ ଦିବସ ଦିନ ହଜ୍‌ରତ୍ ଉମର୍ ର:ଅଙ୍କ ଧରପକଡ଼ ଅର୍ଥାତ ହିସାବ କିତାବ ହେବ ।

***(ଅଜାଲତୁଲ୍ ଖିଫା ଅନ୍ ଖିଲାଫତଲ୍ ଖୋଲଫାଆ..... ଖଣ୍ଡ-୩, ପୃ-୨୮୬-୨୮୭...... କରାଚି) (ମୁଅଜମୁଲ୍ ବୁଲ୍‌ଦାନ୍ ଖଣ୍ଡ-୧, ପୃ-୯୫)***

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ କହୁଛନ୍ତି ଯେ "ହଜ୍‌ରତ୍ ଉମର ର:ଅଙ୍କ ସମୟରେ ଜଣେ ମୁସଲମାନ ଏମିତି ଚାଲିକି ଆସୁଥିଲା ଯେ ତା'ର ମୁଣ୍ଡ ତଳକୁ ହୋଇଥିଲା" ଅର୍ଥାତ ଜଣେ ମୁସଲମାନ ଏପରି ଥିଲା ଯିଏ ମୁଣ୍ଡ ତଳକୁ କରି ଚାଲୁଥିଲା । ଯେମିତି ତାକୁ କିଛି ଦୁଃଖ ଲାଗିଛି, କିଛି ଅସୁବିଧାରେ ଅଛି ସେଥିପାଇଁ ସେ ଦୁଃଖରେ ଥିବ ତେଣୁ ମୁଣ୍ଡକୁ ତଳକୁ କରି ଚାଲୁଥିଲା । "ହଜ୍‌ରତ୍ ଉମର ର:ଅ ତା ଥୋମଣାକୁ ମୁଥା ମାରିଲେ ଓ କହିଲେ ଇସ୍‌ଲାମର ବିଜୟ ପ୍ରାପ୍ତ କରିବାର ଯୁଗ କିନ୍ତୁ ତୁମେ ନିଜର ମୁଣ୍ଡ ତଳକୁ କରି ଚାଲୁଛ !" ଅର୍ଥାତ ଏବେ ଇସ୍‌ଲାମ ଚାରିଆଡ଼େ ବିଜୟ ଲାଭ କରିଚାଲିଛି । ଯଦି ତୁମକୁ କିଛି ଦୁଃଖ ବା କଷ୍ଟ ପହଂଚିଛି ସେଥିଯୋଗୁଁ ତୁମେ ମୁଣ୍ଡ ନୁଆଇଁ ଚାଲୁଛ । ଏହା ଠିକ୍ ନୁହେଁ । "ଖୁଦାତାଲା ଏବେ ଇସ୍‌ଲାମକୁ ଶାସନ କରିବାର ଅବସର ଦେଇଛନ୍ତି । ଦୁନିଆ ଯାହା ମନେ ତାହା କହୁ କିନ୍ତୁ ତୁମେ ଏ ବିଶ୍ୱାସ

ରଖିଛ ଯେ ଇସ୍‌ଲାମ୍‌ର ବିଜୟ ହେବ । ଯଦି ତୁମେ ଏ ବିଶ୍ୱାସ ରଖିଛ ଯେ ଇସ୍‌ଲାମ୍‌ର ବିଜୟ ହେବ ତା'ହେଲେ ଦୁଃଖ କରିବାର କାରଣ କ'ଣ ? ***(କାଦିଆନ୍ ସେ ହମାରି ହିଜ୍‌ରତ୍ ଏକ୍ ଆସ୍‌ମାନୀ ତକ୍‌ଦୀର୍ ଥି, ଅନୱାରୁଲ୍ ଉଲୁମ୍ ଖଣ୍ଡ-୨୧, ପୃ-୩୭୯)***

ପୁଣି ଛୋଟିଆ ଛୋଟିଆ କଥାରେ କାନ୍ଦିବାର ଆବଶ୍ୟକ ନାହିଁ । ଏକଥା ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ କାଦିଆନ୍‌ରୁ ହିଜ୍‌ରତ୍ କରିବା ପରେ ଏ ବିଷୟରେ କହିଥିଲେ ଯେ ଜଣେ ମୋମିନ୍ ଏକଥା ଦେଖିବା ଠିକ୍ ନୁହେଁ ଯେ ସେ କ'ଣ ହରାଇଛି । ଯଦି କିଛି ଜିନିଷ ନଷ୍ଟ ବି ହୋଇଗଲା, କ୍ଷତି ହୋଇଗଲା, ଏଥିରେ ଏହା ଦେଖିବା ଠିକ୍ ନୁହେଁ ଯେ କ'ଣ ହରାଇ ଦେଲି ବରଂ ଏକଥା ଦେଖିବା ଉଚିତ ଯେ କାହା ପାଇଁ ହରାଇଲି । ଯଦି ଖୁଦାତାଲାଙ୍କ ପାଇଁ ଓ ଇସ୍‌ଲାମ୍‌ର ଉନ୍ନତି ପାଇଁ କିଛି ଜିନିଷ ନଷ୍ଟ ହୋଇଗଲା ବା ହାତରୁ ଚାଲିଗଲା ତା' ହେଲେ ଅଲ୍ଲାଃ ଏହାର ଉତମ ପ୍ରତିଫଳ ପ୍ରଦାନ କରିବେ । ଅସ୍ଥାୟୀ କ୍ଷତି ଯୋଗୁଁ ଚିନ୍ତା କରିବାର ଆବଶ୍ୟକ ନାହିଁ ।

ସେହିପରି ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ହଜରତ୍ ଉମର ର:ଅଙ୍କର ଗୋଟିଏ ପ୍ରଶିଦ୍ଧ ଘଟଣା ବର୍ଣ୍ଣନା କରିଛନ୍ତି ଯାହା ଯୋଗୁଁ ହଜ୍‌ରତ୍ ଉମର ର:ଅଙ୍କୁ କଷ୍ଟ ଭୋଗିବାକୁ ପଡ଼ିଲା କିନ୍ତୁ ଆପଣ ର:ଅ ସେହି ଦୁଃଖର କିଛି ପରବାଏ କରିନଥିଲେ ଏବଂ ଏପରି ସମାନତା ପ୍ରତିଷ୍ଠା କଲେ ଯାହାକୁ ଇସ୍‌ଲାମ୍ ସାରା ଦୁନିଆରେ ପ୍ରତିଷ୍ଠା କରିବାକୁ ଚାହୁଁଥିଲା । ଘଟଣାଟି ଏପରି ଥିଲା ଯେ ଇସାଇ କବିଲାର **ଜବ୍‌ଲା ବିନ୍ ଅୟହମ୍** ନାମକ ଜଣେ ବହୁତ ବଡ଼ ସର୍ଦ୍ଦାର ଥିଲା । ଯେତେବେଳେ ଶାମ୍ (ସିରିଆ) ଉପରେ ମୁସଲମାନମାନେ ଆକ୍ରମଣ ଆରମ୍ଭ କଲେ, ସେତେବେଳେ ସେ ନିଜ କବିଲା ସମେତ ମୁସଲମାନ ହୋଇଗଲା ଓ ହଜ୍ କରିବା ପାଇଁ ଗଲା । ହଜ୍ ସମୟରେ ଗୋଟିଏ ସ୍ଥାନରେ ବହୁତ ଭିଡ଼ ଥିଲା ତେଣୁ ହଠାତ୍ କୌଣସି ମୁସଲ୍‌ମାନ୍‌ର ପାଦ ତା ପାଦ ଉପରେ ପଡ଼ିଗଲା । କିଛି ରିୱାୟତ୍‌ରେ ଆସୁଛି ଯେ ସେହି ଲୋକଟିର ପାଦ ତା ପୋଷାକର କାନି ଉପରେ ପଡ଼ିଗଲା । ଯେହେତୁ ସେ ସର୍ଦ୍ଦାର ନିଜକୁ ନିଜେ ଜଣେ ରାଜା ବୋଲି ଭାବୁଥିଲା ଓ ଏହା ବିବେଚନା କରୁଥିଲା ଯେ ମୋ କୌମ୍ (ସମ୍ପ୍ରଦାୟର ଷାଠିଏ ହଜାର ଲୋକ ମୋ ଆଦେଶର ଅଧିନରେ ଅଛନ୍ତି । ବରଂ କିଛି ଇତିହାସରେ ଏହା ଉଲ୍ଲେଖ ଅଛି ଯେ ଷାଠିଏ ହଜାର ସିପାହି ତା ଅଧିନରେ ଥିଲେ । ସେ ଯାହା ହେଉ ଯେତେବେଳେ ଜଣେ ଅବୋଧ ମୁସଲମାନର ପାଦ ତା ପାଦ ଉପରେ ପଡ଼ିଗଲା ସେ କ୍ରୋଧରେ ଜର୍ଜରିତ ହୋଇ ସେହି ଗରିବ ମୁସଲମାନ ବ୍ୟକ୍ତିକୁ ଚାପୁଡ଼ା ମରିଦେଲା ଓ କହିଲା ତୁ ମୋର ଅସମ୍ମାନ କଲୁ । ତୁ ଜାଣିନାହୁଁ ମୁଁ କିଏ ? ତୁମକୁ ମତେ ସମ୍ମାନ ଜଣାଇ ପଛକୁ ଘୁଂଚିଯିବାର ଥିଲା । ତୁମେ ଦୁଷ୍ଟାମି କରି ନିଜର ପାଦ ମୋ ପାଦ ଉପରେ ରଖି ଦେଇଛ । ସେହି ମୁସଲମାନ ଜଣକ ଚାପୁଡ଼ା ଖାଇ ନୀରବ ରହିଲା କିନ୍ତୁ ଆଉ ଜଣେ ମୁସଲମାନ କହିବାକୁ ଲାଗିଲା ଯେ କ'ଣ ତୁମେ ଜାଣିଛ କି ତୁମେ ଯେଉଁ ଧର୍ମରେ ଦାଖିଲ ହୋଇଛ ତାହା ହେଉଛି ଇସ୍‌ଲାମ୍ ଏବଂ ଇସ୍‌ଲାମ୍‌ରେ ଛୋଟ ବଡ଼ର ପ୍ରଭେଦ ନାହିଁ । ବିଶେଷ ଭାବରେ ଏହି ଘରେ ଅର୍ଥାତ ଖାନାକାବାରେ । ଯାହାର ତୁମେ ପରିକ୍ରମା କରୁଅଛ, ଏହି ଘରେ ଧନୀ ଓ ଗରୀବ ମଧ୍ୟରେ କିଛି ଫରକ ନଥାଏ । ସେ ଏହା ଶୁଣି କହିଲା ମୁଁ ଏହାର ପରବାଏ କରେନାହିଁ । ଏହା ଶୁଣି ମୁସଲମାନ ଲୋକଟି କହିଲା ଯଦି ହଜ୍‌ରତ୍ ଉମର୍ ର:ଅଙ୍କ ନିକଟରେ ତୁମ ବିରୁଦ୍ଧରେ ଯଦି ଅଭିଯୋଗ ହୋଇଯାଏ ତାହାହେଲେ ସେ ତୁମ ଠାରୁ ସେହି ଗରିବ ମୁସଲମାନ ବ୍ୟକ୍ତିର ପ୍ରତିଶୋଧ ନେବେ **ଜବ୍‌ଲା ବିନ୍ ଅୟହମ୍** ଏହା ଶୁଣି କ୍ରୋଧରେ ଜର୍ଜରିତ ହୋଇଗଲା ଓ କହିଲା ଯେ କ'ଣ ଏମିତି କିଏ ଅଛି ଯିଏ **ଜବ୍‌ଲା ବିନ୍ ଅୟହମ୍** ର ମୁହଁକୁ ଚାପୁଡ଼ା ମାରିଦେବ ? ସେହି ମୁସଲମାନ ଜଣକ କହିଲେ ମୁଁ ଆଉ କାହା ବିଷୟରେ ତ' ଜାଣିନାହିଁ କିନ୍ତୁ ଉମର୍ ତ' ମାରିବେ । ଏହା ଶୁଣି ସେ ଶୀଘ୍ର ଶୀଘ୍ର ଖାନାକାବାର ପରିକ୍ରମା କଲା ଏବଂ ସିଧା ସଳଖ ଯାଇ ହଜ୍‌ରତ୍ ଉମର୍ ର:ଅଙ୍କ ସଭାରେ ପହଂଚିଲା ଏବଂ ପଚାରିଲା ଯେ, ଯଦି କୌଣସି ବଡ଼ ଲୋକ ଜଣେ ଛୋଟ ଲୋକକୁ ଚାପୁଡ଼ା ମାରେ ତା'ହେଲେ ଆପଣ କ'ଣ କରିଥାନ୍ତି ? ହଜ୍‌ରତ୍ ଉମର ର:ଅ କହିଲେ, ଆମେ ଏହା କରିଥାଉ କି ସେହି ବଡ଼ ଲୋକର ମୁହଁକୁ ଛୋଟ ଲୋକ ଦ୍ୱାରା ଚାପୁଡ଼ା ମରାଇ ଥାଉ । ସେ କହିଲା ଆପଣ ମୋ କଥାକୁ ବୁଝିପାରିଲେ ନାହିଁ । ମୋ କହିବାର ଅର୍ଥ ହେଉଛି ଯଦି ଜଣେ ବହୁତ ବଡ଼ ଲୋକ ଚାପୁଡ଼ା ମାରେ ତା'ହେଲେ ଆପଣ କ'ଣ କରନ୍ତି ? ହଜ୍‌ରତ୍ ଉମର୍ ର:ଅ ପ୍ରତ୍ୟୁତରେ କହିଲେ: ଇସ୍‌ଲାମ୍ ଧର୍ମରେ ବଡ଼ ସାନ ବୋଲି କୌଣସି ବାଛ ବିଚାର ନାହିଁ । ପୁନଶ୍ଚ ହଜ୍‌ରତ୍ ଉମର୍ ର:ଅ କହିଲେ ତୁମେ ଏହି ଦୋଷ କରି ନାହଁ ତ' ? ପ୍ରତ୍ୟୁତରରେ ସେ ମିଥ୍ୟା କଥା କହିଲା ଏବଂ କହିଲା ଯେ, ମୁଁ ତ' କୌଣସି ବ୍ୟକ୍ତିକୁ ଚାପୁଡ଼ା ମାରି ନାହିଁ ! ମୁଁ ତ' କେବଳ ଆପଣ ର:ଅଙ୍କୁ ଏମିତି ଗୋଟିଏ କଥା ପଚାରିଦେଲି ପୁଣି ସେ ସେହି ସଭାରୁ ଉଠିଲା ଏବଂ ନିଜ ସାଥିମାନଙ୍କୁ ଧରି ନିଜ ଦେଶ ଅଭିମୁଖେ ପଳାୟନ କଲା ଏବଂ ନିଜ ସଂପ୍ରଦାୟ ସମେତ ଇସ୍‌ଲାମ୍ ଧର୍ମରୁ ଓହରିଗଲା ଏବଂ ମୁସଲମାନମାନଙ୍କ ବିରୁଦ୍ଧରେ ରୋମୀମାନଙ୍କ ସହିତ ମିଶି ରୋମୀମାନଙ୍କୁ ମୁସଲମାନମାନଙ୍କ ବିରୁଦ୍ଧରେ ସାହାଯ୍ୟ କଲା । କିନ୍ତୁ ହଜ୍‌ରତ୍ ଉମର୍ ର:ଅ ଏଥିଯୋଗୁଁ କିଛି ପରବାଏ କଲେ ନାହିଁ । ***(ସେରେ ରୁହାନୀ (୨) ଅନୱାରୁଲ୍ ଉଲୁମ୍ ଖଣ୍ଡ-୧୬ ପୃ-୪୨-୪୩)*** ଏହା ହିଁ ସେହି ସମନ୍ୱୟତା ଥିଲା ଯେଉଁ ସମନ୍ୱୟତାକୁ ଇସ୍‌ଲାମୀୟ ଶାସନ ନୀତି ସ୍ଥାପନ କରିଥିଲା ଏବଂ ଆଜି ଇସ୍‌ଲାମୀୟ ରାଷ୍ଟ୍ର ପାଇଁ ଏହା ଏକ ଶିକ୍ଷା ଅଟେ ।

ହଜ୍‌ରତ୍ ଉମର୍ ର:ଅଙ୍କ ଆଲୋଚ୍ୟ ଜୀବନୀ ଚର୍ଚ୍ଚାଟି ବର୍ତମାନ ଅଭ୍ୟାହତ ରହିଛି । ଏହାର ଅବଶିଷ୍ଟାଂଶ ଇନ୍‌ଶାଅଲ୍ଲାଃ ଆଗାମୀ ଖୁତ୍‌ବାରେ ଆଲୋଚନା ହେବ ।

ବର୍ତମାନ ମୁଁ କେତେକ ମୃତକମାନଙ୍କ ନମାଜ ଯନାଜାଃ ସଂପର୍କରେ ଚର୍ଚ୍ଚା କରିବି ଏବଂ ନମାଜ ଜୁମା ପରେ ଏହି ମୃତକମାନଙ୍କର ନମାଜ ଯନାଜାଃ ପଢ଼ାଇବି । ତନ୍ମଧ୍ୟରୁ ସର୍ବପ୍ରଥମ ମୃତକ ହେଲେ ସମ୍ମାନନୀୟ ସ୍ୱର୍ଗତ ଅବ୍‌ଦୁଲ୍ ଓହିଦ୍ ସାହେବ୍ ୱଡ଼ାଇଚ୍ ସାହେବଙ୍କର । ସେ ଜର୍ମାନୀ ଦେଶ ଅନ୍ତର୍ଗତ ୱାଲ୍‌ଡ଼ ଶଟ୍‌ର ସଭାପତି (ସଦର୍ ଜମାଅତ୍) ଥିଲେ । ସେହିପରି ସେ ଜର୍ମାନୀର ପୂର୍ବତନ ସଦର୍ ଖୁଦ୍ଦାମୁଲ୍ ଅହେମଦିୟା ଥିଲେ ଏବଂ ସୁଇଜରଲ୍ୟାଣ୍ଡର ପୂର୍ବତନ ଜାତୀୟ ତର୍‌ବିୟତ୍ ସେକ୍ରେଟାରୀ ମଧ୍ୟ ଥିଲେ । ମେ ମାସ ୧୨ ତାରିଖ ଦିନ ମାଉଂଟ ଏଭରେଷ୍ଟ ପର୍ବତକୁ ସଫଳତାର ସହିତ ଅତିକ୍ରମ କରି ପର୍ବତ ଶୃଙ୍ଗରେ ପହଂଚି ସେଠାରେ ଅହେମଦିୟତ୍‌ର ବାନା ଉଡ଼ାଇବା ପରେ ନିମ୍ନ ଭୂମିକୁ ଅବତରଣ କରିବା ପରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯିବା ଫଳରେ ୪୧ ବର୍ଷ ବୟସରେ ତାଙ୍କର ଅକାଳ ବିୟୋଗ ହୋଇଥିଲା । *ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ* । ସ୍ୱର୍ଗତଙ୍କ ପରିବାରରେ ବିଧବା ପତ୍ନୀଙ୍କ ବ୍ୟତିତ ତିନି ପୁତ୍ର ଓ ଦୁଇଜଣ ପୁତ୍ରୀ ଅଛନ୍ତି । ଏହା ବ୍ୟତୀତ ସ୍ୱର୍ଗତଙ୍କର ଗୋଟିଏ ଭାଇ ଓ ଦୁଇ ଭଉଣୀ ମଧ୍ୟ ଅଛନ୍ତି । ସ୍ୱର୍ଗତ ଓ୍ୱହିଦ୍ ସାହେବ ଜଣେ ଆଦର୍ଶ ଅହେମଦି ଥିଲେ । ସେ ଜଣେ ପ୍ରକୃତ ମାନବ ସେବକ ମଧ୍ୟ ଥିଲେ । ହଜୁର ଅ:ବ:ଅ କହିଲେ କି ସେ ମୋତେ ସାକ୍ଷାତ ମଧ୍ୟ କରିଥିଲେ ଏବଂ ସ୍ୱର୍ଗତ ଓ୍ୱହିଦ୍ ସାହେବ କହନ୍ତି ମୁଁ ଏହି ସଂକଳ୍ପ ନେଲି ଯେ, ମୁଁ ସପ୍ତ ମହାଦେଶର ପର୍ବତ ଶିଖରକୁ ଜୟ କରି ସେହି ପର୍ବତଗୁଡ଼ିକର ଶୃଙ୍ଗରେ ଅହେମଦିୟାର ବାନା ଉଡ଼ାଇବି । ହଜୁର ଅ:ବ:ଅ କହିଲେ ଯଦି ତୁମେ ଏହି ପର୍ବତ ଶୃଙ୍ଗଗୁଡ଼ିକୁ ପାରି କରିପାରୁଛ ତାହାହେଲେ ଅବଶ୍ୟ ସେଠାକୁ ଯାଅ ଏବଂ ସେଠାରେ ଅହେମଦିୟତ୍‌ର ବାନା ଉଡ଼ାଅ । ସେ ଯାହା ହେଉ ନା କାହିଁକି ହଜୁର ଅ:ବ:ଅ କୁହନ୍ତି ଯେ, ମୋ ବିଚାରରେ ନିଃସନ୍ଦେହ ରୂପେ ସ୍ୱର୍ଗତ ଓହିଦ୍ ସାହେବ ନିଜର ପୂର୍ଣ୍ୟାଭିଳାଷୀ ଅବେଗ ମନୋବୃତିର ସହିତ ଇସ୍‌ଲାମ୍, ଅହେମଦିୟତ୍ ଓ ଅଲ୍ଲାଃ ତାଲାଙ୍କ ଏକେଶ୍ୱରବାଦର ବାର୍ତା ପହଂଚାଇବା ସକାଶେ ଯଥାସମ୍ଭବ ପ୍ରୟାସ କରିଛନ୍ତି ଏବଂ ତହିଁରେ ସେ ସଫଳ ମଧ୍ୟ ହୋଇ ପରିଶେଷରେ ଅଲ୍ଲାଃ ତାଲାଙ୍କ ସମ୍ମୁଖରେ ଉପସ୍ଥିତ ହୋଇଗଲେ । ହଜୁର ଅ:ବ:ଅ କହିଲେ ନିଃସନ୍ଦେହ ରୂପେ ସ୍ୱର୍ଗତ ଓହିଦ୍ ସାହେବ ଶାହାଦତ୍‌ର ମର୍ଯ୍ୟାଦା ଲାଭ ପାଇଛନ୍ତି । ଅଲ୍ଲାଃ ତାଲାଙ୍କ ନିକଟରେ ଏତିକି ଗୁହାରି ଯେ, ଅଲ୍ଲାଃ ତାଲା ସ୍ୱର୍ଗତ ଓହିଦ୍ ସାହେବଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନୀତ କରି ଶୁହଦାଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ କରନ୍ତୁ । ଆମିନ୍ ।

ଅମୀର ସାହେବ ସୁଇଜରଲ୍ୟାଣ୍ଡ ତାରିକେ ତାର୍ ନସ୍‌ତର୍ ସାହେବ ଲେଖୁଛନ୍ତି ଯେ, ଅବ୍‌ଦୁଲ୍ ଓହିଦ୍ ୱଡ଼ାଇଚ୍ ସାହେବ ନିଜ ଜୀବନର ଆରମ୍ଭରୁ ମୃତ୍ୟୁ ପର୍ଯ୍ୟନ୍ତ ସର୍ବଦା ଜମାତ୍‌ର ଜଣେ କର୍ମଠ ସଦସ୍ୟ ଥିଲେ । ଜମାତ୍‌ର ସଦସ୍ୟ ଭାବରେ ଓ ଜଣେ ଓ୍ୱହଦଦାର ଭାବରେ ସେ ଜଣେ ଉଦାହରଣୀୟ ଅହେମଦୀ ଥିଲେ ଏବଂ ଜଣେ କର୍ତବ୍ୟ ନିଷ୍ଠ୍ୟ ଅହେମଦୀ ଥିଲେ । ତାଙ୍କ ସ୍ୱଭାବରେ ଗର୍ବର କୌଣସି ସ୍ଥାନ ହିଁ ନଥିଲା ସେ ନା କେବଳ ମାନବସେବା ପାଇଁ ପ୍ରୋତ୍ସାହିତ କରୁଥିଲେ ବରଂ ନିଜେ ସେଥିରେ ପରିଚାଳିତ ହୋଇ ଦେଖାଉଥିଲେ ।

IAAAE ର ବିଭିନ୍ନ ପ୍ରୋଜେକ୍ଟ ପାଇଁ ସେ ଆଫ୍ରିକା ମଧ୍ୟ ଯାଇଛନ୍ତି ସେଠାରେ ମାନବ ସେବାକୁ ଦେଖି କିଛି ନବଯୁବକ ମଧ୍ୟ ଆଫ୍ରିକା ଗଲେ । ସେ ଯେତେବେଳେ ସଦର ମଜ୍‌ଲିସ୍ ଖୁଦାମୁଲ୍ ଅହେମଦିୟା ଭାବରେ ନିଯୁକ୍ତ ହେଲେ ସେତେବେଳେ ନୂଆ ନୂଆ ରାସ୍ତା ତଲାସ୍ କରୁଥିଲେ ଯଦ୍ୱାରା ଯୁବକମାନଙ୍କର ଶିକ୍ଷା ଓ ପ୍ରଶିକ୍ଷଣର ବ୍ୟବସ୍ଥା ହୋଇପାରିବ ଏବଂ ସେମାନଙ୍କୁ ୟୁରୋପର ଭୌତିକବାଦ ଚିନ୍ତା ଧାରାରୁ ନିବୃତ କରାଯାଇପାରିବ । ତାଙ୍କର ମାଲି କୁର୍ବାନୀ ମଧ୍ୟ ଉଦାହରଣୀୟ ଥିଲା । ପୁଣି ଅମୀର ସାହେବ ଲେଖୁଛନ୍ତି ଯେ, ତାଙ୍କ ପୁତ୍ର ଅଜିଜମ୍ ତଲ୍‌ହା ୱଡ଼ାଇଚ୍ ଯିଏ ବର୍ତମାନ ଜାମିୟା ଅହେମଦିୟା ଜର୍ମାନୀରେ ଶିକ୍ଷା ଗ୍ରହଣ କରୁଛନ୍ତି, ତାଙ୍କର ମଧ୍ୟ ସେ ବହୁତ ଭଲ ସଂସ୍କାର କରିଛନ୍ତି । ଯଦି ସଂକ୍ଷେପରେ କୁହାଯାଏ ତେବେ ଅବ୍‌ଦୁଲ୍ ଓହିଦ୍ ୱଡ଼ାଇଚ୍ ସାହେବ ଈଶ୍ୱରଙ୍କ ପ୍ରତି ଥିବା ଅଧିକାର ଏବଂ ମାନବଜାତି ଥିବା ଅଧିକାରକୁ ପ୍ରଦାନ କରିବାରେ ଜଣେ ଦୃଷ୍ଟାନ୍ତ ଅହେମଦୀ ଥିଲେ ।

ଅଣଅହେମଦୀ ଜମାତ୍‌ର ଲୋକମାନେ ମଧ୍ୟ ତାଙ୍କ ଦେହାନ୍ତରେ ଦୁଃଖ ପ୍ରକାଶ କରିଛନ୍ତି । Mr. Stefan Lorch ସାହେବ ଲେଖୁଛନ୍ତି ଯେ, ଅବ୍‌ଦୁଲ୍ ଓହିଦ୍ ୱଡ଼ାଇଚ୍ ସାହେବ ତାଙ୍କ ସହିତ ଅନେକ ବର୍ଷ ହେବ Swisscom କମ୍ପାନୀରେ କାମ କରିଛନ୍ତି ଯାହା ହେଉଛି ସୁଇଜରଲ୍ୟାଣ୍ଡର ସବୁଠାରୁ ବଡ଼ ଟେଲିକମ୍ୟୁନିକେସନ୍ କମ୍ପାନୀ । ସେ କହୁଛନ୍ତି ମୁଁ କେବଳ ତାଙ୍କର ଯୋଗ୍ୟତା ଯୋଗୁଁ ତାଙ୍କୁ ସମ୍ମାନ ଜଣାଉନଥିଲି ବରଂ ତାଙ୍କର ବିଶେଷ କାର୍ଯ୍ୟ ପଦ୍ଧତି ଯୋଗୁଁ କରୁଥିଲି । ସେ ଅତ୍ୟନ୍ତ ଖୁସ୍‌ମିଜାଜ୍‌ର ବ୍ୟକ୍ତି ଥିଲେ ଅନ୍ୟମାନଙ୍କୁ ସାହାଯ୍ୟ କରୁଥିଲେ, ଭରଷା ଯୋଗ୍ୟ ବ୍ୟକ୍ତି ଥିଲେ ।

ମୁରବୀ ସାହେବ ଲେଖୁଛନ୍ତି ଯେ, ସେ ବହୁତ ଉତମ ଗୁଣର ଅଧିକାରି ଥିଲେ ଖିଲାଫତ୍ ସହିତ ପ୍ରେମ ଥିଲା ନିୟମିତ ଜୁମା ନମାଜ ମସ୍‌ଜିଦ୍‌ରେ ପାଠ କରୁଥିଲେ ଅନ୍ୟ ନମାଜ ଗୁଡ଼ିକ ମଧ୍ୟ ମସ୍‌ଜିଦ୍‌ରେ ଆସି ପଢ଼ିବା ପାଇଁ ଚେଷ୍ଟା କରୁଥିଲେ ସେହିପରି ତହ୍‌ଜୁଦ୍ ମଧ୍ୟ ନିୟମିତ ପାଠ କରୁଥିଲେ ।

ତାଙ୍କ ନ୍ୟାସନାଲ୍ ସେକ୍ରେଟାରୀ ମାଲ୍ ରିଜୱାନ୍ ସାହେବ କହୁଛନ୍ତି ଯେ, ମାଇକ୍ରୋସଫ୍ଟ କମ୍ପାନୀର ସୁଇଜରଲ୍ୟାଣ୍ଡ ବ୍ରାଂଚରେ ସେ ସଫ୍ଟୱେୟାର ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିଲେ । ସେ ଥରେ ମତେ କହିଲେ ଯେ, ମାଇକ୍ରୋସଫ୍ଟ ସୁଇଜରଲ୍ୟାଣ୍ଡରେ ତା ବ୍ରାଂଚକୁ ଶେଷ କରି ସିଲିକନ୍ ଭ୍ୟାଲି ନେଇଯାଉଅଛି ତେଣୁ ସେ ମତେ ଅଫର୍ ଦେଇଛନ୍ତି ଯେ, ଆମ ସହିତ

ଚାଲନ୍ତୁ ସବୁ ସୁବିଧା ସୁଯୋଗ ମିଳିବ ଓ ଦରମା ମଧ୍ୟ ବଢ଼ିଯିବ ଏବଂ ସୁଇଜରଲ୍ୟାଣ୍ଡରୁ ଆପଣଙ୍କର ସବୁକିଛି ଜିନିଷପତ୍ର ସେଠାକୁ ନେଇ ନିଆଯିବ । ସେ ତାଙ୍କୁ କହିଲେ ଯେ, ମୁଁ ଯିବିନାହିଁ କାରଣ ଏଠାରେ ମତେ କିଛି ଯମାତ୍‌ର ଦାୟିତ୍ୱ ଦିଆଯାଇଅଛି ତେଣୁ ମୁଁ ସେହି ଦାୟିତ୍ୱକୁ ଛାଡ଼ିବାକୁ ଚାହୁଁନାହିଁ । ପୁଣି କିଛି ଦିନ ପରେ ଅଲ୍ଲାଃ ତାଲାଙ୍କ କୃପାରୁ ସେହି ବ୍ରାଂଚକୁ ସୁଇଜରଲ୍ୟାଣ୍ଡର ବଡ଼ କମ୍ପାନୀ ସୁଇସ୍‌କମ୍ କିଣିନେଲା । ଅବ୍‌ଦୁଲ୍ ଓହିଦ୍ ଓ୍ୱାଡ଼ାଇଚ୍ ସାହେବ କହୁଥିଲେ ଯେ, ସେମାନେ ମତେ ସେଠାକୁ ନେଇ ଯିବାପାଇଁ ଚାହୁଁଥିଲେ କିନ୍ତୁ ଅଲ୍ଲାଃ ତାଲା ଏଠାରେ ବ୍ୟବସ୍ଥା କରିଦେଲେ । କେବଳ ଏତିକି ନୁହେଁ ମୁଁ ଏଠାରେ ମୋ ବୋଷ୍ ଠାରୁ ଅଧିକ ସାଲାରୀ ପାଉଛି ।

ନ୍ୟାସନାଲ୍ ସେକ୍ରେଟାରୀ ଉମୁରେ ଖାରିଜା ଜାହିଦ୍ ସାହେବ କହୁଛନ୍ତି ଯେ, ସେ ତାଙ୍କୁ ୨୬ ବର୍ଷ ହେବ ଜାଣିଥିଲେ, ଖୁଦାମୁଲ୍ ଅହେମଦିୟାରେ ତାଙ୍କ ସହିତ କାମ କରିବାର ସୁଯୋଗ ମିଳିଛି । ସେ ଅତ୍ୟନ୍ତ ଭଦ୍ର, ପ୍ରାର୍ଥନାକାରୀ, ବହୁତ ପରିଶ୍ରମୀ, ଖିଲାଫତ୍‌ର ଆଜ୍ଞାକାରୀ, ଉତମ ବନ୍ଧୁ ଏବଂ ମେଳାପୀ ବ୍ୟକ୍ତି ଥିଲେ । ଯୁବକ ଅବସ୍ଥାରେ ଅନ୍ୟ ଯୁବକମାନଙ୍କଠାରୁ ତାଙ୍କର ସ୍ୱଭାବ ଅଲଗା ଥିଲା । ସେ କେବେବି ରାଗୁନଥିଲେ, କେବେବି ଉଚ୍ଚ ସ୍ୱରରେ କଥା କହୁନଥିଲେ, ଯଦି ଆମର କିଛି ଭୁଲ ହୋଇଯାଉଥିଲା ଆମକୁ ଏକାନ୍ତରେ ବହୁତ ସ୍ନେହର ସହିତ ବୁଝାଉଥିଲେ । ଛୋଟ ବଡ଼ ସମସ୍ତଙ୍କ ସହିତ ହସ ହସ ଚେହେରାରେ ମିଶୁଥିଲେ । ଜୀବନ, ଧନ, ସମୟ ଏବଂ ସମ୍ମାନକୁ କୁର୍ବାନ କରିବାପାଇଁ ସର୍ବଦା ପ୍ରସ୍ତୁତ ରହିବାର ଜୀବନ୍ତ ଉଦାହରଣ ଥିଲେ । ସୁଇଜରଲ୍ୟାଣ୍ଡରେ ଅନେକ ଯୁବକ ଏପରି ଅଛନ୍ତି ସେମାନଙ୍କର ଶିକ୍ଷା ଓ ଭବିଷ୍ୟତ ପନ୍ଥା ସମ୍ବନ୍ଧରେ ସେ ନା କେବଳ ମାର୍ଗଦର୍ଶନ କରାଇଛନ୍ତି ବରଂ ଅନେକ ଲୋକଙ୍କର ରୋଜଗାର କରିବାର ସାହାଯ୍ୟ ମଧ୍ୟ କରିଛନ୍ତି । ଖୁଦାମୁଲ୍ ଅହେମଦୀୟା ଅନ୍ତର୍ଗତ ସେ ଅହେମଦିୟା ହାଇକିଙ୍ଗ କ୍ଲବ ମଧ୍ୟ ପ୍ରତିଷ୍ଠା କଲେ ଏବଂ ବହୁତ ଯୁବକଙ୍କୁ ହାଇକିଙ୍ଗ ବିଷୟରେ ଅବଗତ କରାଇଲେ । ତାଙ୍କର ଅସାଧାରଣ ପଣ ଥିଲା । ସେ କହୁଛନ୍ତି ଯେ, ମୁଁ ତାଙ୍କୁ ପଚାରିଲି କ'ଣ ଆପଣଙ୍କୁ ହାଇକିଙ୍ଗ କରିବା ସମୟରେ ଭୟ ଲାଗୁନାହିଁ ? ସେ କହିଲେ ଯେ, ଭୟ ତ' ଲାଗୁଛି ଏବଂ ମୋ ପରିବାର ମଧ୍ୟ ଏହାକୁ ଅପସନ୍ଦ କରୁଛନ୍ତି କିନ୍ତୁ ମୁଁ ତାହାର ସମାଧାନ ବାହାର କରିଛି ଯେ, ମୁଁ ଯେତେବେଳେ ଖଲିଫାଙ୍କ ସହିତ ସାକ୍ଷାତ କଲି ଓ ତାଙ୍କ ସମ୍ମୁଖରେ ଏକଥା ପେଶ୍ କଲି ଯଦି ସେ ମତେ ଅନୁମତି ଦେଇଦିଅନ୍ତି ତାହେଲେ ମୁଁ ମନସ୍ଥ କରିଛି ଯେ, ମୁଁ ସାତଟି ମହାଦେଶର ଉଚ୍ଚ ଗିରୀଶୃଙ୍ଗ ଉପରେ ଚଢ଼ି ତା' ଉପରେ ଅହେମଦିୟତ୍‌ର ବାନା ଉଡ଼ାଇବି । ତାଙ୍କୁ ଭୟ ଥିଲା ଯେ, କାଳେ ଖଲିଫା ତାଙ୍କୁ ମନା କରିଦେବେ କି, କିନ୍ତୁ ଖଲିଫା ତାଙ୍କୁ କହିଲେ ଯେ, ଯଦି ତୁମେ ଯାଇପାରିବ ତାହେଲେ ଯାଇ ବାନା ଉଡ଼ାଅ । ତେଣୁ ଏବେ ମୁଁ ଇନ୍‌ଶାଅଲ୍ଲାଃ ଏହା ହିଁ କରିବି । ତା'ପରେ ସେ କେବେ ପଛକୁ ଚାହିଁ ଦେଖିନାହାନ୍ତି ଓ ଏହି ମହାନ୍ ଉଦ୍ଦେଶ୍ୟକୁ ହାସଲ କରିବାପାଇଁ କଠିନ ପରିଶ୍ରମ କଲେ ଓ ଗୋଟିଏ ପରେ ଗୋଟିଏ ଉଚ୍ଚତମ ଶୃଙ୍ଗ ଉପରେ ଚଢ଼ିଗଲେ । ତାଙ୍କୁ ଦୁନିଆର ସବୁଠାରୁ ଉଚ୍ଚତମ ଗିରିଶୃଙ୍ଗ ଏଭ୍‌ରେଷ୍ଟ ଉପରେ ମଧ୍ୟ ଅହେମଦିୟତ୍‌ର ଧ୍ୱଜା ଉଡ଼ାଇବାର ସୌଭାଗ୍ୟ ପ୍ରାପ୍ତ ହେଲା । ଲେଖାଳିମାନେ ଲେଖୁଛନ୍ତି ଯେ, ଆମେ ଜାଣିନାହୁଁ କି, ତାଙ୍କର ମୃତ୍ୟୁ ଶହୀଦ ମୃତ୍ୟୁ ହେବ କି ନାହିଁ । କିନ୍ତୁ ତାଙ୍କର କାର୍ଯ୍ୟକୁ ଦେଖି ଓ ବିଶ୍ୱାସକୁ ଦେଖି ଜଣାପଡୁଛି ଯେ, ତାଙ୍କର ମୃତ୍ୟୁ ଶହୀଦର ମୃତ୍ୟୁ ଅଟେ ।

ତାଙ୍କ ବାପା ମୋହତରମ୍ ଖାଦିମ୍ ହୁସୈନ୍ ଓ୍ୱାଡ଼ାଇଚ୍ ସାହେବ ବତାଇଲେ ଯେ, ଆମେ ଏ କଥା ଦେଖୁଥିଲୁ କି ଆମର ଏହି ପୁତ୍ର ଆଗକୁ ଆଗକୁ ବଢ଼ି ଚାଲିଛି ଓ ଗୋଟିଏ ଉପରେ ଗୋଟିଏ ପାହାଡ଼ ଚଢ଼ି ଚାଲିଛି । ମୋ ସାଙ୍ଗମାନେ ମତେ ପଚାରୁଥିଲେ ଯେ, ଆପଣ ପୁଅକୁ କାହିଁକି ରୋକୁନାହାନ୍ତି ଏହା ତ' ବହୁତ ବିପଦପୂର୍ଣ୍ଣ ମାର୍ଗ । ମୁଁ ସେମାନଙ୍କୁ ଉତର ଦେଉଥିଲି ଯେ, ମୋ ରୋକିବାରେ ସେ ରୋକିବ ନାହିଁ କାରଣ ତାଙ୍କ ଭିତରେ ଗୋଟିଏ ଉତ୍ସାହ ରହିଛି ଯେ, ମୁଁ କିପରି ଯମାତ୍‌ର ଧ୍ୱଜାକୁ ପୃଥିବୀର ପ୍ରତ୍ୟେକ ଉଚ୍ଚ ସ୍ଥାନରେ ଉତୋଳନ କରିବି ଏବଂ ଅଲ୍ଲାଃ ତାଲାଙ୍କ ଏକେଶ୍ୱରବାଦର ବାର୍ତାକୁ ପହଂଚାଇବି ।

ଜଣେ ବନ୍ଧୁ ଲେଖୁଛନ୍ତି ଯେ, ମୁଁ ଥରେ ସଦର ସାହେବଙ୍କୁ ପଚାରିଲି ଯେ ଆପଣ ତ' ପାହାଡ଼ ଉପରେ ଚଢୁଛନ୍ତି ଆପଣ ନିଜକୁ ମୋଟିଭେଟ୍ କରିବାପାଇଁ ଫୋନ୍‌ରେ କ'ଣ ସବୁ ଶୁଣୁଛନ୍ତି ? ସେ ମତେ ବତାଇଲେ ଯେ, ମୁଁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପୁସ୍ତକଗୁଡ଼ିକୁ ଡ଼ାଉନ୍‌ଲୋଡ଼ କରିଦେଇଛି ଓ ଯାତ୍ରା ସମୟରେ ସେଗୁଡ଼ିକୁ ଶୁଣୁଛି । ପୁଣି ସେ କହିଲେ ମୁଁ ଆଉଥରେ ତାଙ୍କୁ ପଚାରିଲି, ଆପଣ ଏତେ ଉଚ୍ଚତାରେ ଓ ଥଣ୍ଡାରେ ନିଜର ଉପାସନା କିଭଳି କରୁଛନ୍ତି ? ସେ ମତେ କହିଲେ, ମତେ ପାହାଡ଼ ଉପରେ ଉପାସନା କରିବାରେ ବହୁତ ଆନନ୍ଦ ମିଳୁଛି, ମୋ ମନରେ ଏ ଭାବନା ଉଠେ ଯେ, ଅଲ୍ଲାଃ ତାଲାଙ୍କ ଅମ୍ବିୟାମାନେ ମଧ୍ୟ ପାହାଡ଼ ଉପରେ ଏକାନ୍ତରେ ରହି ଦୁନିଆର କୋଳାହଳ ଠାରୁ ଦୁରକୁ ଯାଇ ଉପାସନା କରୁଥିଲେ । ପୁଣି ସେ ମତେ ଆଉ ଏକ ଘଟଣା ବିଷୟରେ ବତାଇଲେ ଯେ, ଥରେ ଡେନାଲି ପାହାଡ଼ ଉପରେ ଯାହା ନର୍ଥ ଆଲାସ୍କାରେ ରହିଛି ଏବଂ ତାହା ହେଉଛି ପୃଥିବୀର ସବୁଠାରୁ ଅଧିକ ଥଣ୍ଡା ପାହାଡ଼, ତା' ଉପରେ ଚଢ଼ିଲା ବେଳେ ତାଙ୍କର ଗୋଟିଏ ବିଶି ଆଙ୍ଗୁଠି ଶୂନ୍ ହୋଇଗଲା ଏମିତି ଲାଗୁଥିଲା ତାହା ଶରୀରର ଅଙ୍ଗ ନୁହେଁ ଡ଼ାକ୍ତରମାନେ କହିଲେ ଯେ, ଏହି ଆଙ୍ଗୁଠିକୁ କାଟିବାକୁ ପଡ଼ିବ କାରଣ ଏହା ବେକାର ହୋଇଗଲା । ସଦର ସାହେବ କହିଲେ ଯେ, ଏହା ହେଉଛି ଶାହାଦତ୍ (ଏକେଶ୍ୱରବାଦର ସାକ୍ଷ୍ୟ ଦେବା)ର ଆଙ୍ଗୁଠି । ନମାଜ ପଢ଼ିବା ବେଳେ ଆମେ ଏହା ଜରିଆରେ ଏକେଶ୍ୱରବାଦର ସାକ୍ଷ୍ୟ ଦେଇଥାଉ । ତେଣୁ ମୁଁ ଏହି ଆଙ୍ଗୁଳିଟିକୁ କଦାପି କାଟିବି ନାହିଁ । ତା'ପରେ ଅଲ୍ଲାଃଙ୍କ କୃପାରୁ ତାଙ୍କର ସେହି ଆଙ୍ଗୁଠିଟି ସମ୍ପୁର୍ଣ୍ଣ ରୂପେ ଠିକ୍ ହୋଇଗଲା । ଅଲ୍ଲାଃ ତାଲା ତାଙ୍କ ପିଲାମାନଙ୍କୁ ମଧ୍ୟ ତାଙ୍କ ପୂଣ୍ୟ କାର୍ଯ୍ୟକୁ ଜାରି ରଖିବା ପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଏପରି କି ମୁଁ କହିସାରିଛି ଯେ, ଅଲ୍ଲାଃ ତାଲାଙ୍କ ଦୀନ୍ ଏବଂ ତାହାଙ୍କ ଏକେଶ୍ୱରବାଦର ଧ୍ୱଜାକୁ ପ୍ରତ୍ୟେକ ଉଚ୍ଚ ସ୍ଥାନରେ ଉତଳନ କରିବା ତାଙ୍କର ଉଦ୍ଦେଶ୍ୟ ଥିଲା ସୁତରାଂ ସେ ସେଥିରେ ସଫଳ ହେଲେ । ଅଲ୍ଲାଃ ତାଲା ତାଙ୍କ ଉପରେ ଦୟା କରନ୍ତୁ ଓ ତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ ।

ଦ୍ୱିତୀୟ ଯନାଜାଃ ହେଉଛି ସମ୍ମାନନୀୟା ସ୍ୱର୍ଗତା ଅମତୁନ୍ ନୂର୍ ସାହେବାଙ୍କର । ସ୍ୱର୍ଗତା ଡ଼ାକ୍ତର ଅବ୍‌ଦୁଲ୍ ମାଲିକ୍ ଶମିମ୍ ସାହେବଙ୍କର ପତ୍ନୀ ଥିଲେ ଏବଂ ମୌଲବୀ ଅବ୍‌ଦୁଲ୍ ବାକି ସାହେବଙ୍କର ସୁପୁତ୍ରୀ ଥିଲେ । ସ୍ୱର୍ଗତା ଅମ୍‌ତୁର୍ ରଶିଦ୍ ବେଗମ୍ ଓ ମିଆଁ ଅବ୍‌ଦୁର ରହେମାନ୍ ସାହେବଙ୍କ ସୁପୁତ୍ରୀ ଥିଲେ । ଚଳିତ ଜୁନ୍ ମାସ ୧୫ ତାରିଖ ଦିନ ଓ୍ୱାଶିଂଟନ୍ ଠାରେ ତାଙ୍କର ଦେହାନ୍ତ ହୋଇଛି । *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ* । ସ୍ୱର୍ଗତା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଅଣନାତୁଣୀ ସେହିପରି ଆଇ ମା'ଙ୍କ ଆଡୁ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ଅଓ୍ୱଲ୍ (ପ୍ରଥମ ଖଲିଫା)ଙ୍କ ଅଣ ନାତୁଣୀ ଥିଲେ । ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ଓ ହଜରତ ସୟଦା ଅମତୁଲ୍ ହଇ ସାହେବାଙ୍କର ନାତୁଣୀ ଥିଲେ । ଏବଂ ହଜ୍‌ରତ ମସିହ ମଉଦ୍ ଆ:ସଙ୍କ ସାହାବି ହଜ୍‌ରତ୍ ପ୍ରଫେସର ଅଲୀ ଅହେମଦ୍ ଅଫ୍ ବିହାରଙ୍କ ପୌତ୍ରୀ ଥିଲେ । ଏମିତି କି ମୁଁ ଏକଥା ବତାଇଲି ଯେ, ତାଙ୍କ ସ୍ୱାମୀ ଡ଼ାକ୍ତର ଅବ୍‌ଦୁଲ୍ ମାଲିକ୍ ଶମିମ୍ ସାହେବ ଥିଲେ ଯିଏ ହେଉଛନ୍ତି ମୌଲବୀ ଅବ୍‌ଦୁଲ୍ ବାକି ସାହେବଙ୍କ ପୁତ୍ର । ଅଲ୍ଲାଃ ତାଲା ତାଙ୍କୁ ଦୁଇଜଣ ଝିଅ ପ୍ରଦାନ କରିଛନ୍ତି । ତାଙ୍କ ନିକାହ୍ ଖୁତ୍‌ବାରେ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ତୃତୀୟ ପବିତ୍ର କୁର୍‌ଆନ୍‌ର ଯେଉଁ ଆୟତଗୁଡ଼ିକ ଆବୃତି କଲେ ତା'ପରେ କହିଲେ ଯେ, ଏଥିରେ ଏହା ବର୍ଣ୍ଣନା କରାଯାଇଛି କି, କର୍ମର ସଂସ୍କାର ପାଇଁ ସତ୍ୟ କହିବା ଅତ୍ୟନ୍ତ ଆବଶ୍ୟକ । ଅଧିକାଂଶ ଦୁଃଖ ଓ କଷ୍ଟ କୁକର୍ମ ଫଳରେ ସୃଷ୍ଟି ହୋଇଥାଏ । ଯଦି ସ୍ୱଷ୍ଟ ଓ ସିଧା କଥା କୁହାଯାଏ ତେବେ କୌଣସି ପ୍ରକାରର ଭୁଲ ବୁଝାମଣାର ଅବକାର ରହେନାହିଁ । ନା କୌଣସି ପ୍ରକାରର ଅସୁବିଧା ହୁଏନାହିଁ । ଅଲ୍ଲାଃ ତାଲା ଆମ ସମସ୍ତଙ୍କୁ ସତ୍‌କର୍ମ କରିବାପାଇଁ ସୌଭାଗ୍ୟ ପ୍ରଦାନ କରନ୍ତୁ ଏବଂ ଆମମାନଙ୍କର କର୍ମର ସଂସ୍କାର ପାଇଁ ସାମାନ୍ ସୃଷ୍ଟି କରିଦିଅନ୍ତୁ ଏବଂ ଆମମାନଙ୍କୁ ସତ୍ୟ କହିବାପାଇଁ ଏଭଳି ଶକ୍ତି ପ୍ରଦାନ କରନ୍ତୁ ଯେ, ଏହା ଆମ ପାଇଁ ଏକ ସ୍ୱତନ୍ତ୍ର ନିଦର୍ଶନ ହୋଇଯିବ । ପୁଣି ତାଙ୍କ ସହିତ ଆଉ ପାଂଚ ଛଅଟି ନିକାହ୍ ମଧ୍ୟ ଥିଲା । ସେ ସମ୍ବନ୍ଧରେ ହଜୁର କହିଲେ ଯେ, ଗୋଟିଏ ନିକାହ୍ ହେଉଛି ବନ୍ଧୁବାନ୍ଧବ ଦୃଷ୍ଟିକୋଣରୁ ଓ ପ୍ରେମପୂର୍ଣ୍ଣ ସମ୍ପର୍କ ଯୋଗୁଁ ମୋ ନିଜ ଝିଅ ପରି ପିଲାଟିର । ଏହି ଝିଅଟି ହେଉଛି ମିଆଁ ଅବ୍‌ଦୁର୍ ରହିମ୍ ସାହେବ ଓ ମୋର ଛୋଟ ଭଉଣୀ ଅମତୁର୍ ରଶିଦ୍ ବେଗମ୍‌ଙ୍କ ଝିଅ ଅମ୍‌ତୁଲ୍ ନୂର୍ ସାହିବାଙ୍କର । ଯାହାଙ୍କ ନିକାହ୍ ଡ଼ାକ୍ତର ଅବ୍‌ଦୁଲ୍ ମାଲିକ୍ ସମିମ୍‌ଙ୍କ ସହିତ ଅନୁଷ୍ଠିତ ହେଉଅଛି । ସେ ହେଉଛନ୍ତି ମୌଲବୀ ଅବ୍‌ଦୁଲ୍ ବାକି ସାହେବଙ୍କ ସୁପୁତ୍ର । ଅଲ୍ଲାଃ ତାଲାଙ୍କ ନିକଟରେ ପ୍ରାର୍ଥନା ଯେ, ଏହି ରିସ୍ତାକୁ ମଧ୍ୟ ଓ ବାକି ପାଂଚଟି ରିସ୍ତାଗୁଡ଼ିକୁ ମଧ୍ୟ ଅଲ୍ଲାଃ ତାଲା ନିଜ କରୁଣାରୁ ବହୁତ ଖୁସି ଓ ଆନନ୍ଦର ଉତରାଧିକାରୀ ବନାନ୍ତୁ ଏବଂ ଅହେମଦିୟତ୍ ପାଇଁ ମଧ୍ୟ ଆନନ୍ଦର ପରିବେଶ ବନାନ୍ତୁ । ଅସଲ ନିୟତ ଇସ୍‌ଲାମ୍ ପାଇଁ ଉତମ ହେବା ଉଚିତ । ଅହେମଦିୟତ୍ ବହୁତ ଦିନର ଚେଷ୍ଟା ପରେ ଇସ୍‌ଲାମ୍‌ର ବିଜୟ ପଥର ଶେଷ ସଫଳତାକୁ ପ୍ରାପ୍ତ କରିବାକୁ ଯାଉଛି । ତେଣୁ ପିଢ଼ି ପରେ ପିଢ଼ିର ସଠିକ୍ ପ୍ରଶିକ୍ଷଣ ହେବା ବହୁତ ଜରୁରୀ ଯଦି ଅଲ୍ଲାଃ ତାଲାଙ୍କର କରୁଣା ସାଥିରେ ନ ରହିବ ତାହେଲେ । ମଣିଷର ସବୁ ଚେଷ୍ଟା ବୃଥା ହୋଇଯିବ । ତେଣୁ ଆମକୁ ଦୁଆ କରିବା ଉଚିତ ଯେ, ଏହି ବନ୍ଧୁଗୁଡ଼ିକୁ ଅଲ୍ଲାଃ ତାଲା ନିଜ କୃପା ବଳରୁ ଇସ୍‌ଲାମ୍‌ର ମଜ୍‌ଭୁତି ଓ ଇସ୍‌ଲାମ୍‌ର ସୁଦୃଢ଼ ହେବାର ସାଧନ କରନ୍ତୁ । ***(ଖୁତ୍‌ବାତେ ନାସିର୍ ଖଣ୍ଡ-୧୦, ପୃ-୪୮୭ ରୁ ୪୭୯)***

ସାହେବଜାଦି ଅମ୍‌ତୁଲ୍ ନୂର୍ ସାହିବାଙ୍କୁ ଯମାତର ସେବା କରିବା ପାଇଁ ମଧ୍ୟ ସୌଭାଗ୍ୟ ମିଳିଛି । ନ୍ୟାସନାଲ୍ ସେକ୍ରେଟାରୀ ତର୍‌ବିୟତ୍ ଆମେରିକା, ନ୍ୟାସନାଲ୍ ନାଏବ୍ ସଦର ଆମେରୀକା, ଲୋକାଲ୍ ସଦର ଲଜ୍‌ନା ଓ୍ୱାଶିଂଟନ୍ ରୂପେ ସେବା କରିଛନ୍ତି । ସେହିଭଳି ବିଭିନ୍ନ କମିଟିର ସଦସ୍ୟ ମଧ୍ୟ ଥିଲେ । ତାଙ୍କ ବଡ଼ ଝିଅ ଅମ୍‌ତୁଲ୍ ମୁଜିବ୍ କହୁଛନ୍ତି ଯେ, ସେ ସର୍ବଦା ଧର୍ମକୁ ସଂସାର ଉପରେ ଅଗ୍ରାଧିକାର ଦେଇଛନ୍ତି । ଲୋକମାନଙ୍କ ପାଇଁ ଅତ୍ୟନ୍ତ ସହାନୁଭୂତିଶୀଳା ଥିଲେ ଓ ସେ ଅସାଧାରଣ ରୂପେ ଅଭାବି ଲୋକଙ୍କୁ ସାହାଯ୍ୟ କରୁଥିଲେ । ଈଶ୍ୱର ଉପାସନାରେ ବହୁତ ଧ୍ୟାନ ଦେଉଥିଲେ । ପାଂଚବେଳା ନମାଜ ବ୍ୟତିତ ଯେବେ ବି ମୁଁ ରାତିରେ ଉଠି ଦେଖିଛି ତାଙ୍କୁ ତହ୍‌ଜୁଦ୍ ନମାଜ ପଢୁଥିବାର ଦେଖିଛି । ଅମତୁନ୍ ନୂର୍ ସାହେବାଙ୍କ ସ୍ୱାମୀ ବହୁ ଦିନ ପୂର୍ବେ ଗୋଟିଏ ଦୁର୍ଘଟଣାରେ ମୃତ୍ୟୁବରଣ କରିଛନ୍ତି । ତାଙ୍କ ଝିଅ କହୁଛନ୍ତି ଯେ, ଆମ ବାବାଙ୍କ ଦେହାନ୍ତ ପରେ ଆମ ମାଆ ୨୦ ବର୍ଷ ପର୍ଯ୍ୟନ୍ତ ବେଓ୍ୱା ଜୀବନ ବିତାଇଛନ୍ତି । ଏହି ଭଳି ପରିସ୍ଥିତିରେ ମଧ୍ୟ ଅଲ୍ଲାଃଙ୍କ ଉପରେ ତାଙ୍କର ପୂର୍ଣ୍ଣ ବିଶ୍ୱାସ ଥିଲା । କୃତଜ୍ଞତାର ପାର୍ଶ୍ୱ ବହୁତ ସ୍ୱତନ୍ତ୍ର ଥିଲା, ମୁଁ ଏକଥା ତାଙ୍କୁ ବହୁବାର କହୁଥିବାର ଶୁଣିଛି ଯେ, ଅଲ୍ଲାଃ ତାଲାଙ୍କର ପ୍ରତିଶୃତି ଅଛି କି, ଯଦି ତୁମେ କୃତଜ୍ଞା ହେବ ତାହେଲେ ମୁଁ ତୁମକୁ ଅଧିକ ପ୍ରଦାନ କରିବି । ମନକୁ ଖୋଲା ରଖିବ, ଅତିଥିସତ୍କାର କରିବା, ଲୋକମାନଙ୍କ ପାଇଁ ପ୍ରକୃତ ସାହାନୁଭୂତି ଦେଖାଇବା ଏବଂ ନିକଟସମ୍ପର୍କୀୟଙ୍କ ସହିତ ଉତମ ବ୍ୟବହାର କରିବା ତାଙ୍କର ଅଭ୍ୟାସ ଥିଲା । ସେ ପୁଣି କହୁଛନ୍ତି ମାଆଙ୍କ ମୁହଁରୁ ମୁଁ ବହୁବାର ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କର ଏହି ବାକ୍ୟ ଶୁଣିଛି ଯେ, ସିଲା ରହ୍‌ମିର ଅର୍ଥ ଏହା ନୁହେଁ ଯେ, ଯଦି କିଏ ତୁମ ସହିତ ଉତମ ବ୍ୟବହାର କରୁଛି ତାହେଲେ ତୁମେ ବି ତାଙ୍କ ସହିତ ସେହିପରି କର ବରଂ ପ୍ରକୃତି ସିଲା ରହ୍‌ମି ହେଉଛି ଏହା କି, ଯିଏ ତୁମଠାରୁ ସମ୍ପର୍କ କାଟି ଦେଉଛି ତୁମେ

ତାଙ୍କ ସହିତ ସଦ୍‌ବ୍ୟବହାର କର। ଯଦି କୌଣସି ନୂଆ ଅତିଥି ମସ୍‌ଜିଦ୍‌କୁ ଆସୁଥିଲେ ମୋ ମାଆ ତାଙ୍କୁ ଖୋଜୁଥିଲେ ଓ ତାଙ୍କୁ ସ୍ୱାଗତ ଜଣାଇ ଘରକୁ ନିମନ୍ତ୍ରଣ ଦେଇ ତାଙ୍କ ସହିତ କଥା ହୁଅନ୍ତି। ତାଙ୍କର ଦ୍ୱିତୀୟ ଝିଅ ମଧ୍ୟ ଲେଖିଛନ୍ତି ଯେ, ଯମାତ୍‌ର ଲୋକମାନଙ୍କ ସହିତ ଓ ବିଶେଷ ରୂପେ ନୂଆ ଅହେମଦିମାନଙ୍କ ସହିତ ମାଆଙ୍କର ବହୁତ ଅଧିକା ପ୍ରେମପୂର୍ଣ୍ଣ ସମ୍ପର୍କ ଥିଲା ଓ ଲୋକମାନେ ମଧ ତାଙ୍କୁ ବହୁତ ଭଲ ପାଉଥିଲେ। ସେ ପ୍ରତ୍ୟେକଙ୍କୁ ସାହାଯ୍ୟ କରିବାକୁ ଚାହୁଁଥିଲେ। ତାଙ୍କର ବଡ଼ ଭଉଣୀ ଅମ୍‌ତୁଲ୍ ବସିର୍ ସାହିବା ଲେଖୁଛନ୍ତି ଯେ, ସିଷ୍ଟର ଶକୁରା ନାମକ ଜଣେ ଆଫ୍ରିକୀୟ ଆମେରିକାନ୍ ମହିଳା ଥିଲେ ସେ ଯେତେବେଳେ ହଜ୍‌ର କରିବାକୁ ଗଲେ ସ୍ୱପ୍ନରେ ଦେଖିଲେ ଯେ, ଅମତୁନ୍ ନୂର୍ ସାହେବାଙ୍କ ଘର ମକ୍କାରେ ଅଛି ଯେତେବେଳେ ସିଷ୍ଟର ଶକୁରା ତାଙ୍କ ପାଖକୁ ଗଲେ ସେ କହିଲେ ଯେ, ଏହା ଅର୍ଥ ହେଉଛି ଆପଣ ମୋ ନିକଟକୁ ଆସିଯାଇଛନ୍ତି ଓ ମୋ ଆପଣଙ୍କର ସେବା କରୁଅଛି। ତାଙ୍କ ଭଉଣୀ ପୁଣି ଲେଖୁଛନ୍ତି ଯେ, ସିଷ୍ଟର ଶକୁରା ଅଠର ବର୍ଷ ପର୍ଯ୍ୟନ୍ତ ଅମତୁନ୍ ନୂର୍ ସାହେବାଙ୍କ ନିକଟରେ ରହିଲେ ଆଠ ବର୍ଷ ପର୍ଯ୍ୟନ୍ତ ସେ ସମ୍ପୂର୍ଣ୍ଣ ରୂପେ ବିଛଣାରେ ପଡ଼ି ରହିଥିଲେ ତାଙ୍କର ଦୃଷ୍ଟି ଶକ୍ତି ଚାଲିଯାଇଥିଲା ତେଣୁ ଅମତୁନ୍ ନୂର୍ ସାହେବା ତାଙ୍କର ବହୁତ ଧ୍ୟାନ ରଖିଥିଲେ। ହଜୁର ମଧ କହୁଛନ୍ତି ଯେ: ମୁଁ ମଧ ଏହା ଦେଖିଛି କି, ସେ ସିଷ୍ଟର ଶକୁରାଙ୍କର ବହୁତ ଧ୍ୟାନ ରଖୁଥିଲେ ଯେତେବେଳେ ମୁଁ ଆମେରିକା ଯାଇଥିଲି ସେ ନିଜେ ତାଙ୍କୁ ହ୍ୱିଲ୍ ଚେୟାରରେ ବସାଇ ମୋ ସହିତ ସାକ୍ଷାତ କରିବାପାଇଁ ନେଇ ଆସିଥିଲେ ଏବଂ ସିଷ୍ଟର ଶକୁରା ମଧ ଅମତୁନ୍ ନୂର୍ ସାହେବାଙ୍କ ସେବାରେ ବହୁତ କୃତଜ୍ଞ ଥିଲେ।

ତାଙ୍କୁ ତବ୍‌ଲିଗ୍ କରିବାର ବହୁତ ସଉକ ଥିଲା। କୌଣସି ନା କୌଣସି ବାହାନାରେ ତବ୍‌ଲିଗ୍ ଆରମ୍ଭ କରିଦେଉଥିଲେ। ଇହୁଦୀ ଧର୍ମର ଗୋଟିଏ ଫ୍ୟାମିଲିକୁ ଅହେମଦିୟତ୍ ଗ୍ରହଣ କରାଇବାରେ ତାଙ୍କୁ ସୌଭାଗ୍ୟ ମିଳିଥିଲା। ସେହି ପରିବାରରେ ଜଣେ ମହିଳା ରୁକୈୟା ଅସଦ୍ ନାମକ ଥିଲେ, ସେ ଆମେରିକାର ନ୍ୟାସନାଲ୍ ଆମେଲାରେ ମଧ ସାମିଲ ହୋଇଥିଲେ। ସେ କହୁଛନ୍ତି ଯେ, ଅମତୁନ୍ ନୂର୍ ସାହେବାଙ୍କର ଅସ୍ତିତ୍ୱ ବହୁତ ପ୍ରୀୟ ଥିଲା। ଅନେକ ଲୋକ ତାଙ୍କ ଠାରୁ ଲାଭାନ୍ୱିତ ହୋଇଛନ୍ତି। ଯିଏ ତାଙ୍କ ସହିତ ମିଶିଛନ୍ତି ସମସ୍ତ ତାଙ୍କର ପ୍ରଶଂସା କରିଛନ୍ତି। ସେ ନିଜର ଜୀବନକୁ ଇସ୍‌ଲାମେ ଅହେମଦିୟତ୍ ମୁତାବିକ ବିତାଇଛନ୍ତି ଯାହା ଫଳରେ ଲୋକମାନେ ତାଙ୍କଠାରୁ ବହୁତ ପ୍ରଭାବିତ ହୋଇଛନ୍ତି। ଲୋକମାନଙ୍କ ପାଇଁ ସେ ଜଣେ ଉଦାହରଣ ଥିଲେ। ସେ ଜମାତ୍‌ର ପ୍ରତ୍ୟେକ ପ୍ରୋଗ୍ରାମରେ ସାମିଲ ହେଉଥିଲେ ଓ ସ୍ୱେଚ୍ଛାକୃତ ଭାବରେ ସର୍ବଦା ସେବା କରିଛନ୍ତି। ଧୈର୍ଯ୍ୟ, ସହନଶୀଳତା ଏବଂ ସାହାସର ସହିତ ନିଜର ସମସ୍ତ ଦୁଃଖ ଓ ବିପତିକୁ ସାମନା କରିଛନ୍ତି ତେଣୁ ଏହି ଦୃଷ୍ଟି କୋଣରୁ ସେ ଅନ୍ୟମାନଙ୍କ ପାଇଁ ଗୋଟିଏ ନମୁନା ଥିଲେ। ସେ ମହିଳା ପୁଣି ଲେଖୁଛନ୍ତି ଯେ, ଅମତୁନ୍ ନୂର୍ ସାହେବାଙ୍କର ବୟସ ଯେତେ ଯେତେ ବଢୁଥିଲା ସେତେ ସେତେ ତାଙ୍କର ସମ୍ମାନ ମୋ ହୃଦୟରେ ବଢ଼ି ଚାଲୁଥିଲା। ଗରୀବ ଓ ଅଭାବୀ ଲୋକମାନଙ୍କର ଧ୍ୟାନ ରଖିବା ପାଇଁ ପ୍ରବର୍ତାଉ ଥିଲେ। ସେହିଭଳି ଅନ୍ୟ କେତେକ ଅହେମଦୀ ମହିଳାମାନେ ବିଶେଷ ରୂପେ ଆଫ୍ରିକୀୟ ଆମେରିକାନ୍ ମହିଳାମାନେ ଲେଖିଛନ୍ତି ଯେ, ଆମ ସହିତ ତାଙ୍କର ବହୁତ ପ୍ରେମ ପୂର୍ଣ୍ଣ ସମ୍ପର୍କ ଥିଲା ଓ ଆମକୁ ଅହେମଦିୟତର ଶିକ୍ଷା ସମ୍ବନ୍ଧରେ ସେ ବହୁତ କିଛି ଶିଖାଇଛନ୍ତି। ଅଲ୍ଲାଃ ତାଲା ତାଙ୍କ ସନ୍ତାନମାନଙ୍କୁ ମଧ ସର୍ବଦା ତାଙ୍କ ପୂଣ୍ୟ କାର୍ଯ୍ୟକୁ ଜାରି ରଖିବା ପାଇଁ ଏବଂ ଖିଲାଫତ୍ ସହିତ ଯୋଡ଼ି ହୋଇ ରହିବା ପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ। ଖିଲାଫତ୍ ସହିତ ତାଙ୍କର ନିଷ୍ଠା ଓ ଭକ୍ତି ବହୁତ ଥିଲା। ହଜୁର ଅନୱର କହୁଛନ୍ତି ମୁଁ ତ ଏକଥା ଦେଖିଛି ଅଲ୍ଲାଃ ତାଲା ତାଙ୍କ ଉପରେ ଦୟା କରନ୍ତୁ ଏବଂ ତାଙ୍କର ଦୋଷଦୁର୍ବଳତାକୁ ଢ଼ାଙ୍କି ଦିଅନ୍ତୁ।

ପରବର୍ତୀ ଯନାଜାଃ ହେଉଛି ମୋକରମା ବିସ୍‌ମିଲ୍ଲାଃ ବେଗମ୍ ସାହିବା ପତ୍ନୀ ମୋକରମ୍ ନାସିର୍ ଅହେମଦ୍ ଖାନ୍ ସାହେବ୍ ବାହାଦୂର ସେର୍ ସାଦ୍ଦିକ୍ ଅଫିସର୍ ବିଶେଷ ସୁରକ୍ଷା ଦଳଙ୍କର। ଜର୍ମାନୀ ଠାରେ ୧୪ ଜୁନ୍ ଦିନ ୮୪ ବର୍ଷ ବୟସରେ ତାଙ୍କର ଦେହାନ୍ତ ହେଲା। *ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ* । ତାଙ୍କ ବଂଶରେ ତାଙ୍କ ବାପା ହଜ୍‌ରତ୍ ଚୌଧୁରୀ ମଜ୍‌ହରୁଲ୍‌ହକ୍ ଖାନ୍ ସାହେବ୍ କାଠ୍‌ଗଢ଼ିଙ୍କ ଜରିଆରେ ଅହେମଦିୟତ୍ ଆସିଥିଲା। କାଦିୟାନ୍‌ର ବୋଡ଼ିଙ୍ଗ ସ୍କୁଲ୍‌ରେ ମଧ ତାଙ୍କୁ କାମ କରିବାର ସୌଭାଗ୍ୟ ମିଳିଛି। ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ତାଙ୍କୁ ନିଜର ଗୋଟିଏ କୁର୍ତା ତବ୍‌ରୁକ୍ ସ୍ୱରୁପ ଉପହାର ଦେଇଥିଲେ। ତାଙ୍କର ପାଂଚଜଣ ଝିଅ ଏବଂ ଦୁଇଜଣ ପୁଅ ଅଛନ୍ତି। ତାଙ୍କର ଜଣେ ପୁଅ ମେହମୁଦ୍ ଅହେମଦ୍ ସାହେବ୍ ମିଶିନାରୀ ଇନ୍‌ଚାର୍ଜ ଅଛନ୍ତି ଏବଂ ଫିଜିର ଅମୀର ଯମାତ୍ ମଧ ଅଛନ୍ତି। ମେହ୍‌ମୁଦ୍ ଅହେମଦ୍ ସାହେବ ଲେଖୁଛନ୍ତି ଯେ, ବାପାଙ୍କ ଦେହାନ୍ତ ପରେ ଜମି ଗୁଡ଼ିକରୁ ଯେଉଁ ଅର୍ଥ ଆସୁଥିଲା ସେ ସର୍ବପ୍ରଥମେ ସେଥିରୁ ଚାନ୍ଦା ଦେଉଥିଲେ। ବାପାଙ୍କ ପେନ୍‌ଶନକୁ ଏକାଠି କରୁଥିଲେ ଓ ଖର୍ଚ୍ଚ କରୁନଥିଲେ। ସେହି ଟଙ୍କା ଦ୍ୱାରା ତାହେରାବାଦ୍ ଜୁନୁବି ଠାରେ ଗୋଟିଏ ମସ୍‌ଜିଦ୍ ତିଆରି କଲେ। ସେ ସର୍ବଦା ଆମକୁ ଏ ଉପଦେଶ ଦେଉଥିଲେ ଯେ, ଖିଲାଫତ୍ ର ବସ୍ତ୍ରକୁ ସର୍ବଦା ଧରି ଥିବ। ପୁଣି ସେ କହୁଛନ୍ତି ବାପାଙ୍କ ମୃତ୍ୟୁପରେ ଆମ ସମସ୍ତଙ୍କୁ ମାଆ ଏବଂ ବାପାର ସ୍ନେହ ଦେଲେ ଓ କେବେବି ଆମକୁ ବାପା ନଥିବାର ଅନୁଭବ କରାଇନାହାନ୍ତି। ମୁଁ ଯେତେବେଳେ ଜାମିୟାରେ ପଢୁଥିଲି ସେ ମତେ କହୁଥିଲେ ତୁମେ ହେଉଛି ଧର୍ମର ସିପାହୀ ତୁମେ ଧର୍ମ ପାଇଁ ଜୀବନ ଉତ୍ସର୍ଗ କରିଛ ତେଣୁ ଖଲିଫା ଯେଉଁଠି ଛିଡ଼ା କରାଇବେ ସେହିଠାରେ ହିଁ ଛିଡ଼ା ହେବ। ପୁଣି ସେ କହୁଛନ୍ତି, ଆମ ଗାଁରୁ କେବଳ ମୋ ବାପା ହିଁ ରବୁଓ୍ୱାରେ ଆସି ବସବାସ କଲେ। ତେଣୁ ଆମର ସବୁ ବନ୍ଧୁବାନ୍ଧବ ଗାଁରୁ ରବୁଓ୍ୱା ଆସୁଥିଲେ ସେମାନଙ୍କର ରହିବା ଓ ଖାଇବା ବ୍ୟବସ୍ଥା ବହୁତ ଖୁସିରେ କରୁଥିଲେ। ପଡ଼ୋଶୀମାନଙ୍କ ଅଧିକାର ପ୍ରତି ମଧ ବହୁତ ଧ୍ୟାନ ଦେଉଥିଲେ। ମୋ ସହପାଠୀମାନଙ୍କୁ ମଧ ନିଜ ପିଲାଙ୍କ ପରି ଜାଣୁଥିଲେ, ସେ ସବୁବେଳେ କହୁଥିଲେ ଯେଉଁମାନେ ହଷ୍ଟେଲରେ ରହି ପଢୁଛନ୍ତି ସେମାନଙ୍କୁ ଘରକୁ ଡ଼ାକି ଆଣିବ ଯଦ୍ୱାରା ତାଙ୍କର ମନ ଲାଗି ରହିବ। ମୋ ମାଆଙ୍କର ଏହିଭଳି ସ୍ନେହ ପାକିସ୍ତାନର ଛାତ୍ରମାନଙ୍କ ବ୍ୟତିତ ଇଣ୍ଡୋନେସିଆ ଏବଂ ଆଫ୍ରିକୀୟ ଦେଶଗୁଡ଼ିକରୁ ଆସିଥିବା ବିଦ୍ୟାର୍ଥିମାନଙ୍କ ସହିତ ଥିଲା। ମାଆଙ୍କ ନିକଟରେ ଯାହା କିଛି ଟଙ୍କା ରହୁଥିଲା ତାହାକୁ ସେ ବାଂଟି ଦେଉଥିଲେ କିମ୍ୱା ଚାନ୍ଦାରେ ଦେଇ ଦଉଥିଲେ। କାହାକୁ ଏ ସାହାସ ନଥିଲା ଯେ, ସେ ତାଙ୍କୁ ଏକଥା କହିବ କି, କିଛି ଟଙ୍କା ନିଜ ପାଖରେ ମଧ ରଖ ବୋଲି।

ହଜୁର ଅନୱର ଅ:ବ:ଅ କହିଲେ, ତାଙ୍କର ଏହି ମୂରବୀ ପୁତ୍ର ଜଣକ ଫିଜିର ମିଶିନାରୀ ଇନ୍‌ଚାର୍ଜ ଓ ଅମୀର ଅଛନ୍ତି ତେଣୁ ମାଆଙ୍କ ଯନାଜାଃରେ ସାମିଲ ହୋଇପାରିଲେ ନାହିଁ। ଅଲ୍ଲାଃ ତାଲା ତାଙ୍କୁ ମଧ ଧୈର୍ଯ୍ୟ ଓ ସାନ୍ତ୍ୱନା ପ୍ରଦାନ କରନ୍ତୁ ସେହିପରି ତାଙ୍କର ଅନ୍ୟ ସନ୍ତାନମାନଙ୍କୁ ମଧ ଧୈର୍ଯ୍ୟ ପ୍ରଦାନ କରନ୍ତୁ ଓ ତାଙ୍କର ପୂଣ୍ୟ କର୍ମକୁ ଜାରି ରଖିବାପାଇଁ ଶକ୍ତି ପ୍ରଦାନ କରନ୍ତୁ ଏବଂ ଅଲ୍ଲାଃ ତାଲା ତାଙ୍କ ସହିତ ଦୟା ଓ କ୍ଷମା ଆଚରଣ କରନ୍ତୁ।

ପରବର୍ତୀ ଯନାଜାଃ ହେଉଛି କର୍ନଲ ଜାୱେଦ୍ ରୁଶ୍‌ଦି ସାହେବଙ୍କର। ଯିଏ ହେଉଛନ୍ତି ଚୌଧୁରୀ ଅବ୍‌ଦୁଲ୍ ଗନୀ ରୁଶ୍‌ଦି ସାହେବ ରାୱଲପିଣ୍ଡିଙ୍କର ପୁତ୍ର। କିଛି ଦିନ ପୂର୍ବେ ତାଙ୍କର ଦେହାନ୍ତ ହୋଇଛି। *ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ* । ସେ ମୁସି ଥିଲେ, ସେନାରୁ ଅବସର ନେବାପରେ ସର୍ବଦା ଜମାତ୍‌ର ସେବା କାର୍ଯ୍ୟରେ ସମୟ ବିତାଇଛନ୍ତି। ସେକ୍ରେଟାରୀ ତାଲିମ୍, ସେକ୍ରେଟାରୀ ୱକ୍‌ଫେ ଜଦିଦ୍, ସେକ୍ରେଟାରୀ ରିସ୍ତାନାତା ବ୍ୟତିତ ତାଙ୍କ ହଲ୍‌କାର ସେକ୍ରେଟାରୀ ୱସାୟା ଭାବରେ ମଧ ସେବା କରିବାର ସୌଭାଗ୍ୟ ପାଇଛନ୍ତି। ତିନିଥର ହଲ୍‌କା ସଦର୍ ସାଟାଲାଇଟ୍ ଟାଉନ୍ ରାଉଲ୍‌ପିଣ୍ଡି ରହିଛନ୍ତି। ସେ ବହୁତ ପ୍ରାର୍ଥନା କରୁଥିବା ବ୍ୟକ୍ତି ଥିଲେ। ଲୋକମାନଙ୍କୁ ନୀରବରେ ଆର୍ଥିକ ସାହାଯ୍ୟ କରୁଥିଲେ ତାଙ୍କର ସ୍ୱଭାବ ସହାନୁଭୂତିଶୀଳ ଥିଲା ନିଜର ବନ୍ଧୁବାନ୍ଧବ, ପଡ଼ୋଶୀ ଏବଂ ଅନ୍ୟ ସାଙ୍ଗସାଥିମାନଙ୍କୁ ସେମାନଙ୍କର ଅସୁବିଧା ସମୟରେ ସର୍ବଦା ସାହାଯ୍ୟ କରୁଥିଲେ ଓ ମାର୍ଗଦର୍ଶନ କରୁଥିଲେ। ସେ ଜଣେ ବହୁତ ଭଲ ସୁବ୍ୟବସ୍ଥିତ ଓ ଉତମ ବିଚାର ସମ୍ପର୍ଣ୍ଣ ବ୍ୟକ୍ତି ଥିଲେ। ଅଲ୍ଲାଃ ତାଲା ତାଙ୍କ ସହିତ ଦୟା ଓ କ୍ଷମା ଆଚରଣ କରନ୍ତୁ। ଉପରୋକ୍ତ ସମସ୍ତ ମୃତକମାନଙ୍କର ନମାଜ ଯନାଜାଃ ମୁଁ ଜୁମା ନମାଜ ପରେ ଇନ୍‌ଶାଅଲ୍ଲାଃ ପଢ଼ାଇବି।

⌘⌘⌘⌘⌘⌘⌘⌘⌘⌘

## ତହ୍‌ରିକ୍-ଏ-ଜଦିଦ୍ ଚାନ୍ଦା ସମ୍ପୁର୍ଣ୍ଣ ରୂପେ ପଇଠ କରିବା ପ୍ରତି ଧ୍ୟାନ ଦିଅନ୍ତୁ

ଯେମିତି କି ଜମାତ୍‌ର ସଦସ୍ୟମାନେ ଏ କଥା ଜାଣିଛନ୍ତି ଯେ ତହ୍‌ରିକ୍-ଏ-ଜଦିଦ୍‌ର ଚଳିତ ବର୍ଷରୁ ଛଅ ମାସ ବିତିଗଲାଣି। ୱକାଲତେ ମାଲ୍‌ଙ୍କ ସମୀକ୍ଷା ମୁତାବକ ଏ ପର୍ଯ୍ୟନ୍ତ ଅନେକ ୱାଦା (ଅର୍ଥାତ ପ୍ରତିଜ୍ଞା) କରିଥିବା ଲୋକମାନଙ୍କର ଚାନ୍ଦା ପଇଠ ହେବାକୁ ବାକି ଅଛି। ହିନ୍ଦୁସ୍ଥାନର ସମସ୍ତ ଜିଲ୍ଲା ଅମୀର୍, ସ୍ଥାନୀୟ ଅମୀର ଏବଂ ସଦର୍ ସାହେବ ଓ ତହ୍‌ରିକ୍-ଏ-ଜଦିଦ୍‌ର ସେକ୍ରେଟାରୀ ସାହେବମାନଙ୍କୁ ଅନୁରୋଧ କରାଯାଉଅଛି ଯେ ସେମାନେ ସ୍ଥାନୀୟ ମୁବଲ୍ଲିଗୀନ୍ ଓ ମୁଅଲ୍ଲମୀନ୍ ସାହେବମାନଙ୍କ ସାହାଯ୍ୟ ଓ ସହଯୋଗ ନେଇ ଚାନ୍ଦା ତହ୍‌ରିକ୍-ଏ-ଜଦିଦ୍ ପଇଠ କରିବା ସମ୍ବନ୍ଧରେ ''ହଫ୍‌ତା ମାଲ୍ ତହ୍‌ରିକ୍-ଏ-ଜଦିଦ୍'' ପାଳନ କରନ୍ତୁ ଫଳତଃ ସୟଦନା ହଜୁର ଅନୱରଙ୍କ ତରଫରୁ ଧାର୍ଯ୍ୟ କରାଯାଇଥିବା ଲକ୍ଷ୍ୟ ମୁତାବକ ବରଂ ତା'ଠାରୁ ଅଧିକା ଅସୁଲ୍ କରିବାପାଇଁ ସାମର୍ଥ୍ୟ ପ୍ରାପ୍ତ ହୋଇପାରିବ। ଆମିନ୍!

ସୟଦନା ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ କହିଛନ୍ତି: ''ଏକଥା ଭାବ ନାହିଁ ଯେ ତହ୍‌ରିକ୍-ଏ-ଜଦିଦ୍ ମୋ ତରଫରୁ ଧାର୍ଯ୍ୟ କରାଯାଇଅଛି, ନୁହେଁ ବରଂ ଏହାର ଗୋଟିଏ ଗୋଟିଏ ଶବ୍ଦକୁ ମୁଁ ପବିତ୍ର କୁର୍‌ଆନ୍‌ରୁ ପ୍ରମାଣ କରିପାରେ ଓ ଗୋଟିଏ ଗୋଟିଏ ନିର୍ଦ୍ଦେଶକୁ ରସୁଲେ କରିମ୍ ସ:ଆ:ସଙ୍କ ଆଦେଶାବଳୀରୁ ଦେଖାଇ ପାରିବି କିନ୍ତୁ ଚିନ୍ତା କରୁଥିବା ମସ୍ତିଷ୍କ ଓ ବିଶ୍ୱାସୀ ହୃଦୟର ଆବଶ୍ୟକ ରହିଛି। ଅତଏବ ଏକଥା ଭାବନାହିଁ ଯେ ଯାହା ମୁଁ କହିଲି ତାହା ମୋ ତରଫରୁ ବରଂ ସେ କହିଛି ଯାହା ହାତରେ ତୁମର ଜୀବନ ରହିଛି। ମୁଁ ଯଦି ମରି ଯାଏ, ତା'ହେଲେ ମଧ ସେ ଅନ୍ୟ ଦ୍ୱାରା ଏହା କୁହାଇବେ ଓ ତାଙ୍କ ମୃତ୍ୟୁ ପରେ ଆଉ କାହା ଦ୍ୱାରା। ଯାହା ବି ହେଉ ସେ ଛାଡ଼ିବ ନାହିଁ ଯେ ପର୍ଯ୍ୟନ୍ତ ତୁମେ ଏହାକୁ ସମ୍ପୁର୍ଣ୍ଣ ରୂପେ ଅନୁସରଣ ନ କରିଛ''।

**(ଖୁତ୍‌ବା ଜୁମା ପ୍ରଦତ ୧୩ ଡ଼ିସେମ୍ବର ୧୯୩୫ ଖ୍ରୀଷ୍ଟାବ୍ଦ ବହୱାଲା ଅଲ୍‌ଫଜଲ୍ ୨୧ ଡ଼ିସେମ୍ବର ୧୯୩୫)**

ଚାନ୍ଦା ତହ୍‌ରିକ୍-ଏ-ଜଦିଦ୍ ପ୍ରଦାନ କରୁଥିବା ନିଷ୍ଠାପର ବ୍ୟକ୍ତିମାନଙ୍କ ଧନ ଓ ଜନରେ ଅଲ୍ଲାଃ ତାଲା ଅସାଧାରଣ ବର୍‌କତ୍ ପ୍ରଦାନ କରନ୍ତୁ। ଆମିନ୍॥

**(ୱକିଲୁଲ୍ ମାଲ୍ ତହ୍‌ରିକ୍-ଏ-ଜଦିଦ୍ କାଦିୟାନ୍)**

ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......

ବ୍ୟକ୍ତିତ୍ୱରୁ ଗୋଟିଏ ଶାନ୍ତି ପ୍ରକାଶ ହେଉଥିଲା ଓ ତାହା ଅନ୍ୟମାନଙ୍କ ଉପରେ ପ୍ରଭାବ ପକାଉଥିଲା । ଏହିଭଳି ଲୋକମାନଙ୍କୁ ସାନ୍ତ୍ୱନା ମିଳୁଥିଲା । ଖଲିଫାଙ୍କୁ ଦେଖିଲେ ସେ ଏପରି ଲାଗୁଛନ୍ତି ଯେମିତି ସେ ଜଣେ ଆକର୍ଷଣୀୟ ବ୍ୟକ୍ତି ଅଟନ୍ତି । Angelica Rubmann ସାହିବା ପୁଣି କହିଲେ ଯେ, ଖଲିଫାଙ୍କ ଭାଷଣରୁ ମତେ ଏ ଶିକ୍ଷା ମିଳିଲା ଯେ, ଆମର ପ୍ରତ୍ୟହ ଅନ୍ୟମାନଙ୍କ ସହିତ କିପରି ବ୍ୟବହାର ରହିଛି ସେ ବିଷୟରେ ଆମକୁ ଚିନ୍ତା କରିବା ଉଚିତ । ଆମେ ଆମର ସାଥିମାନଙ୍କୁ, ବନ୍ଧୁମାନଙ୍କୁ ଏବଂ ଅନ୍ୟ ଲୋକମାନଙ୍କୁ ସାହାଯ୍ୟ କରିବା ଉଚିତ ।

ଶେଷରେ ସେ ନିଜର ଗୋଟିଏ ଘଟଣା ବିଷୟରେ ଚର୍ଚ୍ଚା କରି କହିଲେ ଯେ, ପାଂଚବର୍ଷ ପୂର୍ବେ ମୋ ସ୍ୱାମୀଙ୍କୁ କ୍ୟାନସର ହୋଇଥିଲା ଆରୋଗ୍ୟ ଲାଭ କରିବା ପରେ ପୁଣି ଗତ ବର୍ଷ ପୂର୍ନବାର କ୍ୟାନସର ହୋଇଗଲା । ଜଣେ ଅହେମଦୀ ବନ୍ଧୁ ଆମକୁ ଏ କଥା କହିଲେ ଯେ, ସେ ତାଙ୍କ ଖଲିଫାଙ୍କୁ ଏ ସମ୍ବନ୍ଧରେ ଲେଖିଦେବେ । ସେ ଲେଖିବା ପରେ ଯେତେବେଳେ ମୋର ସ୍ୱାମୀଙ୍କର ଚେକ୍‌ଅପ୍ କରାଗଲା ସେତେବେଳେ କ୍ୟାନସରର ଚିହ୍ନବର୍ଣ୍ଣ ମଧ୍ୟ ନଥିଲା । ଅହେମଦୀ ବନ୍ଧୁଙ୍କ କହିବାରେ ମୁଁ ମଧ୍ୟ ଖଲିଫାଙ୍କୁ ଗୋଟିଏ ଚିଠି ଲେଖିଥିଲି ଦୁଇ ସପ୍ତାହ ପରେ ତାହାର ଉତର ମଧ୍ୟ ଆସିଗଲା । ଯେବେ ମଧ୍ୟ ମୁଁ ଏ ସମ୍ବନ୍ଧରେ କଥା ହୋଇଥାଏ ମୋର ଲୋମ ଟାଙ୍କୁରି ଉଠେ । ଯେତେବେଳେ ଆମକୁ ଉତର ଆସିଲା ସେତେବେଳେ ଆମେ ଦୁଇଜଣ ସ୍ୱାମୀ ସ୍ତ୍ରୀ ବହୁତ କାନ୍ଦିଲୁ । ଏମିତି ଦେଖିବାକୁ ଗଲେ ଆମେ ଏତେ ଧାର୍ମିକ ଲୋକ ନୁହେଁ କିନ୍ତୁ ଏହା ଏପରି ଏକ ଘଟଣା ଥିଲା ଯାହା ଆମ ଉପରେ ବହୁତ ପ୍ରଭାବ ପକାଇଲା ମୁଁ ଏହି ଚିଠିଟିକୁ ସର୍ବଦା ନିଜ ସାଥିରେ ରଖିଛି କାରଣ ମୋ ପାଇଁ ଏହି ଚିଠି ଆମ ସୁରକ୍ଷା କର୍ତା ଫରିସ୍ତା (Guardian Angel) ଅଟେ । ତା'ପରେ ଆମ ଦୁହିଁଙ୍କ ମଧ୍ୟରେ ପରିବର୍ତନ ସୃଷ୍ଟି ହୋଇଗଲା । ଯେତେବେଳେ ଆଜି ଆମେ ଖଲିଫାଙ୍କୁ ଦେଖିଲୁ ପୁଣି ଆମ ଦୁଇଜଣଙ୍କର ଲୋମ ଟାଙ୍କୁରି ଉଠିଲା ।

ଆଉ ଜଣେ ଅତିଥି Tobias Von Der Heide ସାହେବ ଯିଏ ପ୍ରଦେଶ Assemblyର ସଦସ୍ୟ ଅଟନ୍ତି ସେ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ । ଆଜିର ପ୍ରୋଗ୍ରାମରେ ବହୁତ ଲୋକଙ୍କ ସହିତ ସାକ୍ଷାତ କରିବାର ସୁଯୋଗ ମିଳିଲା । ଯେଉଁ ଆଡ଼କୁ ଦେଖୁଥିଲୁ ଲୋକଙ୍କ ଚେହେରା ଖୁସିରେ ଭରି ରହିଥିଲା । ଖଲିଫାଙ୍କ ବ୍ୟକ୍ତିତ୍ୱ ବହୁତ ପ୍ରଭାବଶାଳୀ ତାଙ୍କ ଭାଷଣ ମଧ୍ୟ ବହୁତ ସୁନ୍ଦର ଥିଲା । ସେ ନିଜର ଭାଷଣରେ ଏ ପାର୍ଶ୍ୱ ଉପରେ ଜୋର ଦେଲେ ଯେ, ଏଭଳି ଏକ ଇସ୍‌ଲାମ୍ ପ୍ରଚାର ହେବା ଉଚିତ ଯାହା ଶାନ୍ତି ପୂର୍ଣ୍ଣ ହୋଇଥିବ । ଖଲିଫା ସବୁ ବର୍ଗର ଲୋକମାନଙ୍କ ମଧ୍ୟରେ ଏକତା ସୃଷ୍ଟି କରିବାକୁ ଚାହୁଁଛନ୍ତି ଏବଂ ଲୋକମାନଙ୍କ ମଧ୍ୟରେ ଥିବା ଦୂରତାକୁ ମିଟାଇବାକୁ ଚାହୁଁଛନ୍ତି । ଖଲିଫାଙ୍କର କଥା ମୋ ଉପରେ ଗଭୀର ପ୍ରଭାବ ପକାଇଛି ।

ଆଉ ଜଣେ ଅତିଥି Melanie Wellendorf ସାହିବା କହୁଛନ୍ତି: ଏହି ସମ୍ମିଳନୀରେ ମତେ ଅନେକ ଲୋକଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ମିଳିଲା ଓ ସମସ୍ତେ ବହୁତ ସ୍ନେହୀ ଥିଲେ । କିନ୍ତୁ ଆଜି ସମସ୍ତଙ୍କଠାରୁ ପ୍ରଭାବଶାଳୀ ବ୍ୟକ୍ତି ବିଶେଷ ମତେ ଖଲିଫା ହିଁ ଲାଗିଲେ । ସେ ତାଙ୍କ ପୂର୍ବରୁ ଥିବା ବକ୍ତାମାନଙ୍କର କଥାଗୁଡ଼ିକୁ ବହୁତ ସୁନ୍ଦର ଶୈଳୀରେ ନିଜ ଭାଷଣରେ ସାମିଲ କଲେ ।

Susanne Hahn ସାହିବା ଯିଏ ଗୋଟିଏ Protestant ଚର୍ଚ୍ଚର ପାଦ୍ରୀ ଅଛନ୍ତି ସେ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ: ଯେଉଁ ଭଳି ଆଜି ଏହି ସଭାଟି ଅନୁଷ୍ଠିତ ହେଲା ଓ ଯେତେ ମାତ୍ରାରେ ଲୋକମାନେ ଏଠାରେ ଏକତ୍ରିତ ହେଲେ ଏହା ଏହି ସହରରେ ଏତେବଡ଼ ପ୍ରୋଗ୍ରାମ ପ୍ରଥମ ଥର ପାଇଁ ଅନୁଷ୍ଠିତ ହେଲା । ମତେ ବହୁତ ଖୁସି ଲାଗୁଛି ଯେ, ଏବେ ଯମାତ୍ ଅହେମଦିୟାର ମସ୍‌ଜିଦ୍‌ଟି ସମ୍ପୂର୍ଣ୍ଣ ଭାବେ ନିର୍ମାଣ ହୋଇସାରିଛି । ଖଲିଫା ନିଜ ଅଭିଭାଷଣରେ ଆମ ସମସ୍ତଙ୍କ ବକ୍ତବ୍ୟର ଚର୍ଚ୍ଚା ମଧ୍ୟ କଲେ ଏବଂ ତା' ସହିତ ଖଲିଫା ନିଜର ଦୃଷ୍ଟିକୋଣକୁ ମଧ୍ୟ ଉପସ୍ଥାପନ କରିଚାଲିଲେ ମତେ ଏ କଥାରେ ବହୁତ ଖୁସି ଲାଗିଲା ଯେ, ସେମାନେ ମଧ୍ୟ ଓ ଆମେ ଖ୍ରୀଷ୍ଟିୟାନ୍ ମାନେ ମଧ୍ୟ ଏ କଥା କହିଥାଉଁ ଯେ, ଈଶ୍ୱର ହେଉଛନ୍ତି ସେହି ଅସ୍ତିତ୍ୱ ଯିଏ ସାରା ଦୁନିଆର ମାଲିକ ଅଟନ୍ତି । ଖଲିଫାଙ୍କର ଆଜି ଏଠାକୁ ଆସିବା କେବଳ ଅହେମଦୀମାନଙ୍କ ପାଇଁ ନୁହେଁ ବରଂ ସମଗ୍ର ପଡ଼ୋଶୀମାନଙ୍କ ପାଇଁ ମଧ୍ୟ ବହୁତ ଆନନ୍ଦ ଓ ସମ୍ମାନର କଥା ।

Antje ସାହିବା କହୁଛନ୍ତି ଆଜିର ଏହି ସଭାଟି ବହୁତ Impressive ଥିଲା ଏତେ ସଂଖ୍ୟାରେ ଲୋକମାନେ ଏଠାରେ ଏକତ୍ରିତ ହୋଇଛନ୍ତି ଓ ସବୁ କାମ ସୁଚାରୁ ରୂପେ ସମ୍ପାଦନ କରାଯାଉଅଛି ଓ ଗୋଟିଏ ଶାନ୍ତିର ବାତାବାରଣ ଏଠାରେ ସୃଷ୍ଟି ହୋଇଛି । ମତେ ଏକଥା ମଧ୍ୟ ବହୁତ ଭଲ ଲାଗିଲା ଯେ, ଏଠାରେ ବିଭିନ୍ନ ଲୋକମାନଙ୍କୁ ସମ୍ବୋଧନ କରିବାପାଇଁ ଅବସର ଦିଆଗଲା ଅର୍ଥାତ ଧାର୍ମିକ, ରାଜନୈତିକ ଓ ମହିଳାମାନେ ନିଜ ନିଜର ମନୋଭାବକୁ ବ୍ୟକ୍ତ କଲେ । ପୁଣି ଖଲିଫାଙ୍କର ଯେଉଁ ଭାଷଣଟି ଥିଲା ତାହା ଅତି ସୁନ୍ଦର ଥିଲା । ମତେ ଏକଥା ବହୁତ ଭଲ ଲାଗିଲା ଯେ, ଖଲିଫା ବିଶେଷ ରୂପେ ଏକତାକୁ ପ୍ରତିଷ୍ଠା କରିବା ପ୍ରତି ଧ୍ୟାନ ଆକର୍ଷଣ କରାଇଲେ । ମତେ ଖଲିଫାଙ୍କୁ ପ୍ରଥମ ଥର ଦେଖିବା ପାଇଁ ମୌକା ମିଳିଲା ।

ଆଉ ଜଣେ ଅତିଥି କହିଲେ: ମତେ ଆଜିର ଏହି ସଭାରେ ଖଲିଫାଙ୍କ ଦ୍ୱାରା ଚୟନ କରାଯାଇଥିବା ବିଷୟବସ୍ତୁ ବହୁତ ଭଲ ଲାଗିଲା କାରଣ ସେ ଇସ୍‌ଲାମ୍ ପ୍ରତି ଥିବା ଆମର ଶଙ୍କା ଓ ସନ୍ଦେହକୁ ଦୂର କରିଦେଲେ । ଖଲିଫା ଯେଉଁଭଳି ସହିଷ୍ଣୁତା ଓ ଭାଇଚାରାର ପାର୍ଶ୍ୱକୁ ବର୍ଣ୍ଣନା କଲେ ତାହା ସବୁ ଧର୍ମ ପାଇଁ ଗୁରୁତ୍ୱପୂର୍ଣ୍ଣ ।

ଆଉ ଜଣେ ଅତିଥି Astrid Huemke Vice Mayor of Quickborn ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ: ମୁଁ ଏଠାରୁ ଲେଉଟି ଯିବା ପରେ ନିଶ୍ଚିତ ରୂପେ ଖଲିଫାଙ୍କର ସେହି କଥାଗୁଡ଼ିକୁ ପ୍ରଚାର କରିବି ଏବଂ ଯେତେବେଳେ କିଏ ଇସ୍‌ଲାମ୍ ଉପରେ ଆପତି ଅଭିଯୋଗ କରିବ ସେତେବେଳେ ମୁଁ ଖଲିଫାଙ୍କ ବାଣୀଗୁଡ଼ିକୁ ଉପସ୍ଥାପନ କରି ଇସ୍‌ଲାମ୍‌ର ପ୍ରତିରକ୍ଷା କରିବାପାଇଁ ଚେଷ୍ଟା କରିବି । ଖଲିଫା କେବଳ ଆମ ଅତିଥିମାନଙ୍କୁ ସମ୍ବୋଧନ କଲେ ନାହିଁ ବରଂ ନିଜ ଯମାତ୍‌ର ସଦସ୍ୟମାନଙ୍କୁ ମଧ୍ୟ ଏଥିପ୍ରତି ଧ୍ୟାନ ଆକର୍ଷଣ କରାଇଲେ ଯେ, ଏହି ମସ୍‌ଜିଦ୍‌ଟି ନିର୍ମାଣ ପରେ ଆପଣମାନେ (ଅହେମଦୀମାନେ) ପୂର୍ବଠାରୁ ଅଧିକା ମାନବଜାତିର ସେବା କରିବେ ।

ଆଉ ଜଣେ ଅତିଥି ଯିଏ ପେଶାରେ ହେଉଛନ୍ତି Dentist, ସେ କହିଲେ ଖଲିଫାଙ୍କର ଭାଷଣରେ ବର୍ଣ୍ଣନା କରାଯାଇଥିବା ସମସ୍ତ ପଏଂଟଗୁଡ଼ିକ ଉପରେ ମୁଁ ସହମତି ପ୍ରକାଶ କରୁଅଛି । ଖ୍ରୀଷ୍ଟିଆନ୍ ଧର୍ମରେ ମଧ୍ୟ ଅନେକ ଏଭଳି ପଏଂଟ ରହିଛି ଯାହାର ଚର୍ଚ୍ଚା

## କାଦିଆନ୍‌ର ଶିକ୍ଷାନୁଷ୍ଠାନଗୁଡ଼ିକରେ ମହିଳା ଶିକ୍ଷୟତ୍ରୀ ଆବଶ୍ୟକ

ତାଲିମୁଲ୍ ଇସ୍‌ଲାମ୍ ସିନିୟର୍ ସେକେଣ୍ଡାରୀ ସ୍କୁଲ୍ ଏବଂ ନୁସ୍‌ରତ୍ ଗାର୍ଲସ ହାଇସ୍କୁଲ୍‌ରେ Punjabi, Physical Education, Physics, Mathematics, English, Computer ଏବଂ Hindi ବିଷୟଗୁଡ଼ିକ ପଢ଼ାଇବା ପାଇଁ ମହିଳା ଶିକ୍ଷୟତ୍ରୀମାନଙ୍କ ନିମନ୍ତେ କିଛି ପୋଷ୍ଟ ଖାଲିଅଛି । ସିଲ୍‌ସିଲା ନିମନ୍ତେ ସେବା ମନୋଭାବ ଏବଂ ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ରଖିଥିବା ଇଚ୍ଛୁକ ପ୍ରାର୍ଥୀ ନଜାରତ୍ ଦିଓ୍ୱାନ୍‌ଙ୍କ ତରଫରୁ ପ୍ରକାଶିତ ଫର୍ମ ପୂରଣ କରି ନିଜ ନିଜର ଆବେଦନ ପତ୍ରଗୁଡ଼ିକୁ ଦାଖଲ କରିପାରିବେ । ଖାଲିଥିବା ପୋଷ୍ଟ ଗୁଡ଼ିକର ବିବରଣୀ ନିମ୍ନରେ ଦିଆଗଲା ।

(1) P.G.T (ପୋଷ୍ଟ ଗ୍ରାଜୁଏଟ୍ ଟିଚର) Physics

ଶିକ୍ଷାଗତ ଯୋଗ୍ୟତା: ସମ୍ବନ୍ଧିତ ବିଷୟରେ ୫୫% ନମ୍ବର ରଖି ପୋଷ୍ଟ ଗ୍ରାଜୁଏଶନ୍ ଏବଂ B.Ed ସହିତ କୌଣସି ସରକାରୀ ଅନୁମୋଦିତ ଅନୁଷ୍ଠାନରେ ଦୁଇ ବର୍ଷର ଶିକ୍ଷାଦାନ ଅଭିଜ୍ଞତା ଥିବ ।

(2) T.G.T (ଟ୍ରେନିଂ ଗ୍ରାଜୁଏଟ୍ ଜେନେରାଲ୍ ଲାଇନ୍ ଟିଚର୍)

ଶିକ୍ଷାଗତ ଯୋଗ୍ୟତା: ୫୫% ନମ୍ବର ରଖି ଗ୍ରାଜୁଏଶନ୍ ଏବଂ B.Ed ସହିତ କୌଣସି ସରକାରୀ ଅନୁମୋଦିତ ଅନୁଷ୍ଠାନରେ ତିନି ବର୍ଷର ଶିକ୍ଷାଦାନ ଅଭିଜ୍ଞତା ଥିବ (ପୋଷ୍ଟ ଗ୍ରାଜୁଏଟ୍‌ଙ୍କୁ ଅଗ୍ରାଧିକାର ଦିଆଯିବ)

(3) Computer Teacher

ଶିକ୍ଷାଗତ ଯୋଗ୍ୟତା: ସମ୍ବନ୍ଧିତ ବିଷୟରେ ଗ୍ରାଜୁଏଶନ୍ (B.C.A) 55% ନମ୍ବର ରଖିଥିବେ ଏବଂ କୌଣସି ଅନୁମୋଦିତ ଅନୁଷ୍ଠାନରେ ତିନିବର୍ଷର ଅଭିଜ୍ଞତା ଥିବ । ପୋଷ୍ଟ ଗ୍ରାଜୁଏଟ୍‌ଙ୍କୁ ଅଗ୍ରାଧିକାର ଦିଆଯିବ ।

(4) Physical Education Teacher

ଶିକ୍ଷାଗତ ଯୋଗ୍ୟତା: ସମ୍ବନ୍ଧିତ ବିଷୟରେ ଗ୍ରାଜୁଏଶନ୍ (B.P.Ed) ରେ 55% ନମ୍ବର ସହିତ କୌଣସି ଅନୁମୋଦିତ ଶିକ୍ଷାନୁଷ୍ଠାନରେ ତିନିବର୍ଷର ଅଭିଜ୍ଞତା ଥିବ ।

* TET ବା CTET କ୍ୱାଲିଫାଏଡ଼୍ ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ ।

* ପ୍ରାର୍ଥୀଙ୍କ ବୟସ ୨୦ ବର୍ଷରୁ କମ୍ ଏବଂ ୪୦ ବର୍ଷରୁ ଅଧିକ ହୋଇନଥିବ । ଆବଶ୍ୟକ ପଡ଼ିଲେ ବୟସର ସୀମାରେ ରିହାତି କରିବା ପାଇଁ ଚିନ୍ତା କରାଯିବ ।

* କେବଳ ସେହି ପ୍ରାର୍ଥୀମାନଙ୍କୁ ଚୟନ କରାଯିବା ଉପରେ ବିଚାର କରାଯିବ ଯେଉଁମାନେ ନିଯୁକ୍ତି କେନ୍ଦ୍ରୀୟ କମିଟିଙ୍କ ଦ୍ୱାରା ନିଆଯାଇଥିବା ଲିଖିତ ପରୀକ୍ଷା ଓ ମୌଖିକ ଇଂଟରଭ୍ୟୁରେ ସଫଳ ହେବେ ଏବଂ ଡ଼ାକ୍ତରଖାନାର ଡ଼ାକ୍ତରୀ ରିପୋର୍ଟ ଅନୁଯାୟୀ ସୁସ୍ଥ ହୋଇଥିବେ ।

* Selection ହେବା କ୍ଷେତ୍ରରେ ପ୍ରାର୍ଥୀଙ୍କୁ କାଦିଆନ୍‌ରେ ରହିବାର ବ୍ୟବସ୍ଥା ନିଜକୁ କରିବାକୁ ହେବ ।

* ଇଂଟରଭ୍ୟୁ ପାଇଁ କାଦିଆନ୍ ଡ଼କାଇବା କ୍ଷେତ୍ରରେ ଯାତାୟାତର ପରିବହନ ଖର୍ଚ୍ଚ ପ୍ରାର୍ଥୀ ନିଜେ ବହନ କରିବେ ।

* ଇଂଟରଭ୍ୟୁର ଧାର୍ଯ୍ୟ ତାରିଖ ବିଷୟରେ ପରେ ଅବଗତ କରାଇ ଦିଆଯିବ ।

* ମୁଦ୍ରିତ ଫର୍ମ ଦଫ୍‌ତର୍ ନଜାରତ୍ ଦିଓ୍ୱାନ୍ ବା ନିମ୍ନଲିଖିତ ଠିକଣା/Email ରୁ ହାସଲ କରିପାରିବେ ।

* ଦରଖାସ୍ତଗୁଡ଼ିକ ଶିକ୍ଷାଗତ ଯୋଗ୍ୟତା ଏବଂ ଅଭିଜ୍ଞତା ସାର୍ଟିଫିକେଟ୍‌ଗୁଡ଼ିକ ଉପରେ (Self Attested) କରି ତାହାର ଅବିକଳ ନକଲ ନଜାରତ୍ ଦିଓ୍ୱାନ୍‌ଙ୍କ ନିକଟରେ ଏହି ଘୋଷଣାର ଦୁଇ ମାସ ମଧ୍ୟରେ ପହଂଚିବା ଆବଶ୍ୟକ ।

* ଜୀବିକା ଭତା (Allowance) ଏବଂ ଅନ୍ୟାନ୍ୟ ସୂଚନା ପ୍ରାପ୍ତ କରିବାପାଇଁ ନିମ୍ନଲିଖିତ E-mail ଏବଂ ଫୋନ୍ ନମ୍ବର ଗୁଡ଼ିକରେ ଅଫିସ୍ ସମୟରେ ଯୋଗାଯୋଗ କରାଯାଇପାରିବ ।

**ନଜାରତ୍ ଦିଓ୍ୱାନ୍ ସଦର୍ ଅଞ୍ଜୁମନ୍ ଅହେମଦୀୟା କାଦିୟାନ୍**
**ଜିଲ୍ଲା- ଗୁର୍‌ଦାସ୍‌ପୁର୍, ପିନ୍-୧୪୩୫୧୬**
**ମୋବାଇଲ୍:-୦୯୬୮୨୬୨୭୫୯୨, ୦୯୬୮୨୫୮୭୭୧୩**
**ଅଫିସ୍ ଫୋନ୍ ନଂ- ୦୧୮୭୨-୫୦୧୧୩୦**
**Email: diwan@qadian.in**
**(ନାଜିର୍ ଦିଓ୍ୱାନ୍, ସଦର ଅଞ୍ଜୁମନ ଅହେମଦୀୟା କାଦିୟାନ୍)**

ଖଲିଫା ନିଜ ଭାଷଣରେ କଲେ । ଆଉ ଯେଉଁ କଥାଟି ମତେ ବହୁତ ପ୍ରଭାବିତ କଲା ତାହା ହେଉଛି ଏହା କି, ଆମ ଦେଶରେ ଯେଉଁ ଅଶାନ୍ତି ଓ ଅସ୍ଥିରତା ଲାଗି ରହିଛି । ତାହାର ସମାଧାନ ଖଲିଫାଙ୍କ ଭାଷଣରେ ମହଜୁଦ ଥିଲା ।

Witecke ସାହେବ, ଯିଏ ପେଶାରେ ଜଣେ ଓକିଲ ସେ କହୁଛନ୍ତି ଯମାତ୍ ଅହେମଦିୟାର ଇମାମ୍‌ଙ୍କ ଉପସ୍ଥିତିରେ ଯେଉଁ ପରିବେଶ ସୃଷ୍ଟି ହୋଇଛି ତାହାର ପ୍ରଭାବ ବହୁ ମାତ୍ରାରେ ଏଠାରେ ପଡ଼ିଛି ଏବଂ ତାଙ୍କର ଆଧାତ୍ମିକ ବିଶେଷ ଗୁଣ ଯୋଗୁଁ ତାଙ୍କ ଭାଷଣର ପ୍ରଭାବ ପ୍ରତ୍ୟକ୍ଷ ଭାବେ ପଡ଼ିଥିଲା । ସେ ନିଜ ଭାଷଣରେ ମହିଳାମାନଙ୍କ ପଦମର୍ଯ୍ୟାଦାକୁ ମଧ ବହୁତ ଭଲ ଭାବରେ ବର୍ଣ୍ଣନା କଲେ । ଏଥିରେ ଇସ୍‌ଲାମ୍‌ରେ ମହିଳାମାନଙ୍କର ସ୍ଥାନ ଓ ସମାଜରେ ମହିଳାମାନଙ୍କର ସମ୍ମାନ ପ୍ରକାଶ ହେଉଥିଲା ।

ମେୟର Bauer ସାହେବ କହିଲେ, ଯମାତ୍ ଅହେମଦିୟା ସହିତ ଯେବେଠାରୁ ମୋର ପରିଚୟ ହେଲାଣି ସେବେଠାରୁ ଯମାତ୍ର ଚରିତ୍ର ଓ ଯମାତର ଶୈଳୀ ମୋ ଉପରେ ସକରାତ୍ମକ ପ୍ରଭାବ ପକାଇଛି କିନ୍ତୁ ଏବେ ଯେଉଁଠି ମୁଁ ଆପଣଙ୍କ ଖଲିଫାଙ୍କ ସହିତ ସାକ୍ଷାତ କରିବାର ସୁଯୋଗ ପାଇଲି ସେତେବେଳେ ମୁଁ ଜାଣିପାରିଲି ଯେ, ଆପଣଙ୍କ ଯମାତ୍ର ଚରିତ୍ର ଓ ନୈତିକତାର ସ୍ରୋତ କ'ଣ । ଏହି ନୈତିକତାର ଉତ୍ସ ହେଉଛି ଏପରି ଲିଡ଼ରଶିପ୍ ଯାହାଙ୍କ ହାତ ଆପଣମାନଙ୍କର ପଛରେ ରହିଛି ଏବଂ ମୁଁ ଆପଣମାନଙ୍କୁ ସୌଭାଗ୍ୟଶାଳୀ ବୋଲି ଭାବୁଛି ଯେ, ଆପଣଙ୍କ ନିକଟରେ ଏଭଳି ଜଣେ ମର୍ଯ୍ୟାଦା ଓ ପ୍ରଭାବଶାଳୀ ଲିଡ଼ର ଅଛନ୍ତି, ଯିଏ ପ୍ରତିକ୍ଷଣ ନିଜ ଯମାତ୍ର ସାମାଜିକ, ନୈତିକ ଏବଂ ଆଧାତ୍ମିକ ପ୍ରଶିକ୍ଷଣର ଧାନ ରଖୁଛନ୍ତି । ଆପଣଙ୍କ ଖଲିଫାଙ୍କ ନିକଟରୁ ଏକ ନିଆରା ରକମର ଆଧାତ୍ମିକ ସ୍ୱଭାବ ପରିପ୍ରକାଶ ହେଉଅଛି । ଯାହାକୁ ଅନୁଭବ କରାଯାଇପାରେ କିନ୍ତୁ ଏହାର ପ୍ରକାଶ ଶବ୍ଦରେ କରିବା ଅସମ୍ଭବ ।

ମେୟର Brended Winger ସାହେବ କହିଲେ, ଆପଣଙ୍କ ଖଲିଫାଙ୍କ ଭାଷଣ ବହୁତ ପ୍ରଭାବଶାଳୀ ଥିଲା । ଏ କଥା କହିବା ଯୋଗ୍ୟ ଯେ, ସେ ନିଜର ଭାଷଣରେ ଅନ୍ୟାନ୍ୟ ବକ୍ତାମାନଙ୍କ କଥାକୁ ମଧ ଚର୍ଚ୍ଚା କଲେ ଏଥିରୁ ପ୍ରକାଶ ହେଉଛି ଯେ, ସେ ଦ୍ୱିପାକ୍ଷିକ ଚର୍ଚ୍ଚା କରିବାକୁ ଚାହୁଁଛନ୍ତି ଏବଂ ଯଦି ଲୋକମାନେ ତାଙ୍କ କଥାକୁ ଶୁଣିବାକୁ ଆସୁଛନ୍ତି ତାହା ହେଲେ ଖଲିଫା ମଧ ଆସିଥିବା ଲୋକମାନଙ୍କୁ ଧ୍ୟାନ ଦେଇ ଶୁଣୁଛନ୍ତି ଓ ସେମାନଙ୍କ କଥାକୁ ଗୁରୁତ୍ୱ ଦେଉଛନ୍ତି । ଏଥିରୁ ଏ କଥା ପ୍ରକାଶ ହେଉଛି ଯେ, ଆପଣମାନେ ଅତିଥିମାନଙ୍କୁ କିଭଳି ସମ୍ମାନ ଦେଉଛନ୍ତି ଗୋଟିଏ ସାମୁହିକ ସାମାଜିକ କଥୋପକଥନ ପାଇଁ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ଅଂଶ ଯାହାର ବିଶେଷ ରୂପେ ଅହେମଦୀୟା ଜମାତ୍ର ଇମାମ୍ ଧ୍ୟାନ ରଖିଛନ୍ତି ।

ମିଲାନି ଲାତୁଗ୍ ସାହିବା କହିଲେ, ମୁଁ ଆଧାତ୍ମିକ ଫିର୍କା (ଧର୍ମଗତ ଦଳ) ସମ୍ବନ୍ଧରେ ଗବେଷଣା କରୁଅଛି ଓ ମୁଁ ଆଧାତ୍ମିକତା ଉପରେ ପ୍ରାଟିକ୍ସ କରିବାପାଇଁ ଶିକ୍ଷା ମଧ ହାସଲ କରିଛି । ଏବେ ମୁଁ ଗୋଟିଏ ସ୍କୁଲରେ ବିଦ୍ୟାର୍ଥୀମାନଙ୍କୁ ଆଧାତ୍ମିକ ଚିକିତ୍ସକ ଭାବେ ତାଲିମ ଦେଉଅଛି । ଯେତେବେଳେ ଇମାମ୍ ଯମାତ୍ ଅହେମଦୀୟା ମୋ ସମ୍ମୁଖରେ ଗଲେ ମୁଁ ଗୋଟିଏ ଭିଡ଼ିଓ ବନାଇଲି କିନ୍ତୁ ଯେତେବେଳେ ତାଙ୍କର ଦୃଷ୍ଟି ମୋ ଉପରେ ପଡ଼ିଲା ସେତେବେଳେ ମୋ ଶରୀରରୁ ସବୁତକ ଶକ୍ତି ବାହାରିଗଲା ଏବଂ ମୁଁ ସମ୍ପୂର୍ଣ୍ଣ ଭାବେ ଥଣ୍ଡା ପଡ଼ିଗଲି । ପୁଣି ଯେବେ ଖଲିଫା ଦୁଆ କରାଇଲେ ସେତେବେଳେ ମୋ ଆଖିରୁ ଅଶ୍ରୁ ଝରି ଆସିଲା କିନ୍ତୁ ମୁଁ ବହୁତ ଚେଷ୍ଟା କରି ନିଜକୁ ଆୟତ କଲି । ଖଲିଫାଙ୍କ ଉପସ୍ଥିତି ସମଗ୍ର ପରିବେଶ ଉପରେ ଗୋଟିଏ ପ୍ରକାର ପ୍ରଭାବ ପକାଇଥିଲା ଯାହା ସାଂସାରିକ ଓ ଭୌତିକ ନଥିଲା ବରଂ ଆଧାତ୍ମିକ ଅବସ୍ଥା ଥିଲା ।

କୌଖିମ୍ ଟେଗେଟ୍ ମାଇର୍ ସାହେବ୍ କହିଲେ: ଆପଣଙ୍କ ଖଲିଫା ଉତ୍ତମ ଚରିତ୍ର ଗୁଡ଼ିକୁ ଆପଣାଇବା ପାଇଁ କଥା ହେଲେ ଓ ତାଙ୍କର କହିବା ଶୈଳୀ ଏତେ ସ୍ୱଚ୍ଛ, ନିଷ୍ଠାପୂର୍ଣ୍ଣ ଏବଂ ସହାନୁଭୂତି ଶୀଳ ଥିଲା ଯେ, ମତେ ଏପରି ଲାଗୁଥିଲା ଯେ, ଆମେ ଯେକୌଣସି ଜାତି ଧର୍ମ ଓ ବର୍ଣ୍ଣ ସହିତ ସମ୍ପର୍କ ରଖିଥାଉ ନା କାହିଁକି ଏହି ଚରିତ୍ର ଓ ମାନବିକ ମୂଲ୍ୟବୋଧ ପ୍ରସଙ୍ଗରେ ଆମେ ସମସ୍ତେ ହେଉଛେ ଏକ । ଇମାମ୍ ଯମାତ୍ ଅହେମଦିୟା ବହୁତ ପ୍ରାଞ୍ଜଳ ଭାବରେ ଭଲ ଓ ଖରାପ ମଧ୍ୟରେ ଥିବା ଫରକକୁ ବର୍ଣ୍ଣନ କଲେ ଏବଂ ଏଥିପ୍ରତି ଧ୍ୟାନ ଆକର୍ଷଣ କରାଇଲେ ଯେ, ଆମକୁ ପଡ଼ୋଶୀମାନଙ୍କର ଅଧିକାର ପ୍ରତି ଧ୍ୟାନ ରଖିବା ଉଚିତ ଓ ଗୋଟିଏ ପରିବାରର ସଦସ୍ୟଙ୍କ ଭଳି ରହିବା ଉଚିତ । ଖଲିଫାଙ୍କର ଅସ୍ତିତ୍ୱ ଏପରି ଜଣାପଡୁଥିଲା ଯେ, ତା' ଉପରେ କୌଣସି ପ୍ରକାରର ବାଧବାଧକତାର ଛାଇ ମଧ ନଥିଲା ଓ ସେ ଚଲାବୁଲା କରୁଥିବା ପ୍ରେମର ଛବି ଥିଲେ । ତାଙ୍କ ସତ୍ୟତାର ପ୍ରମାଣ ହେଉଛି ତାଙ୍କ ଦ୍ୱାରା ପ୍ରଶିକ୍ଷଣ ପାଇଥିବା ଯମାତ୍ର ସଦସ୍ୟମାନେ ଯେଉଁମାନଙ୍କ ସହିତ ପ୍ରତିଦିନ ଆମର ପ୍ରତିଦିନ ବ୍ୟବହାର ରହିଥାଏ ।

ମେୟର ଜାନ୍‌ଇଲ୍‌ଜେ ସାହେବ୍ କହିଲେ, ଆପଣଙ୍କ ଖଲିଫା ଯେଉଁ କଥାର ବର୍ଣ୍ଣନା କରିଛନ୍ତି ତାହା ଆମର ଏହି ପରିବେଶ ଏବଂ ସମାଜରେ ସର୍ବସାଧାରଣ ହେବା ଉଚିତ । ପ୍ରତ୍ୟେକ ଧର୍ମର ମୂଳ ଶାନ୍ତି ଉପରେ ଆଧାରିତ ଆପଣଙ୍କ ଖଲିଫା ନିଜର ବ୍ୟକ୍ତିତ୍ୱଠାରୁ ମଧ ଜଣେ ଶାନ୍ତିପ୍ରିୟ ବ୍ୟକ୍ତିତ୍ୱ ଜଣାପଡୁଛନ୍ତି । ଏବଂ ତାଙ୍କଠାରୁ ବିନମ୍ରତା ପ୍ରକାଶ ହେଉଅଛି । ଖଲିଫା ହେଉଛନ୍ତି ଜଣେ ସଚ୍ଚା ମଣିଷ ଯିଏ ମୋ ଉପରେ ନିଜ ସଚ୍ଚାଇର ଗଭୀର ପ୍ରଭାବ ଛାଡ଼ିଛନ୍ତି ।

Friderich Gunther କହିଲେ ଖଲିଫା ହେଉଛନ୍ତି ଜଣେ, ଖୋଲା ହୃଦୟ ଓ ଖୋଲା ମସ୍ତିଷ୍କ ରଖିଥିବା ଜଣେ ବ୍ୟକ୍ତିତ୍ୱ । ଯାହାଙ୍କ ଅସ୍ତିତ୍ୱରେ ଗୋଟିଏ ଆଧାତ୍ମିକ ପ୍ରଭାବ ଏବଂ ଆକର୍ଷଣ ରହିଛି । ତାଙ୍କ କଥାକୁ ତାଙ୍କ ପବିତ୍ର ବ୍ୟକ୍ତିତ୍ୱରୁ ଶକ୍ତି ମିଳିଥାଏ । ମୁଁ ନିଜ ଉପରେ ତାଙ୍କ ଭାଷଣ ଓ ତାଙ୍କ ଅସ୍ତିତ୍ୱ ସମାନ ପ୍ରଭାବ ଅନୁଭବ କରୁଅଛି ।

Elke Schrieber ସାହିବା କହିଲେ, ମୁଁ ଖଲିଫାଙ୍କ ଉପସ୍ଥିତି ଦ୍ୱାରା ଏତେ ପ୍ରଭାବିତ ହୋଇଛି ଯେ, ମୋର ମନ ଏ କଥା ଚାହୁଁଛି କି, ମୁଁ ଯମାତ୍ ଅହେମଦୀୟାର ଇମାମ୍‌ଙ୍କ ସହିତ କଥା ହେବି କିନ୍ତୁ ମୋ ଠାରେ ଏପରି ସାହାସ ନଥିଲା । ମୋ ଟେବୁଲ୍ ପାଖରେ ବସିଥିବା ଲୋକ ଜଣକ ମତେ ସାହାଯ୍ୟ କଲେ ଓ ମତେ ଷ୍ଟେଜ୍ ଉପରକୁ ନେଇଗଲେ ଯେତେବେଳେ ମୁଁ ଖଲିଫାଙ୍କ ନିକଟରେ ପହଂଚିଲି ସେତେବେଳେ ମୋ ଗୋଡ଼ ଗୁଡ଼ିକ ଥରୁଥିଲା କିନ୍ତୁ ଖଲିଫା ସାହେବ ମତେ ଉତ୍ସାହିତ କଲେ ଓ ମୋ କଥାଗୁଡ଼ିକ ବହୁତ ଧ୍ୟାନ ଦେଇ ଶୁଣିଲେ । ମୁଁ ତାଙ୍କୁ କହିଲି ଯେ, ମୁଁ ବୁଢ଼ୀ ହୋଇଗଲିଣି ଓ ଜଣାନାହିଁ ଜୀବନରେ ଆଉ କେବେ ଆପଣଙ୍କ ସହିତ ସାକ୍ଷାତ କରିବାର ସୁଯୋଗ ମିଳିବ ବା ନାହିଁ । ତେଣୁ ମୁଁ ଷ୍ଟେଜ୍ ଉପରକୁ ସାକ୍ଷାତ କରିବାପାଇଁ ଚାଲି ଆସିଲି । ଖଲିଫାଙ୍କର ସ୍ନେହ ମତେ ସର୍ବଦା ମନେ ରହିବ ।

Muggen Burg ସାହିବା କହୁଛନ୍ତି ଖଲିଫା ହେଉଛନ୍ତି ଗୋଟିଏ ଅତ୍ୟନ୍ତ ମନମୁଗ୍ଧକାରୀ ଅସ୍ତିତ୍ୱ ଏବଂ ଖଲିଫାଙ୍କ ସହିତ ଲୋକମାନଙ୍କର ପ୍ରେମ ଭାବ ସ୍ପଷ୍ଟ ଭାବେ ଅନୁଭବ ହେଉଥିଲା । ମତେ ବହୁତ ଭଲ ଲାଗିଲା ଓ ମୁଁ ଏକଥାରେ ବହୁତ ପ୍ରଭାବିତ ହେଲି ଯେ, ଖଲିଫା ଅନ୍ୟାନ୍ୟ ବକ୍ତାମାନଙ୍କର କଥାଗୁଡ଼ିକୁ ଧ୍ୟାନ ଦେଇ ଶୁଣିଲେ ଏବଂ ସେଥିରୁ ନୋଟ୍ସ ନେଲେ । ଆଜିକାଲି ପ୍ରତ୍ୟେକ ବ୍ୟକ୍ତି ନିଜର କଥାକୁ ପରିବେଷଣ କରିବାକୁ ଚାହୁଁଛନ୍ତି ଏବଂ ଅନ୍ୟମାନଙ୍କର କଥାକୁ ଧ୍ୟାନ ଦେଇ ଶୁଣୁନାହାନ୍ତି । ସ୍ୱାର୍ଥପରତାର ଅବସ୍ଥା ହେଉଛି ଏପରି କି, ଅନ୍ୟମାନଙ୍କ କଥା ପ୍ରତି ଧ୍ୟାନ ହିଁ ଦିଆଯାଉନାହିଁ । କିନ୍ତୁ ଖଲିଫା ଦ୍ୱିପାକ୍ଷିକ ସମ୍ମାନକୁ କାର୍ଯ୍ୟରେ ପ୍ରକାଶ କଲେ । ତେଣୁ ଧର୍ମ ଧର୍ମ ମଧ୍ୟରେ ଥିବା କଥୋପକଥନରେ ଖଲିଫାଙ୍କୁ ଆମେ ଗୋଟିଏ ନମୁନା ରୂପେ ବିବେଚିତ କରିବା ଉଚିତ ।

Oliver ସାହେବ ପଚାରିଲେ ଯେ, କ'ଣ ହଜୁର କେବଳ ଏହି ମସ୍‌ଜିଦ୍‌କୁ ଉଦ୍‌ଘାଟନ କରିବାକୁ ଆସିଛନ୍ତି ?

ଅବଶିଷ୍ଟାଂଶ ପୃଷ୍ଠା-୦୨ ରେ ଦେଖନ୍ତୁ...

**ହଜରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତ୍ତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।''

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

ତାଲିବେ ଦୁଆ: *Anisha Begum, Jamat Ahmadiyya, Kerang (Odisha)*

**ହଜରତ୍ ଅମୀରୁଲ୍ ମୁମିନିନ୍‌ଙ୍କ**

''ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । ''

ତାଲିବେ ଦୁଆ: *Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*

**ନୂରୁଲ୍ ଇସ୍‌ଲାମ୍ ବିଭାଗ ଅନ୍ତର୍ଗତ**

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ ।

**ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧**

ସମୟ: ପ୍ରତ୍ୟହ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।'' *(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

ତାଲିବେ ଦୁଆ: *Abdul Chand & Family, Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ପବିତ୍ର କୋରାନ୍‌କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ୍ ଧର୍ମପରାୟଣତା)''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

ତାଲିବେ ଦୁଆ: *Idrish Khan, Jamat Ahmadiyya, Kerang (Odisha)*

## ହଜୁର ଅନଓ୍ୱର ଅ:ବ:ଅ www.ahmadipedia.orgର ଶୁଭାରମ୍ଭ କଲେ । ସେଥିରେ ଜମାତ୍‌ର ପୁସ୍ତକ, ବ୍ୟକ୍ତିତ୍ୱ, ଘଟଣାବଳୀ ଏବଂ ବିଶ୍ୱାସ ଓ ପ୍ରଥା ଇତ୍ୟାଦି ମୌଳିକ ସୂଚନାମାନ ପ୍ରଦାନ କରାଯାଇଅଛି । କୌଣସି ବିଷୟବସ୍ତୁ ଉପରେ ଆପଣମାନେ ମଧ୍ୟ ନିଜର ସୂଚନା, ପ୍ରମାଣ ଏବଂ ଡ଼କ୍ୟୁମେଂଟ ସେଥିରେ ଉପଲବ୍ଧ କରାଇପାରିବେ ।

ଅଲ୍‌ହମ୍‌ଦୋ ଲିଲ୍ଲାଃ ସୟଦନା ହଜ୍‌ରତ୍ ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଜୁଲାଇ ମାସ ୨ ତାରିଖ ୨୦୨୧ ମସିହା ପବିତ୍ର ଯୁମା ଦିନ ନମାଜ ଯୁମା ପରେ ଜମାତ୍ ଅହେମଦୀୟାର ଗୋଟିଏ ନୂଆ ୱେବ୍‌ସାଇଟ୍ www.ahmadipedia.org ର ଶୁଭାରମ୍ଭ କଲେ । ତାହାର ସବିଶେଷ ବିବରଣୀ ପ୍ରଦାନ କରି ହଜୁର ଅନଓ୍ୱର ଅ:ବ:ଅ ନିଜର ଖୁତ୍‌ବା ଯୁମାରେ କହିଲେ:

''ଗୋଟିଏ ଘୋଷଣା କରିବାକୁ ଚାହୁଁଛି । ତାହା ହେଉଛି ଏହା କି ଗୋଟିଏ ଅହେମଦୀୟା ଏନ୍‌ସାଇକ୍ଲୋପିଡ଼ିଆ ତିଆରି କରାଯାଇଅଛି, ତାହା ଆଜି ଲଂଚ କରାଯିବ । କେନ୍ଦ୍ରୀୟ ଅଭିଲେଖାଗାର ବିଭାଗ ଓ ଅନୁସନ୍ଧାନ ବିଭାଗ ଏହାକୁ ତିଆରି କରିଛି । ଏହି ୱେବ୍‌ସାଇଟ୍‌କୁ ଜମାତ୍‌ର ସଦସ୍ୟମାନଙ୍କ ପାଇଁ ଅନ୍‌ଲାଇନ୍ ଉପଲବ୍ଧ କରାଯାଉଅଛି । ସେଥିରେ ପ୍ରବେଶ www.ahmadipedia.org ମାଧ୍ୟରେ କରାଯାଇପାରିବ ଯେଉଁଠି ଗୋଟିଏ ସର୍ଚ୍ଚ ଇଞ୍ଜିନ୍ ଶୈଳୀରେ Homepageରେ ବିଷୟବସ୍ତୁଗୁଡ଼ିକୁ ଖୋଜିବା ପାଇଁ ଖୋଲିଯିବ । ଏହାକୁ ବହୁତ ସରଳ ଏବଂ ବ୍ୟବହାର କରିବା ପାଇଁ ସହଜ କରାଯାଇଅଛି । ପ୍ରତ୍ୟେକ ଇଂଟରଭ୍ୟୁ ସହିତ ସମ୍ବନ୍ଧିତ ୱେବସାଇଟ୍, ଭିଡ଼ିଓ ଏବଂ ଜମାତର ଖବରକାଗଜଗୁଡ଼ିକରେ ପ୍ରକାଶ ପାଇଥିବା ବିଷୟବସ୍ତୁଗୁଡ଼ିକର ଲିଙ୍କ୍ ଉପଲବ୍ଧ କରାଯାଇଅଛି ଯଦ୍ୱାରା ସେହି ଉତ୍ସ୍‌ଗୁଡ଼ିକରୁ ବିସ୍ତୃତ ସୂଚନା ପ୍ରାପ୍ତ କରାଯାଇପାରିବ । ସବିଶେଷ ବିବରଣୀ ପାଇଁ ଦିଆଯାଇଥିବା ସେହି ଲିଙ୍କ୍‌ଗୁଡ଼ିକରୁ ଏ ଲାଭ ମଧ୍ୟ ମିଳିବ ଯେ ଜମାତ୍ ଅହେମଦୀୟାର ଅନ୍ୟ ୱେବସାଇଟଗୁଡ଼ିକ ପର୍ଯ୍ୟନ୍ତ ଉପଭୋକ୍ତାମାନେ ପ୍ରବେଶ କରିପାରିବେ ଫଳତ ସେମାନେ ସମସ୍ତ ଖବରକାଗଜ ଓ ପତ୍ରିକାଗୁଡ଼ିକରୁ ଲାଭ ଉଠାଇ ପାରିବେ । ସାରା ଦୁନିଆରେ ବ୍ୟାପି ଯାଇଥିବା ଜମାତ୍‌ର ଲୋକମାନଙ୍କ ନିକଟରେ ବହୁତ ଉପଯୋଗୀ ସୂଚନାମାନ ରହିଛି ଯାହା କୌଣସି ସ୍ଥାନରେ ରେକର୍ଡ଼ ହୋଇନାହିଁ । ଅହେମଦୀପିଡ଼ିଆର ୱେବ୍‌ସାଇଟ୍‌ରେ Contribute ନାମରେ ଗୋଟିଏ ଅପ୍‌ସନ୍ ମଧ୍ୟ ଦିଆଯାଇଅଛି ଯେଉଁଠି ସେମାନେ କୌଣସି ବିଷୟ ଉପରେ ନିଜର ସୂଚନା, ପ୍ରମାଣ କିମ୍ବା ଦଲିଲ୍ ଯୋଗାଇ ପାରିବେ । ଏପରି ନୁହେଁ କି ନିଜେ ତାହାକୁ ସିଧାସଳଖ ରଖିଦେବେ ବରଂ ସେଗୁଡ଼ିକୁ ସେ ଇନ୍‌ତେ ଜାମିଆ ଅର୍ଥାତ ପରିଚାଳକ ଓ ବ୍ୟବସ୍ଥାପକଙ୍କୁ ଯୋଗାଇ ଦେବେ । ଯୋଗାଇ ଦିଆଯାଇଥିବା ବିଷୟବସ୍ତୁ ଗୁଡ଼ିକର ଅନୁସନ୍ଧାନ ଓ ଯାଂଚ ପରେ ତାହାକୁ ସମ୍ବନ୍ଧିତ ବିଷୟବସ୍ତୁଗୁଡ଼ିକର ଏଂଟ୍ରିରେ ଅନ୍ତର୍ଭୁକ୍ତ କରିଦିଆଯିବ । ଏହିପରି ଏହି ୱେବସାଇଟ୍ ସମସ୍ତ ଜମାତ୍‌ର ସହଯୋଗରେ ଜାରି ରହିଥିବା ଏକ ପ୍ରକଳ୍ପ ହେବ ଏବଂ ଇନ୍‌ଶାଅଲ୍ଲାଃ ପ୍ରତ୍ୟେକ ଅହେମଦୀଙ୍କ ପାଇଁ ଲାଭଦାୟକ ହେବ । ଯଦି କାହାକୁ ଏହି ୱେବ୍‌ସାଇଟ୍‌ରେ ଚାହୁଁଥିବା ବିଷୟବସ୍ତୁ ନ ମିଳେ ତା'ହେଲେ ସେ ଅହେମଦୀପିଡ଼ିଆ ସହିତ ଯୋଗାଯୋଗ କରିପାରିବେ । ପୁଣି ଏମାନେ ୱେବ୍‌ସାଇଟ୍‌ରେ ଆବଶ୍ୟକ ବିଷୟବସ୍ତୁକୁ ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରିବେ । ଯଦିଓ ଏହି ସମସ୍ତ ସୂଚନା ବିଶ୍ୱସନୀୟ ମାଧ୍ୟମ ଦ୍ୱାରା ଯୋଗାଇ ଦିଆଯାଇଅଛି । ଏହା ସତ୍ତ୍ୱେ ମଧ୍ୟ ଯଦି କୌଣସି ଉପଭୋକ୍ତାଙ୍କ ନିକଟରେ ଏପରି ତଥ୍ୟ ଥିବ ଯାହା କୌଣସି ସୂଚନାର ବିପରୀତ ଥିବ ତା'ହେଲେ ସେ ଆମକୁ ଏପରି ତଥ୍ୟ ଯୋଗାଇ ଦିଅନ୍ତୁ ଯଦ୍ୱାରା ଯାଂଚ ପଡ଼ତାଲ କରିବା ପରେ ଜମାତ୍‌ର ଇତିହାସକୁ ପ୍ରାମାଣିକ ଭାବରେ ସୁରକ୍ଷିତ କରି ରଖିବା ପାଇଁ ବ୍ୟବସ୍ଥା କରାଯାଇପାରିବ । ଏହି ୱେବ୍‌ସାଇଟକୁ ପ୍ରସ୍ତୁତ କରିବା ପାଇଁ କେନ୍ଦ୍ରୀୟ ଆଇ.ଟି ବିଭାଗ ସମସ୍ତ ଯାନ୍ତ୍ରିକ ପଦକ୍ଷେପ ବହୁତ ସୁନ୍ଦର ଓ ଉତମ ଭାବରେ ସମ୍ପାଦନ କରିଛନ୍ତି ଏବଂ ଆଇ.ଟି ବିଭାଗ ଏଥି ସକାଶେ ବହୁତ ପରିଶ୍ରମ କରିଛି । ସେଥିରେ ତାଙ୍କର ସ୍ଥାୟୀ କର୍ମୀମାନଙ୍କ ବ୍ୟତୀତ ସ୍ୱେଚ୍ଛାସେବୀମାନେ ମଧ୍ୟ ସାମିଲ ହୋଇଛନ୍ତି । ବିଷୟବସ୍ତୁଗୁଡ଼ିକର ପ୍ରସ୍ତୁତି ନିମନ୍ତେ କେନ୍ଦ୍ରୀୟ ଅଭିଲେଖାଗାର ବିଭାଗର ମୁରବୀମାନେ ବହୁତ ପରିଶ୍ରମ କରିଛନ୍ତି । ଏହି ୱେବ୍‌ସାଇଟର ପ୍ରସ୍ତୁତି ନିମନ୍ତେ ଯେଉଁମାନେ କାମ କରିଛନ୍ତି ଅଲ୍ଲାଃ ତାଲା ସେ ସମସ୍ତଙ୍କୁ ଏହାର ପୂଣ୍ୟ ଫଳ ପ୍ରଦାନ କରନ୍ତୁ । ଯୁମା ନମାଜ ପରେ ଆଜି ଇନ୍‌ଶାଅଲ୍ଲାଃ ମୁଁ ତାହାର ଲଂଚ କରିବି ।''

ଯୁମା ନମାଜ ପରେ ହଜୁର ଅନଓ୍ୱର ଅ:ବ:ଅ ତାହାକୁ ଲଂଚ କଲେ ଏବଂ ଦୁଆ (ନୀରବ ପ୍ରାର୍ଥନା) କରାଇଲେ । ଅହେମଦୀମାନେ ଏମ୍.ଟି.ଏର ସିଧାପ୍ରସାରଣ ଜରିଆରେ ନୀରବ ପ୍ରାର୍ଥନାରେ ସାମିଲ ହେଲେ । ପ୍ରାର୍ଥନା କରୁଅଛୁ ଯେ ଅଲ୍ଲାଃ ତାଲା ଏହି ନୂଆ ୱେବ୍‌ସାଇଟ୍‌ର ଶୁଭାରମ୍ଭକୁ ଜମାତ୍ ନିମନ୍ତେ ପ୍ରତିକ୍ଷେତ୍ରରୁ ବାବର୍‌କତ୍ (ମଙ୍ଗଳମୟ) କରନ୍ତୁ । ଆମିନ୍ (କାର୍ଯ୍ୟାଳୟ)

## ମଜ୍‌ଲିସ୍ ଖୁଦ୍ଦାମୁଲ୍ ଅହେମଦୀୟା ବ୍ରିଟେନ୍ ଆନୁକୂଲ୍ୟରେ ଏକ ଦିନିଆ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ଏବଂ ହଜୁର ଅନଓ୍ୱର ଅ:ବ:ଅଙ୍କ ପ୍ରତ୍ୟକ୍ଷ ଉପସ୍ଥିତି

୦୪ ଜୁଲାଇ ୨୦୨୧ ଦିନ ୱିଓ୍ୱର୍ ଲି ଇବେ ସ୍କୁଲ୍ ଟିଲ୍‌ଫୋର୍ଡ଼ଠାରେ ମଜ୍‌ଲିସ୍ ଖୁଦ୍ଦାମୁଲ୍ ଅହେମଦୀୟା ବ୍ରିଟେନ୍ ତରଫରୁ ଏକ ଦିନିକିଆ ଖେଳ ପ୍ରତିଯୋଗିତା ଅନୁଷ୍ଠିତ କରାଗଲା । ଏହି ଖେଳକୁ କୋରୋନା ଏସ୍ ଓ ପିଜ୍ ର ଧ୍ୟାନ ରଖାଯାଇ ଅନୁଷ୍ଠିତ କରାଗଲା । ସେଥିରେ ସାମିଲ୍ ହେବି ପାଇଁ ଭାକ୍ସିନେଶନ୍‌ର ଦୁଇଟିଯାକ ଟିକା ଲଗାଇବା, କୋରୋନା ପରୀକ୍ଷା ନେଗେଟିଭ୍ ଥିବା, ମାସ୍କ ପିନ୍ଧିବା ଏବଂ ସାମାଜିକ ଦୂରତା ବଜାୟ ରଖିବା ଜରୁରୀ ସର୍ତାବଳୀ ଥିଲା । ଏହି ଖେଳ ଅନୁଷ୍ଠିତ କରିବାର ଉଦ୍ଦେଶ୍ୟ Mercy & Mankind ନାମରେ ମାନବସେବା ପାଇଁ ଚାନ୍ଦା ଏକାଠି କରିବାର ଥିଲା ।

ମୋକରମ୍ ସଦର୍ ସାହେବ୍ ମଜ୍‌ଲିସ୍ ଖୁଦ୍ଦାମୁଲ୍ ଅହେମଦୀୟା ବ୍ରିଟେନ୍‌ଙ୍କ ଅନୁରୋଧକୁ ଦୟା ପରବଶ ଗ୍ରହଣ କରି ହଜୁର ଅ:ବ:ଅ ଖେଳାଳିମାନଙ୍କୁ ଉତ୍ସାହିତ କରିବା ପାଇଁ ସେଠାରେ ପହଂଚିଲେ । ଖୁଦ୍ଦାମ ପିଲାମାନଙ୍କ ମଧ୍ୟରେ ହୋଇଥିବା ଦୌଡ଼ିଟଣା ପ୍ରତିଯୋଗିତାର ଫାଇନାଲ ଓ ପୁଣି ସ୍ଲୋ ସାଇକେଲିଙ୍ଗ ପ୍ରତିଯୋଗିତାକୁ ହଜୁର ଅନଓ୍ୱର ଦେଖିଲେ । ମସ୍‌ରୁର୍ ରିଜିଅନ୍ ସହିତ ସମ୍ବନ୍ଧ ରଖିଥିବା ଖାଦିମ୍ ଜାଯିବ୍ ଚିମା ସାହେବଙ୍କୁ ସ୍ଲୋ ସାଇକେଲ୍ ପ୍ରତିଯୋଗିତାରେ ଜିତିବା ଯୋଗୁଁ ହଜୁର ଅନଓ୍ୱର ଅ:ବ:ଅ ଉତ୍ସାହିତ କଲେ ଏବଂ ତାଙ୍କ ନାମ ପଚାରି ବୁଝିଲେ ।

ତା'ପରେ ରିଜିଓନଲ୍ କାଏଦ୍ ଏବଂ ନ୍ୟାଶ୍‌ନାଲ୍ ଅମେଲାର ସଦସ୍ୟମାନଙ୍କ ମଧ୍ୟରେ ଦୌଡ଼ିଟଣାର ପ୍ରଦର୍ଶନୀ ପ୍ରତିଯୋଗିତା ହେଲା । ହଜୁର ଅନଓ୍ୱର ଅ:ବ:ଅ ଦୟାପୂର୍ବକ ପ୍ରତିଯୋଗିତା ଚାଲିଥିବା ସମୟରେ କହିଲେ ଯେ ରିଜିଓନାଲ୍ କାଏଦିନ୍ ଯଦି ଟିକିଏ ବସି ରହିବେ ତା'ହେଲେ ଜିତିଯିବେ । ଅତଏବ ସେହିପରି ହେଲା ଏବଂ ରିଜିଓନଲ୍ କାଏଦିନ୍ ଟିମ୍ ଏହି ପ୍ରତିଯୋଗିତାକୁ ବାଜି ମାରିନେଲା ।

ପ୍ରାୟ ସାତଟା ବେଳେ ହଜୁର ଅନଓ୍ୱର ଅ:ବ:ଅ ଦୁଆ କରାଇଲେ ପୁଣି ଇସ୍‌ଲାମାବାଦ୍ ଲେଉଟି ଆସିଲେ । ମାର୍ଚ୍ଚ ୨୦୨୦ ଠାରୁ କୋରନା ଲକ୍‌ଡ଼ାଉନ୍ ଲଗାଯିବା ପରଠରୁ ଅମୀରୁଲ୍ ମୁମିନିନ୍ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଏପରି କୌଣସି ସର୍ବସାଧାରଣ କାର୍ଯ୍ୟକ୍ରମରେ ପ୍ରଥମ ଥର ପାଇଁ ଯୋଗ ଦେଇଥିଲେ ।

ନୋମାନ୍ ଅହ୍‌ମଦ୍ ମଜ୍‌ଲିସଦ୍ ମଚମପାର୍କ, ଶରିଫ୍ ରିଜିଅନ୍ ନିଜର ମନୋଭାବକୁ ପରିପ୍ରକାଶ କରି କହିଲେ ଯେ ଅଲ୍‌ହମ୍‌ଦୋଲିଲ୍ଲାଃ ବହୁ ଦିନ ପରେ ଆମ ପ୍ରୀୟ ହଜୁର ଆମ ଗହଣରେ ବିରାଜମାନ ହେଲେ । ହଜୁର ଅନଓ୍ୱର ଅ:ବ:ଅ ଯେତେବେଳେ ପଦାର୍ପଣ କଲେ ସେତେବେଳେ ଏପରି ଅନୁଭବ ହେଉଥିଲା ଯେ ଫରିସ୍ତାମାନଙ୍କର ଏକ ଦଳ ଆମ କାର୍ଯ୍ୟକ୍ରମରେ ସାମିଲ ହୋଇଯାଇଛି । ମୁଁ ନିଜକୁ ଯେତେବେଳେ ଦେଖୁଛି ମୁଁ ଏ ଯୋଗ୍ୟ ବୋଲି ମନେ କରୁନାହିଁ । କିନ୍ତୁ ଆମ ପ୍ରୀୟ ହଜୁର, ସାରା ଦୁନିଆର ଇମାମ୍ ଏବଂ ଯୁଗ ଖଲିଫା ଆମ ଗହଣରେ ବିରାଜମାନ ଥିଲେ । ଏକଥାକୁ ଚିନ୍ତା କରି ମୁଁ ଖୁବ୍ ଇସ୍‌ତେଗ୍‌ଫାର୍ କରୁଥିଲି । ମୋ ମନୋଭାବକୁ ବ୍ୟକ୍ତ କରିବା ପାଇଁ ମୋ ନିକଟରେ ଶବ୍ଦ ନାହିଁ ।

ଅଲ୍ଲାଃ ତାଲା ପ୍ରୀୟ ଆକାଙ୍କର ପ୍ରତି କ୍ଷଣ ସମର୍ଥକ ଓ ସାହାଯ୍ୟକାରୀ ହୁଅନ୍ତୁ ଏବଂ ରୁହୁଲ୍ କୁଦୁସ୍‌ଙ୍କ ଜରିଆରେ ପ୍ରତ୍ୟେକ ମୁହୂର୍ତ ସାହାଯ୍ୟ ଓ ସମର୍ଥନ କରିଚାଲନ୍ତୁ । ଆମିନ୍ । ***(ୱେବ୍‌ସାଇଟ ଅଲ୍‌ଫଜଲ୍ ଇଂଟର ନ୍ୟାସନାଲ ଲଣ୍ଡନକୁ ଧନ୍ୟବାଦ)***

**EDITOR**
**Qamarul Haque Khan**
**Sub-Editor : Maqsood Ali Khan**
Mob : (+91) 9437128786
e-mail :odiabadar@gmail.com

**REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750**
*Weekly* **BADAR** *Qadian* ସାପ୍ତାହିକ ବଦର କାଦିଆନ
Dist: Gurdaspur (Pb.) INDIA Qadian - 143516
**Postal Reg. No.GDP-40/2020-2022 Vol.6 Thursday 29 July 2021 Issue No. 30**

**MANAGER**
**SHAIKH MUJAHID AHMAD**
Mobile. : +91 99153 79255
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.575/- (Per Issue:Rs.10/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ୟୁରୋପ ଗସ୍ତ - (ସେପ୍ଟେମ୍ବର, ଅକ୍ଟୋବର ୨୦୧୯)

## ୨୬ ଅକ୍ଟୋବର ୨୦୧୯ (ଶନିବାର)

### ରିପୋର୍ଟର ବଳକାଅଂଶ ମସ୍‌ଜିଦ୍ ବଇତୁଲ୍ ବସିରର ଉଦ୍‌ଘାଟନୀ ଉତ୍ସବରେ ହଜୁର ଅନଓ୍ୱର ଅ:ବ:ଅଙ୍କ ଉଦ୍‌ବୋଧନର ବଳକାଅଂଶ

ଏହି ଉଦ୍‌ଘାଟନୀ ଉତ୍ସବର ଅଭିଭାଷଣ ପରେ ଠିକ୍ ସନ୍ଧ୍ୟା ୭ଟାରେ ହଜୁର ଅନଓ୍ୱର ଅ:ବ:ଅ ମସ୍‌ଜିଦ୍ ବଇତୁଲ୍ ବସିର୍ (ମେହେଦୀ ଆବାଦ୍)ରେ ପଦାର୍ପଣ କରି ମଗରିବ୍ ଏବଂ ଇଶା ନମାଜ ଜମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ । ଆଜି ପ୍ରୋଗ୍ରାମ ମୁତାବକ ମେହେଦୀ ଆବାଦ୍ (Nahe) ଠାରୁ ଓସନାବର୍କ (Osnabruck) ନିମନ୍ତେ ଯାତ୍ରା କରିବାର ଥିଲା ।

ହଜୁର ଅନଓ୍ୱର ଅ:ବ:ଅଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇବା ପାଇଁ ଯମାତ୍‌ର ବହୁ ସଂଖ୍ୟକ ସଦସ୍ୟ ମେହେଦୀ ଆବାଦ୍‌ଠାରେ ଏକାଠି ହୋଇଥିଲେ । ଛୋଟ ଛୋଟ ପୁଅ ଏବଂ ଝିଅପିଲାମାନେ ବିଦାୟମୂଳକ ନଜମ୍ ଦଳ ହୋଇ ପାଠ କରୁଥିଲେ । ଠିକ୍ ୭:୫୫ ମିନିଟରେ ହଜୁର ଅନଓ୍ୱର ଅ:ବ:ଅ ବାହାରକୁ ବାହାରିଲେ ଓ ଲୋକମାନଙ୍କ ଗହଣରେ କିଛି ସମୟ ପାଇଁ ବିରାଜମାନ ହେଲେ । ଉପସ୍ଥିତ ଲୋକମାନେ ହଜୁରଙ୍କୁ ଦର୍ଶନ କରୁଥିଲେ । ଠିକ୍ ୮ଟା ବେଳେ ହଜୁର ଅନଓ୍ୱର ଅ:ବ:ଅ ଦୁଆ କରାଇଲେ ତା'ପରେ କାଫିଲା ମେହେଦୀ ଆବାଦ୍‌ରୁ ଓସନାବର୍କ ନିମନ୍ତେ ଯାତ୍ରା କଲା ।

ମେହେଦୀ ଆବାଦ୍‌ଠାରୁ ଓସନାବର୍କର ଦୂରତା ହେଉଛି ୨୬୨ କିମି । ପ୍ରାୟ ଅଢ଼େଇ ଘଂଟା ଯାତ୍ରା କରିବା ପରେ ରାତି ୧୦:୩୦ ସମୟରେ ମସ୍‌ଜିଦ୍ ବିଶାରତ୍ ଓସନାବର୍କଠାରେ କାଫିଲା ପହଂଚିଲା । ଯମାତ୍ ଓସନାବର୍କର ସଦସ୍ୟମାନେ ପ୍ରୀୟ ଆକାଙ୍କର ଭରପୂର ସ୍ୱାଗତ କଲେ ।

ହଜୁର ଅନଓ୍ୱର ଅ:ବ:ଅ ଯେଉଁ କ୍ଷଣି ଗାଡ଼ି ଭିତରୁ ବାହାରକୁ ବାହାରିଲେ ଓସନାବର୍କ ଯମାତ୍‌ର ସଦର ସାହେବ ମଲକ ନଓ୍ୱିଦ୍ ଅହେମଦ୍ ସାହେବ୍ ଏବଂ ମୁବଲିଗ୍ ସିଲ୍‌ସିଲା ହନାନ୍ ସୁଭି ସାହେବ ହଜୁର ଅନଓ୍ୱର ଅ:ବ:ଅଙ୍କୁ ସ୍ୱାଗତ ଜଣାଇଲେ ଏବଂ ହାତ ମିଳାଇଲେ । ହଜୁର ଅନଓ୍ୱର ଅ:ବ:ଅ ନିଜ ହାତକୁ ଉପରକୁ ଉଠାଇ ସମସ୍ତଙ୍କୁ ଅସ୍‌ସଲାମୋ ଆଲୈକୁମ୍ କହିଲେ ପୁଣି ନିଜ ଆବାସସ୍ଥଳୀ ନିକଟକୁ ଚାଲିଗଲେ । ମସ୍‌ଜିଦ୍ ବିଶାରତ୍ ସହିତ ସଲଗ୍ନ ମିଶନ ହାଉସର ଆବାସସ୍ଥଳୀରେ ହିଁ ହଜୁର ଅନଓ୍ୱର ଅ:ବ:ଅଙ୍କ ରହିବାର ବ୍ୟବସ୍ଥା କରାଯାଇଥିଲା ।

### ଅତିଥିମାନଙ୍କ ମନୋଭାବ ବ୍ୟକ୍ତ

ମସ୍‌ଜିଦ୍ ବଇତୁଲ୍ ବସିର୍ ମେହେଦୀ ଆବାଦ୍‌ର ଉଦ୍‌ଘାଟନୀ ସମ୍ବନ୍ଧରେ ଆଜିରେ ଏହି ସଭାରେ ହଜୁର ଅନଓ୍ୱର ଅ:ବ:ଅଙ୍କ ଅଭିଭାଷଣଟି ଅତିଥିମାନଙ୍କ ମନ ଉପରେ ଗଭୀର ପ୍ରଭାବ ପକାଇଥିଲା । ଅନେକ ଅତିଥି ନିଜ ନିଜର ମନୋଭାବକୁ ପ୍ରକାଶ ମଧ୍ୟ କରିଛନ୍ତି । କିଛି ଅତିଥିମାନଙ୍କ ମନୋଭାବ ନିମ୍ନରେ ଦିଆଯାଉଅଛି ।

Guido Gerdemann ସାହେବ ନିଜର ମନୋଭାବକୁ ବ୍ୟକ୍ତ କରି କହୁଛନ୍ତି ଆଜିକାର ଏହି ପ୍ରୋଗ୍ରାମ ମତେ ବହୁତ ଭଲ ଲାଗିଲା । ହିଜ୍ ହୋଲିନେସ୍‌ଙ୍କ ଅଭିଭାଷଣ ମତେ ବହୁତ ଭଲ ଲାଗିଲା କାରଣ ସେ ସେହି ଭାଲ୍ୟୁଜ୍ କୁ ବର୍ଣ୍ଣନା କଲେ ଯାହାକୁ ଆମେ ସମସ୍ତେ ଆପଣାଇବା ଉଚିତ । ଆଜିକାଲି ଏହି ମୂଲ୍ୟବୋଧ ବହୁତ ଗୁରୁତ୍ୱପୂର୍ଣ୍ଣ କାରଣ ଏହା ଦ୍ୱାରା ଭାଇଚାରା ଏବଂ ଶାନ୍ତି ପ୍ରତିଷ୍ଠା ହୋଇପାରିବ । ଯମାତ୍ ଅହେମଦିୟାର ଇମାମ୍‌ଙ୍କ ବ୍ୟକ୍ତିତ୍ୱ ମତେ ବହୁତ ପ୍ରେମପୂର୍ଣ୍ଣ ଓ ଶାନ୍ତିପୂର୍ଣ୍ଣ ଲାଗିଲା ।

ଆଉ ଜଣେ ଅତିଥି Jan Eders ସାହେବ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ: ମତେ ଆଜିର ଏହି ସଭାଟି ବହୁତ ଆଗ୍ରହପୂର୍ଣ୍ଣ ଲାଗିଲା କାରଣ ମୁଁ ଏହି ଭଳି କୌଣସି ସଭାରେ ପ୍ରଥମଥର ପାଇଁ ସାମିଲ ହୋଇଛି । ଖଲିଫାଙ୍କ ଅଭିଭାଷଣରେ ମତେ ଯେଉଁ କଥା ବହୁତ ଭଲ ଲାଗିଲା ତାହା ଏହା ଥିଲା କି ସେ, ତାଙ୍କ ପୂର୍ବରୁ ବକ୍ତବ୍ୟ ପ୍ରଦାନ କରିଥିବା ଲୋକମାନଙ୍କ କଥାକୁ ମଧ୍ୟ ନିଜ ଭାଷଣରେ ସାମିଲ କଲେ ।

Steffan Merdag ସାହେବ କହୁଛନ୍ତି ଇମାମ୍ ଯମାତ୍‌ଙ୍କ ବ୍ୟକ୍ତିତ୍ୱ ମତେ ବହୁତ ଆକର୍ଷଣୀୟ ଲାଗିଲା । ତାଙ୍କ କଥା ଗୁଡ଼ିକ ସହିତ ମୁଁ ସମ୍ପୂର୍ଣ୍ଣ ରୂପେ ସହମତ । ବିଶେଷ ରୂପେ ମତେ ତାଙ୍କର ସେହି କଥା ଭଲ ଲାଗିଲା ।ସ ମରନବିକ ମୂଲ୍ୟବୋଧ ପ୍ରସଙ୍ଗରେ ବର୍ଣ୍ଣନା କଲେ ଏବଂ ଏହା ହେଉଛି ଏପରି ଏକ ବିଷୟ ଯାହା ପ୍ରତ୍ୟେକ ମନୁଷ୍ୟ ପାଇଁ ଗରୁତ୍ୱପୂର୍ଣ୍ଣ ।

Consultant of Ministerpresident Ulf Daude ସାହେବ କହୁଛନ୍ତି: ଖଲିଫାଙ୍କର ଭାଷଣ ବହୁତ ଚମତ୍କାର ଥିଲା । ଯେଉଁ କଥା ତାଙ୍କ ଭାଷଣରେ ମତେ ଅତ୍ୟନ୍ତ ଭଲ ଲାଗିଲା ତାହା ଏହା ଥିଲା ଯେ, ସେ ଏପରି ପାର୍ଶ୍ୱଗୁଡ଼ିକୁ ବର୍ଣ୍ଣନା କଲେ ଯାହା ସବୁ ଧର୍ମରେ ଏକତାକୁ ସୃଷ୍ଟି କରିପାରୁଥିବ । ମୁଁ ତ' ଜଣେ ଖ୍ରୀଷ୍ଟିଆନ୍ ଚର୍ଚ୍ଚର ସଦସ୍ୟ ଆମର ଉପାସନା ଶୈଳୀ ଏବଂ ଆପଣଙ୍କ ଧର୍ମର ଉପାସନା ପଦ୍ଧତି ମଧ୍ୟରେ ବହୁତ ଗୁଡ଼ିଏ କଥା ଫରକ ଅଛି କିନ୍ତୁ ଏହା ସତ୍ତ୍ୱେ ମଧ୍ୟ ଇମାମ୍ ଯମାତ୍ ଏମିତି ପାର୍ଶ୍ୱକୁ ବର୍ଣ୍ଣନା କଲେ ଯାହାକୁ ପ୍ରତ୍ୟେକ ସମର୍ଥନ କରିପାରିବେ । ମୋର ତ' ଏ ବିଶ୍ୱାସ ଯେ, ଆମ ସମସ୍ତଙ୍କର ଈଶ୍ୱର ହେଉଛନ୍ତି ଏକ, କେବଳ ଉପାସନାର ପଦ୍ଧତି ଗୁଡ଼ିକ ଭିନ୍ନ ଭିନ୍ନ ।

ପୁଣି ସେ ମହାଶୟ କହିଲେ ଯେ, ଖଲିଫା ହେଉଛନ୍ତି ଏପରି ଏକ ବ୍ୟକ୍ତି ବିଶେଷ ତାଙ୍କ ଉପରେ ଧ୍ୟାନ କେନ୍ଦ୍ରିଭୂତ ହୋଇଯାଉଅଛି । ଅବଶ୍ୟ ମତେ ଉର୍ଦ୍ଦୁ ଜଣାନାହିଁ ଏହା ସତ୍ତ୍ୱେ ମଧ୍ୟ ମୁଁ ଗୋଟିଏ କାନରେ ତାଙ୍କ କଥାଗୁଡ଼ିକୁ ଧ୍ୟାନ ଦେଇ ଶୁଣୁଥିଲି ଯାଦ୍ୱାରା ମୁଁ ଏହା ଜାଣିପାରିବି ଯେ, ଖଲିଫାଙ୍କ କଥାଗୁଡ଼ିକ ମୋ ଉପରେ କ'ଣ ପ୍ରଭାବ ପକାଇଲା । ମତେ ଏହା ବିଶ୍ୱାସ କରିବାକୁ ପଡ଼ିବ ଯେ, ତାଙ୍କର ଅସ୍ତିତ୍ୱ ହେଉଛି ଏପରି ଯେ, ମୁଁ ଗୋଟିଏ କ୍ଷଣ ଏଠାରୁ ଉଠି ଅନ୍ୟତ୍ର ଯିବା ପାଇଁ ସାହାସ କରିପାରିଲି ନାହିଁ ।

ଏହି ସଭାରେ ସାମିଲ ହୋଇଥିବା ଜଣେ ମହିଳା ଅତିଥି Barbera Gunther ସାହିବା କହୁଛନ୍ତି: ଯେତେବେଳେ ମୁଁ ପ୍ରଥମ ଥର ପାଇଁ ଖଲିଫାଙ୍କୁ ଦେଖିବାକୁ ପାଇଲି ମତେ ତାଙ୍କ ପ୍ରତି ଭକ୍ତିଭାବ ଅନୁଭବ ହେଲା ଓ ଏ କଥା ଅନୁଭବ ହେଲା ଯେ, ସେ ହେଉଛନ୍ତି ଜଣେ ଅତ୍ୟନ୍ତ ସମ୍ମାନୀତ ବ୍ୟକ୍ତି । ଖଲିଫାଙ୍କ ଭାଷାରେ ଗୋଟିଏ କଥା ଭଲ ଲାଗିଲା ଯାହାକୁ ଆମେ ସମସ୍ତେ ଧ୍ୟାନ ଦେବା ଉଚିତ ଏବଂ ତା ଉପରେ ପରିଚାଳିତ ହେବା ଉଚିତ । ସେହି କଥାଟି ହେଉଛି ଏହା କି, ଆମେ ଏପରି କଥାଗୁଡ଼ିକ ଉପରେ ଚିନ୍ତନ କରିବା ଉଚିତ ଯାହା ଆମ ମଧ୍ୟରେ ଏକତା ସୃଷ୍ଟି କରୁଥିବ ।

ଆଉ ଜଣେ ଅତିଥି Kai vogel ସାହେବ ଯାହାଙ୍କର ସମ୍ବନ୍ଧ ସ୍ଥାନୀୟ ଆସେମ୍ଲି ସହିତ ରହିଛି ସେ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ: ମତେ ଆଜି ଏହି ସଭାରେ ସାମିଲ ହୋଇ ବହୁତ ଖୁସି ଲାଗିଲା କାରଣ ଏହି ମସ୍‌ଜିଦ୍‌ର ଉଦ୍‌ଘାଟନ କେବଳ ଯମାତ୍‌ର ସଦସ୍ୟମାନଙ୍କ ପାଇଁ ନଥିଲା ବରଂ ଏହି ଇଲାକ ପାଇଁ ମଧ୍ୟ ବହୁତ ଖୁସିର ଅବସର ଥିଲା । ଯେବେ ଖଲିଫାଙ୍କୁ ଦେଖିଥାଉ ସଙ୍ଗେ ସଙ୍ଗେ ଏକଥା ସ୍ପଷ୍ଟ ହୋଇଗଲା କି ସେ ଜଣେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତି ବିଶେଷ । ମୋ ନିକଟରେ ଯେମିତି ପୋପ କ୍ୟାଥୋଲିକ୍‌ଙ୍କର ପଦମର୍ଯ୍ୟାଦା ଇସାଇଙ୍କ ମଧ୍ୟରେ ଥାଏ ସେହିପରି ଖଲିଫାଙ୍କର ପଦମର୍ଯ୍ୟାଦା ଆପଣମାନଙ୍କର ଯମାତ୍‌ର ଲୋକାମାନଙ୍କ ପାଇଁ ରହିଛି । ମୋ ପାଇଁ ମଧ୍ୟ ଏହା ଏକ ବଡ଼ ସମ୍ମାନର କଥା ଥିଲା ଯେ, ମତେ ଏମିତି ଜଣେ ବ୍ୟକ୍ତିବିଶେଷଙ୍କ ସହିତ କଥା ହେବା ପାଇଁ ଅବସର ମିଳିଲା ଓ ମତେ ଏହି ସାକ୍ଷାତ ବହୁତ ବାବରକତ୍ ଅନୁଭବ ହେଲା । ପୁଣି ଖଲିଫାଙ୍କ ଅଭିଭାଷଣରେ ମତେ ଏ କଥା ବହୁତ ଗୁରୁତ୍ୱପୂର୍ଣ୍ଣ ଲାଗିଲା ଯେ, ଆମ ସମସ୍ତଙ୍କୁ ଅନ୍ୟ ମାନଙ୍କ ସମ୍ବନ୍ଧରେ ଯେଉଁ ଶଙ୍କା ଓ ସନ୍ଦେହ ରହିଛି ତାହାକୁ ଶେଷ କରିବା ପଡ଼ିବ ତେବେ ଯାଇ ଶାନ୍ତି ପ୍ରତିଷ୍ଠା ହୋଇପାରିବ ତେବେ ଯାଇ ଏ ଯୁଗର ଉପୁଜିଥିବା ସମସାଗୁଡ଼ିକର ଶେଷ ହୋଇପାରିବ ।

ଆଉ ଜଣେ ଅତିଥି Steffan Weber ଯିଏ ସ୍ଥାନୀୟ ଆସେମ୍ବିଲ୍‌ର ସଦସ୍ୟ ଅଛନ୍ତି ସେ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ, ଏହି ଭାଷଣଟି ବହୁତ ସୁନ୍ଦର ଥିଲା ଓ ସଭାଟି ସଫଳ ହେଲା ଆପଣ ସମସ୍ତେ ବହୁତ ପ୍ରେମ ଓ ସ୍ନେହ କରୁଥିବା ଲୋକ ଅଟନ୍ତି ଖଲିଫା ସାହେବଙ୍କର ଅଭିଭାଷଣ ମଧ୍ୟ ଅତ୍ୟନ୍ତ ସୁନ୍ଦର ଥିଲା ସେ ପ୍ରଥମେ ଦେଇଥିବା ବକ୍ତାମାନଙ୍କ ବକ୍ତବ୍ୟର ସାରାଂଶ ବର୍ଣ୍ଣନା କଲେ ତା'ପରେ ନିଜର ମନୋଭାବକୁ ସେଥିରେ ଯୋଡ଼ିଲେ, ଏହି ଭଳି ଗୋଟିଏ ଆଗ୍ରହର ବିଷୟବସ୍ତୁ ସ୍ଥାପନ ହୋଇଗଲା । ମୁଁ ତ' ବହୁତ ଧ୍ୟାନ ଦେଇ ତାଙ୍କ ଭାଷଣକୁ ଶୁଣୁଥିଲି ।

ଆଉ ଜଣେ ମହିଳା ଅତିଥି Elke Christina Roder ସାହିବା ଯିଏ ନର୍ଡରଷ୍ଟେଡ୍ ସହରର ଲର୍ଡ ମେୟର ଅଟନ୍ତି ସେ ନିଜର ମନୋଭାବ ବ୍ୟକ୍ତ କରି କହିଲେ: ପ୍ରୋଗ୍ରାମର ବ୍ୟବସ୍ଥା ବହୁତ ସୁନ୍ଦର ଥିଲା ସେଠାରେ କେହି ନା କେହି ମୋ ସାଙ୍ଗରେ ରହୁଥିଲେ ଯିଏ ମୋ ପ୍ରଶ୍ନଗୁଡ଼ିକର ଉତର ଦେଉଥିଲେ ମୋ ନିକଟରେ ଖଲିଫା ହେଉଛନ୍ତି ଜଣେ ଅତ୍ୟନ୍ତ ପ୍ରଭାବଶାଳୀ ବ୍ୟକ୍ତି ବିଶେଷ । ଖାଇବା ସମୟରେ ମତେ ଖଲିଫାଙ୍କ ସହିତ ବାର୍ତାଳାପ କରିବାର ଅବସର ମିଳିଲା ସେ ବହୁତ ସୁନ୍ଦର ବ୍ୟକ୍ତି ଅଟନ୍ତି ଓ ବିଶେଷ ରୂପେ ଆଜି ଆମକୁ ସେ ଯେଉଁ କଥା ବତାଇଛନ୍ତି ତାହା ଦ୍ୱାରା ଆମମାନଙ୍କ ମଧ୍ୟରେ ଅନେକ ଲୋକଙ୍କର ଇସ୍‌ଲାମ୍ ପ୍ରତି ଥିବା ଦୃଷ୍ଟିକୋଣ ବଦଳି ଯାଇଥିବ । ସେ ବିଶେଷ ରୂପେ ଏ କଥା ଉପରେ ଜୋର୍ ଦେଲେ ଯେ, ଶାନ୍ତି ପ୍ରତିଷ୍ଠା ପାଇଁ ଆମ ସମସ୍ତଙ୍କୁ ମିଳିମିଶି ଚଳିବାକୁ ପଡ଼ିବ । ଏହି କଥା ଯୋଗୁଁ ମୁଁ ତାଙ୍କୁ ଧନ୍ୟବାଦ ଅର୍ପଣ କରୁଅଛି ଏବଂ ମୋର ଏ ଆନ୍ତରିକ ଇଚ୍ଛା ଯେ, ଖଲିଫାଙ୍କର ଏହି ବାର୍ତାକୁ ଯମାତ୍‌ର ସଦସ୍ୟମାନେ ଏବେ ନର୍ଡରଷ୍ଟେଡ୍‌ର ଅନ୍ୟ ବାସିନ୍ଦା ପର୍ଯ୍ୟନ୍ତ ପହଂଚାନ୍ତୁ ଆଜିର ଦିନଟି ମୋ ପାଇଁ ବହୁତ ଲାଭପ୍ରଦ ଥିଲା । ସେଥି ପାଇଁ ମୁଁ ଆପଣମାନଙ୍କର କୃତଜ୍ଞ ।

Angelica Rubmann ସାହିବା ଏବଂ ତାଙ୍କର ସ୍ୱାମୀ Karlhermann ସାହେବ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ: ଆଜି ଏଠାରେ ଖଲିଫାଙ୍କର ଉପସ୍ଥିତି ଅତ୍ୟନ୍ତ ଆକର୍ଷଣୀୟ ଅନୁଭବ ହେଉଥିଲା ତାଙ୍କ

*ଅବଶିଷ୍ଟାଂଶ ପୃଷ୍ଠା- ୦୯ ରେ ଦେଖନ୍ତୁ...*

**Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan**